**ରିପୋର୍ଟ ଯୋଗ୍ୟ**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**

**ଦେୱାନୀ ଆବେଦନ କ୍ଷେତ୍ରାଧିକାର**

**<u>ଦେୱାନୀ ଆବେଦନ ସଂଖ୍ୟା ୬୮୦୫ /୨୦୨୨</u>**

**ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ ଓକିଲ ସଂଘ ...ଆବେଦନକାରୀ**

**ବନାମ**

**ଭାରତ ସଂଘ ଏବଂ ଅନ୍ୟମାନେ ...ଉତ୍ତରଦାତା**

ଏବଂ ଏହା ସହିତ

**<u>ଦେୱାନୀ ଆବେଦନ ସଂଖ୍ୟା ୬୮୦୬/୨୦୦୨</u>**

## ରାୟ

## ଡ . ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼, ପ୍ରଧାନ ବିଚାରପତି, ଭାରତ

ସୂଚୀପତ୍ର


କ. ପୃଷ୍ଠଭୂମି..........................................................................୪

୧. ତଥ୍ୟଭିତ୍ତିକ ପୃଷ୍ଠଭୂମି..............................................................୪

୨. ଆକ୍ଷେପିତ ରାୟ ....................................................................୧୦

ଖ.ଉପସ୍ଥାପନା .........................................................................୧୨

ଗ. ପ୍ରସଙ୍ଗ..............................................................................୧୬

ଘ. ବିଶ୍ଳେଷଣ...........................................................................୧୮

୧. ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ ଏବଂ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣ ଉଚ୍ଛେଦ ପରେ ଆରମ୍ଭ ହୋଇଥିବା କାର୍ଯ୍ୟଧାରାର ସଂକ୍ଷିପ୍ତ ବିବରଣୀ ........................................................................ ୧୮

କ. ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣର ଉଚ୍ଛେଦ..................... ୧୮

ଖ. ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣ ର ଉଚ୍ଛେଦ.......................... ୨୦

୨. ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ରିଟ ପିଟିସନ ବିଚାରଯୋଗ୍ୟ ଥିଲା ..........................................................................୨୧

୩. ଅନୁଚ୍ଛେଦ ୩୨୩ -କ କେନ୍ଦ୍ର ସରକାରଙ୍କୁ ସ୍ୟାଟ ଗୁଡିକୁ ଉଚ୍ଛେଦ କରିବାକୁ ବାରଣ କରେନାହିଁ.....................................................................୨୪

୪. ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ର ପ୍ରଯୋଜ୍ୟତା ..................୩୧

କ. ଓଏଟି ପ୍ରତିଷ୍ଠା ନିମିତ୍ତ ପ୍ରଶାସନିକ ଆଦେଶ ଉପରେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ର ଲାଗୁ କରିବା ଉପରେ କୌଣସି କଟକଣା ନାହିଁ.................୩୨

ଖ. ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ପାଇଁ ଅନ୍ୟଥା ପ୍ରଯୁଜ୍ୟ.........................................................................୩୬

**୫. ୨ ଅଗଷ୍ଟ, ୨୦୧୯ ରେ ଜାରି ଅଧିସୂଚନା ସମ୍ବିଧାନର ଅନୁଚ୍ଛେଦ ୧୪ ର ଉଲ୍ଲଙ୍ଘନ କରୁନାହିଁ ................................................................୪୬**

କ.୨ ଅଗଷ୍ଟ, ୨୦୧୯ ରେ ଜାରି ଅଧିସୂଚନା ଅପ୍ରାସଙ୍ଗିକ କିମ୍ବା ବାହ୍ୟ ବିଚାରଧାରା ଉପରେ ଆଧାରିତ ନୁହେଁ...............................................................୪୬

ଖ. ପ୍ରାକୃତିକ ନ୍ୟାୟ ସିଦ୍ଧାନ୍ତକୁ ଉଲ୍ଲଂଘନ କରାଯାଇନାହିଁ............................୫୫

**୬. ଓଏଟି ପ୍ରତିଷ୍ଠା କରିବା ପରେ କେନ୍ଦ୍ର ସରକାର ଅଧିକାରହୀନ ହୋଇ ନଥିଲେ ..................................................................................୫୭**

**୭. ଭାରତର ରାଷ୍ଟ୍ରପତିଙ୍କ ନାମରେ ପ୍ରକାଶ କରାଯାଇନଥିଲେ ମଧ୍ୟ ୨ ଅଗଷ୍ଟ, ୨୦୧୯ ରେ ଜାରି କରାଯାଇଥିବା ଅଧିସୂଚନା ବୈଧ............................୬୦**

**୮. ଓଏଟି ଉଚ୍ଛେଦ ନ୍ୟାୟ ପାଇବା ପାଇଁ ମୌଳିକ ଅଧିକାରର ଉଲ୍ଲଂଘନ ନୁହେଁ.....................................................................................୬୭**

**୯. ରାଜ୍ୟ ସରକାର ନିଜ ଭୁଲର ଫାଇଦା ଉଠାଇ ନଥିଲେ .......................୬୯**

**୧୦. ଓଏଟି ଉଚ୍ଛେଦ ପୂର୍ବରୁ ନ୍ୟାୟିକ ପ୍ରଭାବ ଆକଳନ କରିବାରେ କେନ୍ଦ୍ର ସରକାରଙ୍କ ବିଫଳତା ଓଏଟି ଉଚ୍ଛେଦ କରିବାକୁ ଏହାଙ୍କ ନିଷ୍ପତ୍ତିକୁ ଅସିଦ୍ଧ କରୁନାହିଁ..................................................................୭୦**

**୧୧. ବିବିଧ ଯୁକ୍ତି.......................................................................୭୩**

**ଙ. ନିଷ୍କର୍ଷ ଏବଂ ଉପସଂହାର ....................................................୭୩**

**ଭାଗ କ**

୧. ଅନ୍ତରୀଣ ପ୍ରାର୍ଥନା ସଂଖ୍ୟା ୫୨୩୮୫ /୨୦୨୨(ଶ୍ରୀ ସି ରବିଚନ୍ଦ୍ରନ ଆୟରଙ୍କ ଦ୍ୱାରା ହସ୍ତକ୍ଷେପ ପାଇଁ ଆବେଦନ) କୁ ଅନୁମତି ଦିଆଯାଇଛି ।

## କ. ପୃଷ୍ଠଭୂମି

୧. ତଥ୍ୟଭିତ୍ତିକ ପୃଷ୍ଠଭୂମି

୨. ଓଡିଶା ପ୍ରଶାସନିକ ନ୍ୟାୟାଧିକରଣ [1] ଉଚ୍ଛେଦକୁ ଆହ୍ୱାନ କରି ଦାଖଲ କରାଯାଇଥିବା ଅନେକ ରିଟ୍ ପିଟିସନ ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଜୁନ ୭, ୨୦୨୧ ତାରିଖର ରାୟ ଉପରେ ଏହି ଆବେଦନ କରାଯାଇଛି । ଏହି ଆବେଦନରେ ପ୍ରସଙ୍ଗ ସବୁକୁ ସୃଷ୍ଟି କରିଥିବା ତଥ୍ୟ ପ୍ରଦାନ କରିବା ପୂର୍ବରୁ, ଏହା ବୁଝିବା ଆବଶ୍ୟକ ଯେ ସେମାନେ କେଉଁ ପ୍ରସଙ୍ଗରେ ଉତ୍ଥାନ ହୋଇଛନ୍ତି ।

୩. ସଂସଦ ଭାରତୀୟ ସମ୍ବିଧାନର ଭାଗ ୧୪ (କ) କୁ ସମ୍ବିଧାନ (ବୟାଳିଶିତମ ସଂଶୋଧନ ) ଅଧିନିୟମ , ୧୯୭୬ ଦ୍ୱାରା ଯୋଡ଼ିଲେ । ଭାଗ ୧୪ (କ ) ଦୁଇଟି ଅନୁଚ୍ଛେଦକୁ ନେଇ ଗଠିତ, ଅନୁଚ୍ଛେଦ ୩୨୩ (କ ) ଏବଂ ଅନୁଚ୍ଛେଦ ୩୨୩ (ଖ)। ଅନୁଚ୍ଛେଦ ୩୨୩(କ) ସଂସଦକୁ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା କେତେକ ବିବାଦର ବିଚାର ପାଇଁ କ୍ଷମତା ପ୍ରଦାନ କରିଥାଏ ।ଭାରତ ସରକାରଙ୍କ ନିୟନ୍ତ୍ରଣାଧୀନ ବା ସରକାରଙ୍କ ନିୟନ୍ତ୍ରଣାଧୀନ କୌଣସି ନିଗମର କାର୍ଯ୍ୟ ସହିତ ସଂଶ୍ଳିଷ୍ଟ କୌଣସି ରାଜ୍ୟ ବା ସ୍ଥାନୀୟ ବା ଅନ୍ୟ ପ୍ରାଧିକାରୀଙ୍କ କାର୍ଯ୍ୟ ସହିତ ସଂଶ୍ଳିଷ୍ଟ ସାର୍ବଜନୀନ ସେବା ଓ ପଦରେ ନିଯୁକ୍ତ ବ୍ୟକ୍ତିମାନଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ ସମ୍ବନ୍ଧୀୟ ବିବାଦ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ମୀମାଂସା କରାଯାଇ ପାରିବ। ଅନୁଚ୍ଛେଦ ୩୨୩ (ଖ) ରାଜ୍ୟ ବିଧାନସଭାଗୁଡ଼ିକୁ କେତେକ ବିବାଦର ବିଚାର (ଅନୁଚ୍ଛେଦ ୩୨୩ ଖ ର ଅନୁବିଧି ୨ ରେ ପ୍ରଗଣିତ) ନ୍ୟାୟାଧିକରଣଙ୍କ ଦ୍ୱାରା କରିବାର କ୍ଷମତା ପ୍ରଦାନ କରିଥାଏ ।

[1] "ଓଏଟି"

୪. ଅନୁଚ୍ଛେଦ ୩୨୩ କ (୧ ) ଦ୍ୱାରା  ପ୍ରଦତ୍ତ କ୍ଷମତା ଅନୁସାରେ ସଂସଦ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ୧୯୮୫[2] ପ୍ରଣୟନ କରିଛନ୍ତି । ଏହି ବିଧାନର ଉଦ୍ଦେଶ୍ୟ ଏବଂ କାରଣର ବିବରଣ ଅଭିଲିଖିତ କରେ ଯେ ଏହା ଅନୁଚ୍ଛେଦ ୩୨୩ କ କୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଣୟନ କରାଯାଇଥିଲା, ଏବଂ  ଏହା ମଧ୍ୟ କାରଣ :

> "ବିଭିନ୍ନ ନ୍ୟାୟାଳୟରେ  ଚାକିରୀ ସେବା ସଂକ୍ରାନ୍ତ ବହୁ ମାମଲା ବିଚାରାଧୀନ ରହିଛି।ଏହା ଆଶା କରାଯାଏ  ଯେ କେବଳ  ଚାକିରୀ ସେବା ସମ୍ବନ୍ଧୀୟ ମାମଲା ଗୁଡିକର ନିୟନ୍ତ୍ରଣ ପାଇଁ ଏପରି ପ୍ରଶାସନିକ ନ୍ୟାୟାଧିକରଣ ଗଠନ  କେବଳ ବିଭିନ୍ନ ଅଦାଲତର ଭାରକୁ  ହ୍ରାସ କରିବା ସହିତ  ଅନ୍ୟ ମାମଲା ଗୁଡିକର ଶୀଘ୍ର ନିୟନ୍ତ୍ରଣ ପାଇଁ ଅଧିକ ସମୟ  ଦେବ ନାହିଁ , ବରଂ ପ୍ରଶାସନିକ ନ୍ୟାୟାଧିକରଣ ଅଧୀନରେ ଆସୁଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ ଲାଗି ଅଧିକ ସମୟ ଯୋଗାଇଦେବ" ।

୫. ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪ (୧ ) ପ୍ରଦାନ କରେ ଯେ କେନ୍ଦ୍ର ସରକାର ଏକ ପ୍ରଶାସନିକ ନ୍ୟାୟାଧିକରଣ ପ୍ରତିଷ୍ଠା କରିବେ, ଯାହାକି "କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ" [3] ନାମରେ ପରିଚିତ ହେବ, ଯାହା ସଂଘ କିମ୍ବା ସର୍ବ ଭାରତୀୟ[4] ସେବା ଅଧୀନରେ ଥିବା ପଦବୀରେ ବ୍ୟକ୍ତିଙ୍କ ପାରିଶ୍ରମିକ, ଅବସରକାଳୀନ ଭତ୍ତା, କାର୍ଯ୍ୟକାଳ, ଛୁଟି ଏବଂ ଶୃଙ୍ଖଳା ସମ୍ବନ୍ଧୀୟ ବିବାଦ ସହିତ ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ ସମ୍ବନ୍ଧୀୟ ବିବାଦକୁ ସମାଧାନ କରିବ। [5]

ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ୪(୨ ) ଅନୁଯାୟୀ କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ଏକ ନିର୍ଦ୍ଦିଷ୍ଟ ରାଜ୍ୟ ପାଇଁ ପ୍ରଶାସନିକ ନ୍ୟାୟାଧିକରଣ ପ୍ରତିଷ୍ଠା କରିପାରିବେ।  ଥରେ ସୃଷ୍ଟି ହେବା ପରେ, ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ[6] ଉପରେ ସମ୍ପୃକ୍ତ ରାଜ୍ୟ କିମ୍ବା ସେହି ରାଜ୍ୟର କୌଣସି ବେସାମରିକ ନିଯୁକ୍ତି [7] ଅଧୀନରେ ପଦବୀ ପୂରଣ ଏବଂ ସେବା ସର୍ତ୍ତାବଳୀ ସମ୍ବନ୍ଧୀୟ ବିବାଦ ଏବଂ

[2] "ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ"

[3] "କ୍ୟାଟ"

[4] ଧାରା ୩(ଥ) ସହିତ ଧାରା ୧୪,ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ

[5] ଧାରା ୩(ଥ), ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ

[6] "ସ୍ୟାଟ"

[7] ଧାରା ୩(ଥ) ସହିତ ଧାରା ୧୫,ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ

ବେତନ, ପେନସନ୍, କାର୍ଯ୍ୟକାଳ, ଛୁଟି ଏବଂ ଶୃଙ୍ଖଳା ବିଷୟ[୮] ସହିତ ଜଡ଼ିତ ବିବାଦ ଉପରେ ସ୍ୱତନ୍ତ୍ର ଅଧିକାରିତା ପ୍ରୟୋଗ କରିବାର ଦାୟିତ୍ୱ ନ୍ୟସ୍ତ ହୋଇଥାଏ ।

୬ . କ୍ୟାଟର ଅଧିକାରିତା କ୍ଷେତ୍ର ସମ୍ପ୍ରସାରିତ[୯] ହେଉଥିବା କୌଣସି ବିଷୟ ଉପରେ କ୍ଷେତ୍ରାଧିକାର, ପ୍ରାଧିକାର କିମ୍ବା କ୍ଷମତା ପ୍ରୟୋଗ କରିବାକୁ ସ୍ୟାଟକୁ ବାରଣ କରାଯାଇଛି । ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ୪(୨ ) ସ୍ୟାଟ ପ୍ରତିଷ୍ଠାକୁ ନିୟନ୍ତ୍ରଣ କରୁଥିବାବେଳେ, ଏଗୁଡ଼ିକୁ ବନ୍ଦ କରିବା କିମ୍ବା ଉଚ୍ଛେଦ କରିବା ପାଇଁ ଅନୁସରଣ କରାଯିବାକୁ ଥିବା ପ୍ରକ୍ରିୟା ନିର୍ଦ୍ଧାରଣ କରିବା ଲାଗି କୌଣସି ଅନୁରୂପ ବ୍ୟବସ୍ଥା ନାହିଁ । ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୨୯ ଅନୁଯାୟୀ, ଯଦି ସ୍ୟାଟ ପ୍ରତିଷ୍ଠା ହେବା ପରେ ଏପରି ମାମଲା କିମ୍ବା କାର୍ଯ୍ୟବାହୀରେ କାର୍ଯ୍ୟାନୁଷ୍ଠାନର କାରଣ ସୃଷ୍ଟି ହୋଇଥାନ୍ତା ତେବେ ସ୍ୟାଟଙ୍କ କ୍ଷେତ୍ରାଧିକାରରେ ଆସୁଥିବା ଅଦାଲତ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ପଡ଼ି ରହିଥିବା ମାମଲା କିମ୍ବା ଅନ୍ୟାନ୍ୟ କାର୍ଯ୍ୟବାହୀକୁ ସ୍ୟାଟ ପ୍ରତିଷ୍ଠା ହେବା ତାରିଖରେ ଏହାଙ୍କୁ ସ୍ଥାନାନ୍ତରିତ ହୋଇଯିବ । ଅନ୍ୟ ଶବ୍ଦରେ କହିବାକୁ ଗଲେ ଅନ୍ୟ ନ୍ୟାୟାଧିକରଣରେ ପଡ଼ି ରହିଥିବା ମାମଲାଗୁଡ଼ିକୁ (ସମ୍ପୃକ୍ତ ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ତଥା ସର୍ବୋଚ୍ଚ ନ୍ୟାୟାଳୟରେ ପଡ଼ି ରହିଥିବା ମାମଲାଗୁଡ଼ିକୁ ବାଦ ଦେଇ) ସ୍ୟାଟ ପ୍ରତିଷ୍ଠା ହେବା ପରେ ସ୍ୟାଟ ନିକଟକୁ ସ୍ଥାନାନ୍ତର କରାଯାଇଥାଏ ।

ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଲାଗୁ ହେବା ପରେ ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟ ସ୍ୟାଟ ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ ଏବଂ କେନ୍ଦ୍ର ସରକାର ଏହାକୁ ଗଠନ କରିବାର ବିଜ୍ଞପ୍ତି ଜାରି କରିଥିଲେ ।ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ । ଓଡିଶା ରାଜ୍ୟ ଅନୁରୋଧ କ୍ରମେ କେନ୍ଦ୍ର ସରକାର ଜୁଲାଇ ୪ ,୧୯୮୬ ରେ ଅଧିସୂଚନା ନମ୍ବର ଜି.ଏସ.ଆର ୯୩୪ (ଙ) ଜାରି କରି ଓ ଏ ଟି ପ୍ରତିଷ୍ଠା କରିଥିଲେ, ଯାହାକି ଭାରତର ରାଜପତ୍ରରେ ପ୍ରକାଶିତ ହୋଇଥିଲା । ଏହା ପରେ ଖୁବ ଶୀଘ୍ର ଓଏଟି କାର୍ଯ୍ୟ ଆରମ୍ଭ କରିଥିଲା ।

---

[୮] ଧାରା ୩(ଥ),ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ

[୯] ଧାରା ୧୫(୪),ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ

୭. ଏହି ସମୟରେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୨୮ ଜାରି ରହିଥିଲା। ଧାରା ୨୮ ଉଚ୍ଚତମ ନ୍ୟାୟାଳୟ କିମ୍ବା ଶିଳ୍ପ ନ୍ୟାୟାଧିକରଣ କିମ୍ବା ଶ୍ରମ ନ୍ୟାୟାଳୟ ବ୍ୟତୀତ ଅନ୍ୟ ସମସ୍ତ ନ୍ୟାୟାଳୟର ନ୍ୟାୟିକ କ୍ଷେତ୍ରାଧିକାରକୁ ବାହାର କରିଦେଇଥିଲା, ଯାହା ଉପରେ କ୍ୟାଟ ଏବଂ ସ୍ୟାଟ କ୍ଷେତ୍ରାଧିକାର ସାବ୍ୟସ୍ତ କରୁଥିଲେ। ସମ୍ବିଧାନର ଅନୁଚ୍ଛେଦ ୩୨୩ - କ ର ସକ୍ଷମ ବ୍ୟବସ୍ଥା ଅନୁଯାୟୀ ଧାରା ୨୮ ଲାଗୁ କରାଯାଇଥିଲା, ଯଥା ଅନୁଚ୍ଛେଦ ୩୨୩-କ ର ଅନୁବିଧି ୨ (ଘ)। ଅନୁବିଧି ୨ (ଘ ) ରେ ବ୍ୟବସ୍ଥା ଥିଲା ଯେ ସମ୍ବିଧାନର ଧାରା ୧୩୬ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବ୍ୟତୀତ ସଂସଦ ସମସ୍ତ ନ୍ୟାୟାଳୟର ନ୍ୟାୟିକ ଅଧିକାରିତାକୁ ବାଦ ଦେଇପାରିବେ, ଯେଉଁ ବିବାଦ ଗୁଡିକୁ ବିଚାର କରିବାକୁ ପ୍ରଶାସନିକ ନ୍ୟାୟାଧିକରଣ ଅନୁଚ୍ଛେଦ ୩୨୩ କ ର ଅନୁବିଧି ୧ ଅନୁଯାୟୀ କ୍ଷମତା ପାଇଥିଲେ । ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ୨୮ ର ପ୍ରଭାବ ତେଣୁ ଏହା ଥିଲା ଯେ ସମ୍ବିଧାନର ଧାରା ୧୩୬ ଅନୁଯାୟୀ ସିଧାସଳଖ ସର୍ବୋଚ୍ଚ ନ୍ୟାୟାଳୟରେ ଓ ଏ ଟି ରୁ ଅପିଲ କରାଯାଇପାରିବ। କିନ୍ତୁ, **ଏଲ. ଚନ୍ଦ୍ର କୁମାର ବନାମ ଭାରତ ସଂଘ** (୧୯୯୭) ୩ ଏସସିସି ୨୬୧ ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ପରେ ଏହା ବଦଳିଗଲା। ସେହି ମାମଲାରେ ଏହି ନ୍ୟାୟାଳୟ ତାଙ୍କ ନିର୍ଣ୍ଣୟରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ନିର୍ଦ୍ଦେଶ ଦେଇଥିଲେ ଯେ:

କ. ଅନୁଚ୍ଛେଦ ୩୨୩-କ ର ଅନୁବିଧି ୨(ଘ ) ଏବଂ ଅନୁଚ୍ଛେଦ ୩୨୩-ଖ ର ଅନୁବିଧି ୩ (ଘ ) ଅସାମ୍ବିଧାନିକ ଥିଲା, ଯେଉଁଥିରେ ସେମାନେ ସମ୍ବିଧାନର ଅନୁଚ୍ଛେଦ ୨୨୬ ଏବଂ ୨୨୭ ଅନୁଯାୟୀ ଉଚ୍ଚ ନ୍ୟାୟାଳୟର ଅଧିକାର ଏବଂ ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟର ଅଧିକାରକୁ ବାଦ ଦେଇଛନ୍ତି;

ଖ. ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୨୮ ଅସାମ୍ବିଧାନିକ ଥିଲା ଯେହେତୁ ଅନ୍ୟ ସମସ୍ତ ଅଧିନିୟମ ଗୁଡିକରେ 'ନ୍ୟାୟିକ ଅଧିକାରର ବର୍ଜନ' ବାକ୍ୟାଂଶ ଅନୁଚ୍ଛେଦ ୩୨୩ -କ ଏବଂ ୩୨୩ -ଖ ଅଧୀନରେ ପ୍ରଣୟନ ହୋଇଥାଏ;

ଗ. ସମ୍ବିଧାନର ଅନୁଚ୍ଛେଦ ୨୨୬ ଏବଂ ୨୨୭ ଅଧୀନରେ ଉଚ୍ଚ ନ୍ୟାୟାଳୟ ଏବଂ ଅନୁଚ୍ଛେଦ ୩୨ ଅଧୀନରେ ଉଚ୍ଚତମ ନ୍ୟାୟାଳୟକୁ ପ୍ରଦାନ କରାଯାଇଥିବା କ୍ଷେତ୍ରାଧିକାର ସମ୍ବିଧାନର ମୌଳିକ ଢାଞ୍ଚାର ଅଂଶବିଶେଷ; ଏବଂ

ଘ. ସମ୍ବିଧାନର ଅନୁଚ୍ଛେଦ ୨୨୬ /୨୨୭  ଏବଂ ୩୨ ରେ ପ୍ରଦତ୍ତ ଅଧିକାରର ପ୍ରୟୋଗ କରିବାରେ ଅନ୍ୟ ଅଦାଲତ  ଏବଂ ନ୍ୟାୟାଧିକରଣ  ଅନୁପୂରକ ଭୂମିକା ନିର୍ବାହ କରିପାରିବେ।

ଏହି ନିଷ୍ପତ୍ତିର ପରିଣାମ ସ୍ୱରୂପ, ସ୍ୟାଟମାନଙ୍କ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତିକୁ ସମ୍ବିଧାନର ଅନୁଚ୍ଛେଦ ୨୨୬ ଅନୁଯାୟୀ ଆପତ୍ତି  ସେହି ଉଚ୍ଚ ନ୍ୟାୟାଳୟମାନଙ୍କର ଦୁଇଜଣିଆ ଖଣ୍ଡପୀଠରେ ଦିଆଯାଇଥିଲା, ଯାହାଙ୍କ ଅଧିକାରିତା କ୍ଷେତ୍ରରେ ସ୍ୟାଟମାନେ କାର୍ଯ୍ୟ କରୁଥିଲେ।  ଉଚ୍ଚ ନ୍ୟାୟାଳୟମାନଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅନୁଚ୍ଛେଦ ୧୩୬  ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଧିକାରିତାକୁ ଆହ୍ୱାନ କରାଯାଇପାରିବ ।

୮. ଓ ଏ ଟି ଉଚ୍ଛେଦ କରିବାପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ **ଏଲ. ଚନ୍ଦ୍ର କୁମାର** (ଉପରୋକ୍ତ) ନିଷ୍ପତ୍ତି ଓଡ଼ିଶା ରାଜ୍ୟକୁ ପ୍ରଭାବିତ କରିଥିବା ଜଣାପଡୁଛି । ୨୦୧୫ ମସିହା ସେପ୍ଟେମ୍ବର ୧୬  ତାରିଖରେ ଓଡିଶା ରାଜ୍ୟ ମୁଖ୍ୟ ସଚିବ ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ସଚିବଙ୍କୁ ଏକ ପତ୍ର ଲେଖି ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଅଧୀନରେ  ଓ ଏ ଟି ଉଚ୍ଛେଦ ବାବଦରେ  ଏକ ଅଧିସୂଚନା ଜାରି କରିବାକୁ  ଅନୁରୋଧ କରିଥିଲେ। ଏହି ପତ୍ରରେ ରାଜ୍ୟ ସରକାରଙ୍କର ଏପରି ଅନୁରୋଧର କାରଣ ନିମ୍ନଲିଖିତ ପ୍ରକାରେ ଅଭିଲିଖିତ  କରାଯାଇଛି :

> "ବିଶେଷ କରି ୧୯୯୭ ମସିହାର ଏଲ. ଚନ୍ଦ୍ର କୁମାର ମାମଲାରେ  ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ  ରାୟ ଦେବା ପରେ ଏହି ନ୍ୟାୟାଧିକରଣ  ନିଜର ମୂଳ ଉଦ୍ଦେଶ୍ୟ ପୂରଣ କରିବାରେ ସମର୍ଥ ହୋଇପାରିନାହିଁ ବୋଲି ଓଡ଼ିଶା ସରକାର ମତ ପୋଷଣ କରିଛନ୍ତି ।  ଏହି ରାୟ ଫଳରେ ରାଜ୍ୟ ସରକାରୀ କର୍ମଚାରୀଙ୍କ ଅଭିଯୋଗର  ଶୀଘ୍ର ସମାଧାନ ପାଇଁ ଏକ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ )ର ଆବଶ୍ୟକତାର  ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ ଯେହେତୁ ଯେ କୌଣସି ପ୍ରକାରେ ଅସନ୍ତୁଷ୍ଟ ପକ୍ଷଙ୍କୁ ଚୂଡ଼ାନ୍ତ ରାୟ ପାଇଁ  ସର୍ବୋଚ୍ଚ ନ୍ୟାୟଳୟଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଅନୁରୋଧ କରିବାକୁ ପଡୁଛି "।

ଓଏଟି ଉଚ୍ଛେଦ ଲାଗି ରାଜ୍ୟ ସରକାରଙ୍କ ଯୁକ୍ତି ସମ୍ବନ୍ଧରେ ବିସ୍ତୃତ ଭାବେ ଏକ ଟିପ୍ପଣୀ ୧୬ ସେପ୍ଟେମ୍ବର, ୨୦୧୫ ରେ ଏହି ଚିଠିରେ ସଂଲଗ୍ନ କରାଯାଇଛି।

> "ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ [ଏଲ ଚନ୍ଦ୍ର କୁମାରଙ୍କ ମାମଲାରେ] ର ଫଳସ୍ୱରୂପ, ସରକାରୀ କର୍ମଚାରୀମାନଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରିବା ଲାଗି ନ୍ୟାୟାଧିକରଣ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ପରାଜିତ ହୋଇଥିଲା .. ଅସନ୍ତୁଷ୍ଟ ପକ୍ଷମାନେ ଓଏଟି ଆଦେଶ ବିରୁଦ୍ଧରେ ଉଚ୍ଚ ନ୍ୟାୟଳୟଙ୍କଠାରେ ଏବଂ ତା'ପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କଠାରେ ଦ୍ୱାରସ୍ଥ ହେଉଛନ୍ତି, ଫଳତଃ ମକଦ୍ଦମା ରେ ବିଳମ୍ବ ଘଟୁଛି .. ଓ ଏ ଟି ଉପରେ ସରକାର ବହୁ ପରିମାଣର ଖର୍ଚ୍ଚ ବହନ କରୁଛନ୍ତି .. ନ୍ୟାୟାଧିକରଣ ଉଚ୍ଛେଦ ସରକାରଙ୍କ ପାଇଁ ମୋକଦ୍ଦମା ଭାର ହ୍ରାସ କରିବ ଏବଂ ବିବାଦ/ମୋକଦ୍ଦମା ସମାଧାନର ସମୟ ମଧ୍ୟ ହ୍ରାସ କରିବ"।

ଓଡିଶା ରାଜ୍ୟ ସ୍ପଷ୍ଟ ମତ ଥିଲା ଯେ ଓଏଟି ର ଉଦ୍ଦେଶ୍ୟ ବିଫଳ ହୋଇଛି-କାରଣ ତଥ୍ୟ ଏହି ଯେ ଓଏଟି ର ନିଷ୍ପତ୍ତି ଦୁଇଟି ସ୍ତରର ଆହ୍ୱାନର (ପ୍ରଥମେ ଉଚ୍ଚ ନ୍ୟାୟାଳୟ ଏବଂ ପରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ)ସମ୍ମୁଖୀନ ହେଉଥିଲା, ଏହାର ଅର୍ଥ ହେଉଛି ଯେ ଶୀଘ୍ର ନ୍ୟାୟ ପ୍ରଦାନ କରାଯାଇ ପାରିବ ନାହିଁ । ରାଜ୍ୟ ସରକାର ଓଏଟି ନିକଟରେ ପଡ଼ି ରହିଥିବା ମାମଲାଗୁଡ଼ିକୁ ଓଡ଼ିଶା ହାଇକୋର୍ଟକୁ ସ୍ଥାନାନ୍ତର କରିବା ଲାଗି ପ୍ରସ୍ତାବ ଦେଇଥିଲେ ।

୯. ୨୦୧୬ ଜାନୁଆରୀ ୧୨ ତାରିଖରେ କେନ୍ଦ୍ର ସରକାର ଓଏଟି ଉଚ୍ଛେଦ ପ୍ରସ୍ତାବ, ଆଇନଗତ ପ୍ରକ୍ରିୟା ଯାହା ଦ୍ୱାରା ଓଏଟି ର ବିଚାରାଧୀନ ମାମଲା ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର ହୋଇପାରିବ ଏବଂ ଓଏଟି କର୍ମଚାରୀଙ୍କ ସମ୍ବନ୍ଧରେ କାର୍ଯ୍ୟ ଯୋଜନା ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ମତ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ସେହି ଅନୁଯାୟୀ, ୧ ଫେବୃୟାରୀ ୨୦୧୬ ରେ ଓଡ଼ିଶା ରାଜ୍ୟ ଏହି ମାମଲାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ମତାମତ ଲୋଡିଥିଲେ । ଏହା ପରେ କେନ୍ଦ୍ର ସରକାର ଓଡିଶା ରାଜ୍ୟକୁ ଓଏଟି ଉଚ୍ଛେଦ ପ୍ରସ୍ତାବ ସମ୍ବନ୍ଧରେ ଏହାଙ୍କ 'ସୈଦ୍ଧାନ୍ତିକ' ଅନୁମୋଦନ ପ୍ରଦାନ କଲେ ।

୧୦ . ୨୦୧୯ ଫେବୃଆରୀ ୫ ତାରିଖରେ କେନ୍ଦ୍ର ସରକାର ଏବଂ ଓଡିଶା ରାଜ୍ୟକୁ ଏକ ପତ୍ର ଲେଖି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅବଗତ କରାଇଥିଲେ ଯେ ଏହା ଓଏଟି ଉଚ୍ଛେଦ କରିବାର ନିଷ୍ପତ୍ତି ଏବଂ କର୍ମଚାରୀଙ୍କ ସ୍ଥାନାନ୍ତର ଏବଂ ବିଚାରାଧୀନ ମାମଲା ସମ୍ବନ୍ଧରେ ଉପସ୍ଥାନ ପ୍ରସ୍ତାବ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇ ସାରିଛନ୍ତି । ୨୨

ଫେବୃଆରୀ ୨୦୧୯ ରେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ସୂଚନା ଦେଇଥିଲେ ଯେ "*ସମତୁଲ୍ୟ ବର୍ଗ(କ୍ୟାଡର) ଏବଂ ପଦବୀରେ ଖାଲି ଥିବା ପଦବୀ ଆଧାରରେ ଓଏଟି କର୍ମଚାରୀମାନଙ୍କୁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ମୁଖ୍ୟ ବିଭାଗରେ ଯଥାଯଥ ରୂପେ ବ୍ୟବସ୍ଥିତ କରାଯିବ*" । ଚିଠିରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ସରକାର ଓଏଟି ସମ୍ମୁଖରେ ପଡ଼ି ରହିଥିବା ମାମଲାଗୁଡ଼ିକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରିବା ଲାଗି ନିର୍ଣ୍ଣୟ ନେଇଥିଲେ ଏବଂ ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏହି ନିର୍ଣ୍ଣୟକୁ ସ୍ୱୀକାର କରିଥିଲେ ।

୧୧. କେନ୍ଦ୍ର ସରକାର ସାଧାରଣ ଖଣ୍ଡ ଅଧିନିୟମ ୧୮୯୭ ର ଧାରା ୨୧[10] ଅବଲମ୍ବନ କଲେ ଏବଂ ୨୦୧୯ ଅଗଷ୍ଟ ୨ ତାରିଖରେ ଅଧିସୂଚନା ଜି ଏସ ଆର ୫୫୨(ଡ଼) ଜାରି କରି ଓଏଟି ଉଚ୍ଛେଦ କଲେ । ଏହି ଅଧିସୂଚନାର ପ୍ରାସଙ୍ଗିକ ଅଂଶ ନିମ୍ନରେ ଦିଆଗଲା:

> "ବର୍ତ୍ତମାନ, ତେଣୁ, ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ୧୯୮୫ ର ଧାରା ୪ ର ଉପଧାରା (୨) ସହିତ ପଠିତ ସାଧାରଣ ଖଣ୍ଡ ଅଧିନିୟମ, ୧୮୯୭ (୧୮୯୭ ର ୧୦) ର ଧାରା ୨୧ ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି କେନ୍ଦ୍ର ସରକାର ୪ ଜୁଲାଇ, ୧୯୮୬ରେ ଜାରି ହୋଇଥିବା ଉକ୍ତ ଅଧିସୂଚନା ସଂଖ୍ୟା ଜିଏସଆର ୯୩୪ (ଡ଼) କୁ, ଏଠାରେ ରଦ୍ଦ କରିବା ପୂର୍ବରୁ କରାଯାଇଥିବା କିମ୍ବା କରାଯିବାକୁ ଥିବା କାର୍ଯ୍ୟକୁ ବାଦ ଦିଆଯାଇଥିବା ବ୍ୟତୀତ, ଭାରତୀୟ ରାଜପତ୍ରରେ ପ୍ରକାଶ ପାଇବା ଦିନଠାରୁ ପ୍ରତ୍ୟାହାର କରିନେଇଛନ୍ତି"।

୨. <u>ଆକ୍ଷେପିତ ରାୟ</u>

୧୨. ୨୦୧୯ ମସିହାରେ ପ୍ରତ୍ୟେକ ଆବେଦନକାରୀ ୨ ଅଗଷ୍ଟ, ୨୦୧୯ ( ତଥା ଓଏଟି ଉଚ୍ଛେଦ କରିବାକୁ ରାଜ୍ୟ ସରକାରଙ୍କ କ୍ୟାବିନେଟର ୯ ସେପ୍ଟେମ୍ବର ୨୦୧୫ ର ନିଷ୍ପତ୍ତି) ର ଅଧିସୂଚନାକୁ ରଦ୍ଦ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଦାଖଲ କରିଥିଲେ । ପ୍ରତିପକ୍ଷ ଉପସ୍ଥାପନାକୁ ବିଚାର କରିବା ପରେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିମ୍ନଲିଖିତ କାରଣଗୁଡିକ ପାଇଁ ୭ ଜୁନ ୨୦୨୧ ତାରିଖରେ ନିଜର ସମୂହ ରାୟ ଜରିଆରେ ରିଟ ପିଟିସନ ଗୁଡ଼ିକୁ ଖାରଜ କରିଦେଇଥିଲେ ।

[10] "ସାଧାରଣ ଖଣ୍ଡ ଅଧିନିୟମ"

୧୩.

କ. ଧାରା ୩୨୩-କ ଏକ ସକ୍ରିୟ ବ୍ୟବସ୍ଥା । କେନ୍ଦ୍ର ସରକାରଙ୍କ ପାଇଁ ପ୍ରଶାସନିକ ନ୍ୟାୟାଧିକରଣ ପ୍ରତିଷ୍ଠା କରିବା କିମ୍ବା ଥରେ ସେଗୁଡ଼ିକୁ ସ୍ଥାପିତ ହେବା ପରେ ଉଚ୍ଛେଦ କରିବା ପାଇଁ ବିରତ ରହିବା ବାଧ୍ୟତାମୂଳକ ନୁହେଁ ;

ଖ. ଓଏଟି ଉଚ୍ଛେଦ କରିବାର ନିଷ୍ପତ୍ତି ଏକ ପ୍ରଶାସନିକ ନିଷ୍ପତ୍ତି । ତେଣୁ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪ (୨) ସହିତ ସାଧାରଣ ଅନୁବିଧି ଅଧିନିୟମର ଧାରା ୨୧କୁ ଏକତ୍ର ପ୍ରୟୋଗ କରି ଓଏଟି ପ୍ରତିଷ୍ଠା ଅଧିସୂଚନାକୁ ପ୍ରତ୍ୟାହାର କରିବା ଲାଗି କେନ୍ଦ୍ର ସରକାରଙ୍କ ଉପରେ କୌଣସି ବାରଣ ନାହିଁ ;

ଗ. ସାଧାରଣ ଅନୁବିଧି ଅଧିନିୟମର ଧାରା ୨୧ ପ୍ରୟୋଗ ଦ୍ୱାରା ନ୍ୟାୟରୁ ବଞ୍ଚିତ ହେବାର କୌଣସି କାରଣ ନାହିଁ କାରଣ ଓଏଟି ନିକଟରେ ପଡ଼ି ରହିଥିବା ମାମଲାଗୁଡ଼ିକର ଶୁଣାଣି ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ କରାଯିବା।ତେଣୁ ଧାରା ୨୧ ର ପ୍ରୟୋଗ ଦ୍ୱାରା ମୋକଦ୍ଦମାକାରୀଙ୍କ ପ୍ରତି ପକ୍ଷପାତ ହୁଏନାହିଁ ;

ଘ. ଯାହା ପ୍ରତ୍ୟକ୍ଷ ଭାବେ କରାଯାଇପାରିବ ନାହିଁ ତାହା ପରୋକ୍ଷ ଭାବେ କରାଯାଇପାରିବ ନାହିଁ ବୋଲିବା ପ୍ରସ୍ତାବ ପ୍ରଯୁଜ୍ୟ ହେବନାହିଁ କାରଣ ସମ୍ବିଧାନର ଧାରା ୩୨୩-କ କିମ୍ବା ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪ (୨) କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ ସ୍ୟାଟ ଉଚ୍ଛେଦ କରିବାରେ ବାଧା ଦେଉନାହିଁ ;

ଙ. କେନ୍ଦ୍ର ସରକାର ଓଏଟି ପ୍ରତିଷ୍ଠା କରିବା ପରେ ପ୍ରାଧିକୃତ ଅଧିକାରୀ ଭାବେ କାର୍ଯ୍ୟରତ ହୋଇନଥିଲେ, କାରଣ ଏହା ପ୍ରଶାସନିକ କାର୍ଯ୍ୟ କରୁଥିଲା, ନ୍ୟାୟିକ କିମ୍ବା ଅର୍ଦ୍ଧ ନ୍ୟାୟିକ କାର୍ଯ୍ୟ କରୁନଥିଲା ;

ଚ. ୨ ଅଗଷ୍ଟ, ୨୦୧୯ ଅଧିସୂଚନାର ପରିଣାମ ସ୍ୱରୂପ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାର ସୃଷ୍ଟି କିମ୍ବା ସମ୍ପ୍ରସାରଣ କରାଯାଇନାହିଁ । ବରଂ ଉଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାରକୁ ପୁନର୍ଜୀବିତ କରାଯାଇଥିଲା ;

**ଭାଗ ଖ**

ଛ. କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସ୍ୱେଚ୍ଛାଚାରୀ, ଅସଙ୍ଗତ କିମ୍ବା ଅଯୌକ୍ତିକ ନୁହେଁ ଏବଂ ଏହା ସମ୍ବିଧାନର ଧାରା ୧୪ ର ଉଲ୍ଲଂଘନ କରୁନାହିଁ ;

ଜ. ଏହି ଅଭିଯୋଗର କୌଣସି ବାସ୍ତବିକ ଆଧାର ନାହିଁ ଯେ ଓଏଟି ଉଚ୍ଛେଦ ନିଷ୍ପତ୍ତି ସରକାରୀ କର୍ମଚାରୀମାନେ ଓଏଟି ସମ୍ମୁଖରେ ଅବମାନନା କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇବା ପାଇଁ ଉଦ୍ୟମ କରିଥିଲେ। ଯେ କୌଣସି ଘଟଣାରେ, ଅବମାନନା ପ୍ରକ୍ରିୟା ସମେତ ସମସ୍ତ ମାମଲା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଶୁଣାଣି ହେବ ; ଏବଂ

ଝ. ଭାରତର ରାଷ୍ଟ୍ରପତିଙ୍କ ନାମରେ ଜାରି ହୋଇନଥିବା କାରଣ ଦୃଷ୍ଟେ ୨ ଅଗଷ୍ଟ,୨୦୧୯ ରେ ଜାରି ଅଧିସୂଚନା ପ୍ରଭାବହୀନ ନଥିଲା ।

ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ କହିଥିଲେ ଯେ କେନ୍ଦ୍ର ସରକାର ଯଦି ଓଏଟି ଉଚ୍ଛେଦ ପୂର୍ବରୁ ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ ନେବାରେ ବିଫଳ ହୋଇଥାଆନ୍ତେ ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟାକୁ ସ୍ୱେଚ୍ଛାଚାରୀ କୁହାଯାଇଥାନ୍ତା, କାରଣ ଏପରି ନିଷ୍ପତ୍ତି ସିଧାସଳଖ ଉଚ୍ଚ ନ୍ୟାୟାଳୟଙ୍କ କାର୍ଯ୍ୟ ଉପରେ ପ୍ରଭାବ ପକାଇଥାଏ ।

**ଖ. ଉପସ୍ଥାପନା**

୧୪. ଓକିଲ ଶ୍ରୀମାନ ଅଶୋକ ପାଣିଗ୍ରାହୀ ଏବଂ ଡ. ଅମନ ହିଙ୍ଗୋରାନୀ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରିଥିଲେ।ନଥିଭୁକ୍ତ ଓକିଲ ଶ୍ରୀମାନ ସି ରବିଚନ୍ଦ୍ରନ ଆୟାର, ଯିଏକି ଏହି ଆବେଦନରେ ଜଣେ ହସ୍ତକ୍ଷେପକାରୀ, ସେମାନଙ୍କ ସହିତ ଯୋଗ ଦେଇଥିଲେ ।

୧୫. ସେମାନଙ୍କର ଉପସ୍ଥାପନ ହେଲା :

କ. ସମ୍ବିଧାନର ଧାରା ୩୨୩-କ ଏକ ଜନାଦେଶ ପ୍ରକୃତିର ଅଟେ।ଏଥିପାଇଁ କେନ୍ଦ୍ର ସରକାରଙ୍କୁ ସ୍ୟାଟ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ଏବଂ ଥରେ ପ୍ରତିଷ୍ଠା ହେବା ପରେ ଏହା କେନ୍ଦ୍ର ସରକାରଙ୍କୁ ସ୍ୟାଟ ଉଚ୍ଛେଦ କରିବା ଲାଗି କ୍ଷମତା ପ୍ରଦାନ କରିନଥାଏ ;

ଖ. ଓଏଟି ଉଚ୍ଛେଦ କରିବାକୁ ସାଧାରଣ ଖଣ୍ଡ ଅଧିନିୟମ ର ଧାରା ୨୧ କୁ ପ୍ରୟୋଗ କରାଯାଇ ପାରିବନାହିଁ । ଏକ ସ୍ୟାଟ ଉଚ୍ଛେଦ କରିବାର ବିଧାନ ସେହି ସମାନ ନିୟମରୁ ପ୍ରବାହିତ ହେବା ଆବଶ୍ୟକ ଯାହା କେନ୍ଦ୍ର ସରକାରଙ୍କୁ ସ୍ୟାଟ ପ୍ରତିଷ୍ଠା କରିବାର କ୍ଷମତା ଦେଇଥାଏ । ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ କେନ୍ଦ୍ର

ସରକାର କିମ୍ବା ରାଜ୍ୟ ସରକାରଙ୍କୁ ସ୍ୟାଟ ଗୁଡିକୁ  ଉଚ୍ଛେଦ କରିବାର କ୍ଷମତା ପ୍ରଦାନ କରିନଥାଏ । ଯେ କୌଣସି ଘଟଣାରେ, ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ର ପ୍ରୟୋଗ ପାଇଁ  ସର୍ତ୍ତ ଗୁଡିକ ସନ୍ତୋଷଜନକ ନୁହେଁ । ତେଣୁ ଓଏଟିର ଉଚ୍ଛେଦ କୌଣସି ଆଇନଗତ ଆଧାର ବିନା ହୋଇଥିଲା ;

ଗ. ସ୍ୟାଟକୁ  ଉଚ୍ଛେଦ କରିବା ଏବଂ ବିଲୁପ୍ତ ସ୍ୟାଟ ରୁ ସମ୍ବନ୍ଧିତ ଉଚ୍ଚ ନ୍ୟାୟାଳୟକୁ ବିଚାରାଧୀନ ମାମଲାଗୁଡ଼ିକର ସ୍ଥାନାନ୍ତରଣ ଲାଗି ଏକ ସକ୍ରିୟ ବ୍ୟବସ୍ଥା ଉପଲବ୍ଧ କରାଯିବାକୁ ପ୍ରଶାସନିକ ନ୍ୟାୟାଧିକରଣ (ସଂଶୋଧନ) ବିଲ, ୨୦୦୬  ଆଗତ କରାଯାଇଥିଲା। ଏହି ବିଲ୍ ଆଇନରେ ପରିଣତ ହୋଇନଥିଲା ଏବଂ ସେଥିପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ସ୍ୟାଟକୁ ଉଚ୍ଛେଦ କରିବାର କ୍ଷମତା ରଖନ୍ତିନାହିଁ ;

ଘ.  ନିଯୁକ୍ତି ମାମଲାରେ ବିଚାର ପ୍ରକ୍ରିୟାର କାର୍ଯ୍ୟଦକ୍ଷତା  ହ୍ରାସ ହେବା  ନେଇ **ଏଲ. ଚନ୍ଦ୍ର କୁମାର** (ଉପରୋକ୍ତ) ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ବ୍ୟାଖ୍ୟା ଭୁଲ ଏବଂ ଅଯୌକ୍ତିକ ଅଟେ ;

ଙ. ଓଏଟି ର ଦୁଇଟି ନିୟମିତ ବିଚାରପୀଠ ଏବଂ ଦୁଇଟି ପ୍ରଦକ୍ଷିଣ ବିଚାରପୀଠ ରହିଛି, କିନ୍ତୁ ଉଚ୍ଚ ନ୍ୟାୟାଳୟର କଟକରେ ଗୋଟିଏ ଏକକ ବିଚାରପୀଠ ରହିଛି । ଓଏଟି ଉଚ୍ଛେଦ ଫଳରେ ନ୍ୟାୟାଳୟ ବ୍ୟବସ୍ଥା ମୋକଦ୍ଦମାକାରୀଙ୍କ ପାଇଁ କମ୍ ସୁଗମ ହେବ ଏବଂ ନ୍ୟାୟ ପାଇବାର ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବ ;

ଚ. ଓଏଟି ଉଚ୍ଛେଦ ପୂର୍ବରୁ ଓଏଟି ଓକିଲ ସଂଘ ଏବଂ ମାମଲାକାରୀମାନଙ୍କୁ ଶୁଣାଣି ପାଇଁ ସୁଯୋଗ ଦେବାରେ ବିଫଳ ହୋଇ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରାକୃତିକ ନ୍ୟାୟ ନୀତିକୁ ଉଲ୍ଲଂଘନ କରିଛନ୍ତି । ଏହା ମଧ୍ଯ ସମ୍ବିଧାନର ଅନୁଚ୍ଛେଦ ୧୪ କୁ ଉଲଂଘନ କରେ ;

ଛ. ୨  ଅଗଷ୍ଟ, ୨୦୧୯ ରେ ଯେଉଁ ଅଧିସୂଚନା ଜରିଆରେ ଓଏଟି ଉଚ୍ଛେଦ କରାଯାଇଥିଲା ତାହା ଅବୈଧ କାରଣ ସମ୍ବିଧାନର ଅନୁଚ୍ଛେଦ ୭୭ ଅନୁଯାୟୀ ଏହା ରାଷ୍ଟ୍ରପତିଙ୍କ ନାମରେ ଅଭିବ୍ୟକ୍ତ କରାଯାଇନାହିଁ ;

ଜ. ସମ୍ବିଧାନର ଅନୁଚ୍ଛେଦ ୨୨୮ ରେ ବିଶେଷ ଉଲ୍ଲିଖିତ ବ୍ୟତିରେକେ କୌଣସି ନ୍ୟାୟାଳୟରୁ ଏକ ନିର୍ଦ୍ଦିଷ୍ଟ ଉଚ୍ଚ ନ୍ୟାୟାଳୟକୁ ମାମଲା ସ୍ଥାନାନ୍ତରିତ ହେବାର ବ୍ୟବସ୍ଥା ସମ୍ବିଧାନରେ ନାହିଁ ;

ଝ. ରାଜ୍ୟ ସରକାର ଓଏଟି ପଦବୀ ପୂରଣ କରିବାରେ ବିଫଳ ହୋଇ ଏବଂ ଓଏଟି ଭଙ୍ଗ ପାଇଁ ସର୍ତ୍ତ ସୃଷ୍ଟି କରି ନିଜ ଭୁଲର ଫାଇଦା ଉଠାଇବାକୁ ପ୍ରୟାସ କରିଛନ୍ତି । ଖାଲି ଥିବା ପଦବୀ ପୂରଣ କରିବାରେ ରାଜ୍ୟ ସରକାରଙ୍କର ବିଫଳତା ମଧ୍ୟ ସମ୍ବିଧାନର ଧାରା ୨୫୬ ର ଉଲଂଘନ ଅଟେ ;

ଞ. ଓଏଟି ଉଚ୍ଛେଦ ଦ୍ୱାରା ଓଡ଼ିଶା ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାର ବୃଦ୍ଧି ହେବାର ପ୍ରଭାବ ରହିଛି, କିନ୍ତୁ କ୍ଷେତ୍ରାଧିକାରକୁ  ସମ୍ପ୍ରସାରିତ କରିବାର ଅଧିକାର କେବଳ ସଂସଦର ରହିଛି ;

ଟ.  ଓଏଟି ଉଚ୍ଛେଦ ହେବାର ପ୍ରକୃତ କାରଣ ହେଲା ଓଏଟି ସମ୍ମୁଖରେ ଓଡ଼ିଶାର ଅଧିକାରୀମାନେ ଅବମାନନା ଅଭିଯୋଗର ସମ୍ମୁଖୀନ ହୋଇଥିଲେ ଏବଂ ଓଏଟିକୁ ଉଚ୍ଛେଦ କରି ସେଭଳି କାର୍ଯ୍ୟକଳାପକୁ ଏଡ଼ାଇବାକୁ ଚେଷ୍ଟା କରିଥିଲେ ;

ଠ. ଓଏଟି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପୂର୍ବରୁ ନ୍ୟାୟିକ ପ୍ରଭାବ ଆକଳନ କରାଯିବା ଉଚିତ ଥିଲା ;

ଡ. କେନ୍ଦ୍ର ସରକାର ଓଏଟି ପ୍ରତିଷ୍ଠା କରିବା ପରେ,ଏହା ପ୍ରାଧିକୃତ ଅଧିକାରୀ ବିହୀନ ହୋଇଯାଇଥିଲା ; ଏବଂ

ଢ. ୨୦୧୯  ଅଗଷ୍ଟ ୨ ତାରିଖ ଅଧିସୂଚନା ଜାରି କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଏହି ନ୍ୟାୟାଳୟଙ୍କ ଅନୁମତି ନେବା ଉଚିତ ଥିଲା ।

୧୬. ଆବେଦନକାରୀଙ୍କ ପକ୍ଷରୁ କରାଯାଇଥିବା ଉପସ୍ଥାପନାକୁ ଭାରତ ସଂଘ ସରକାର ଓ ଓଡିଶା ରାଜ୍ୟ ଦ୍ୱାରା ବିରୋଧ କରାଯାଇଛି । ଭାରତ ସରକାରଙ୍କ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଶ୍ରୀ ବଲବୀର ସିଂହ ନିମ୍ନୋକ୍ତ ବକ୍ତବ୍ୟ ରଖିଥିଲେ:

କ. ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪(୨) କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାରଙ୍କଠାରୁ ଏ ସଂକ୍ରାନ୍ତରେ ଅନୁରୋଧ ପାଇବା ପରେ ସ୍ୟାଟ ପ୍ରତିଷ୍ଠା କରିବାରେ ସମର୍ଥ କରିଥାଏ । ଫଳସ୍ୱରୂପ, ସ୍ୟାଟ ପ୍ରତିଷ୍ଠା କରିବା, ଜାରି ରଖିବା କିମ୍ବା ଉଚ୍ଛେଦ କରିବା ରାଜ୍ୟ ସରକାରଙ୍କ ବିଶେଷ ଅଧିକାର ଅଟେ ;

ଖ. ସାଧାରଣ ଖଣ୍ଡ ଅଧିନିୟମ ର ଧାରା ୨୧ କୁ ସ୍ୟାଟ ଉଚ୍ଛେଦ ଲାଗି ପ୍ରୟୋଗ କରାଯାଇପାରେ । କେନ୍ଦ୍ର ସରକାରଙ୍କୁ ଏକ ସ୍ୟାଟ ଉଚ୍ଛେଦ କରିବାର କ୍ଷମତା ଦେବାପାଇଁ ସମ୍ବିଧାନ କିମ୍ବା ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ସଂଶୋଧନ ଆବଶ୍ୟକ ନାହିଁ ;

ଗ. ନ୍ୟାୟର ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇନାହିଁ କାରଣ ଓଏଟି ନିକଟରେ ପଡ଼ି ରହିଥିବା ମାମଲା ଗୁଡ଼ିକୁ ଓଡ଼ିଶା ହାଇକୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା ;

୧୭. ଓଡ଼ିଶା ରାଜ୍ୟ ତରଫରୁ ମହାଧିବକ୍ତା ଶ୍ରୀ ଅଶୋକ କୁମାର ପରିଜା କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ଯୁକ୍ତିକୁ ସମର୍ଥନ କରିଥିଲେ । ସେ ଅନୁରୋଧ କରିଥିଲେ ଯେ:

କ. ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ରଖାଯାଇଥିବା ରିଟ୍ ପିଟିସନ ଯାହାର ରାୟକୁ ଆକ୍ଷେପ କରାଗଲା ତାହା ବିଚାରଯୋଗ୍ୟ ନୁହେଁ କାରଣ ଓଏଟି ଉଚ୍ଛେଦ ଦ୍ୱାରା ଆବେଦନକାରୀଙ୍କ ଅଧିକାର ପ୍ରଭାବିତ ହୋଇନଥିଲା । ମକଦ୍ଦମାକାରୀ ମାନେ ଓଏଟି କୁ ସହଜ ପ୍ରବେଶ କରିବାକୁ ଏକ ମୌଳିକ ଅଧିକାର ଦାବୀ କରିପାରିବେନାହିଁ ;

ଖ) ଓଏଟି ଦ୍ୱାରା ମାମଲାଗୁଡ଼ିକର ସମାଧାନ ହାର କମ୍ ଥିବାରୁ ରାଜ୍ୟ ସରକାର ଓଏଟି ଉଚ୍ଛେଦ ପାଇଁ ନୀତିଗତ ନିର୍ଣ୍ଣୟ ନେଇଛନ୍ତି । ରାଜ୍ୟ ସରକାର ମଧ୍ୟ ମତ ପୋଷଣ କରିଛନ୍ତି ଯେ ଓଏଟି ର ଉଦ୍ଦେଶ୍ୟ (ମାମଲା ଗୁଡିକର ଶୀଘ୍ର ସମାଧାନ ନିଶ୍ଚିତ କରିବା ) **ଏଲ. ଚନ୍ଦ୍ର କୁମାର** (ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି ପରେ ସାଧନ ହୋଇପାରିନାହିଁ ;

ଗ. ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪ ରେ ଥିବା "ହୋଇପାରେ" ଶବ୍ଦ ସୁସ୍ପଷ୍ଟ ଏବଂ ଏହାର ବ୍ୟାଖ୍ୟା କଡ଼ାକଡ଼ି ଭାବେ କରାଯିବା ଆବଶ୍ୟକ ;

ଘ. ଏକ ଆଭ୍ୟନ୍ତରୀଣ ଅପିଲ ଏକ ଭିନ୍ନ ମଞ୍ଚ ଉପରେ କରାଯାଇଥିବା ଅପିଲ ଠାରୁ ଭିନ୍ନ ଏବଂ ଏହା ବିଚାର ପ୍ରକ୍ରିୟାକୁ ସୁସଙ୍ଗଠିତ କରିଥାଏ।ଏହା ମଧ୍ୟ କୁହାଯାଇ ପାରିବ ନାହିଁ ଯେ ଓଏଟି ବ୍ୟବସ୍ଥାକୁ ଉଚ୍ଛେଦ କରି କୌଣସି ଲାଭ ମିଳିପାରିବ ନାହିଁ ;

ଙ. ପ୍ରାକୃତିକ ନ୍ୟାୟ ସିଦ୍ଧାନ୍ତକୁ ଉଲ୍ଲଂଘନ କରାଯାଇନଥିଲା ;

ଓଏଟି ଉଚ୍ଛେଦ କରାଯିବା ଦ୍ୱାରା ନ୍ୟାୟାଳୟ ବ୍ୟବସ୍ଥା ମକଦ୍ଦମାକାରୀଙ୍କ ପାଇଁ କମ ଉପଲବ୍ଧ ହୋଇପାରିବ ନାହିଁ କାରଣ ସେମାନଙ୍କୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କଠାରେ ରେ ରିଟ୍ ପ୍ରକ୍ରିୟାରେ ଭାଗ ନେବା ପାଇଁ କୌଣସି ପରିସ୍ଥିତିରେ କଟକ ଯିବାକୁ ପଡ଼ିଥାନ୍ତା । ବ୍ରହ୍ମପୁର ଓ ସମ୍ବଲପୁର ସ୍ଥିତ ଓଏଟି ର ସର୍କିଟ ବେଞ୍ଚରୁ ଓଡ଼ିଶା ଉଚ୍ଚନ୍ୟାୟାଳୟକୁ ଯଥାକ୍ରମେ ୨୭୫ ଓ ୨୩୫ ମାମଲା ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ, ଭୁବନେଶ୍ୱରର ପ୍ରମୁଖ ବିଚାରପୀଠ ଏବଂ କଟକର ନିୟମିତ ବିଚାରପୀଠରେ ଯଥାକ୍ରମେ ୧୧୪୮୩ ଟି ଏବଂ ୩୨୯୧୧ ଟି ମାମଲା ଥିଲା, ଯାହାକୁ ଓଡ଼ିଶା ହାଇକୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଉଦ୍ଦେଶ୍ୟରେ ଥିବା କ୍ଷତିପୂରଣ ଯୋଜନା ଜରିଆରେ ମକଦ୍ଦମାକାରୀ ସମ୍ମୁଖୀନ ହେଉଥିବା ଆର୍ଥିକ ସମସ୍ୟାକୁ ଦୂର କରାଯାଇପାରିବ; ଏବଂ

ଚ. ଓଏଟି ଉଚ୍ଛେଦ ପୂର୍ବରୁ ନ୍ୟାୟିକ ପ୍ରଭାବ ଆକଳନ ପରୀକ୍ଷା କରିବା ସରକାରଙ୍କ ପାଇଁ ବାଧ୍ୟତାମୂଳକ ନଥିଲା ।

୧୮. ଏହାଙ୍କ ପ୍ରତି ଶପଥପତ୍ରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓଏଟି ନିକଟରେ ପଡ଼ି ରହିଥିବା ବିଚାରାଧୀନ ମାମଲାଗୁଡ଼ିକୁ ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରିବା ପାଇଁ ନିଆଯାଇଥିବା କାର୍ଯ୍ୟ ବିଷୟରେ ବିସ୍ତୃତ ବିବରଣୀ ଦେଇଛନ୍ତି - ସ୍ଥାନାନ୍ତର ଉପରେ ନଜର ରଖିବା ପାଇଁ ନୋଡ଼ାଲ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଥିଲା, ହସ୍ତାନ୍ତରର ତଦାରଖ ପାଇଁ ଏକ କମିଟି ଗଠନ କରାଯାଇଥିଲା, ବିଚାରାଧୀନ ମାମଲାଗୁଡ଼ିକର ସ୍ଥାନାନ୍ତର ପାଇଁ କମିଟି ଏକ ପଦ୍ଧତି ପ୍ରସ୍ତୁତ କରିଥିଲା ଏବଂ ହସ୍ତାନ୍ତରିତ ମାମଲାଗୁଡ଼ିକର ସ୍ୱତନ୍ତ୍ର ଭାବେ ସମାଧାନ ପାଇଁ ‘ଓଏ ବିଭାଗ’ ନାମକ ଏକ ସମର୍ପିତ ଶାଖା ଗଠନ କରାଯାଇଥିଲା ।

**ଗ. ପ୍ରସଙ୍ଗ**

୧୯ . ପକ୍ଷ ମାନଙ୍କ ଦ୍ୱାରା ନିବେଦନ କରାଯାଇଥିବା ଉପସ୍ଥାପନା ଆଧାରରେ, ନିର୍ଦ୍ଧାରଣ ପାଇଁ ଉଠିଥିବା ବିଷୟଗୁଡ଼ିକ ହେଲା:

କ. ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀମାନଙ୍କ ଦ୍ୱାରା ଦାୟର କରାଯାଇଥିବା ରିଟ ଆବେଦନ ପୋଷଣୀୟ ଅଟେ କି ;

ଖ) ସମ୍ବିଧାନର ଧାରା ୩୨୩ -କ କେନ୍ଦ୍ର ସରକାରଙ୍କୁ ସ୍ୟାଟ ପ୍ରତିଷ୍ଠା କରିବା ବାଧ୍ୟତାମୂଳକ କରିଥାଏ କି ;

ଗ. ସାଧାରଣ ଖଣ୍ଡ ଅଧିନିୟମ ୨୧ ପ୍ରୟୋଗ କରି ଓଏଟି ପ୍ରତିଷ୍ଠା ଅଧିସୂଚନାକୁ ରଦ୍ଦ କରାଯାଇ ପାରିବ କି, ଯାହା ଫଳରେ ଓଏଟି ଉଚ୍ଛେଦ କରାଯାଇପାରିବ ;

ଘ. ଓଏଟି ଉଚ୍ଛେଦ ମନମୁଖୀ କି ଏବଂ ତେଣୁ ସମ୍ବିଧାନର ଧାରା ୧୪ ର ଉଲ୍ଲଂଘନ କରୁଛି କି ;

ଙ. ଓଏଟି ଉଚ୍ଛେଦ ଦ୍ୱାରା ନ୍ୟାୟ ପାଇବାର ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଛି କି ;

ଚ . ଓଏଟି କୁ ଉଚ୍ଛେଦ କରିବା ଲାଗି ନିଷ୍ପତ୍ତି ନେବା ପୂର୍ବରୁ ଓଏଟି ଓକିଲ ସଂଘ ଏବଂ ଓଏଟି ମକଦ୍ଦମାକାରୀଙ୍କୁ ଶୁଣାଣି କରିବାର ସୁଯୋଗ ପ୍ରଦାନ କରିବାରେ ବିଫଳ ହୋଇ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରାକୃତିକ ନ୍ୟାୟ ସିଦ୍ଧାନ୍ତକୁ ଉଲ୍ଲଂଘନ କରିଛନ୍ତି କି;

ଛ. ୨ ଅଗଷ୍ଟ, ୨୦୧୯ ରେ ଜାରି ଅଧିସୂଚନା ରାଷ୍ଟ୍ରପତିଙ୍କ ନାମରେ ପ୍ରକାଶିତ ହୋଇନଥିବାରୁ ଏହା ଅବୈଧ କି ;

ଜ. ଓଏଟି ଠାରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ମାମଲାଗୁଡ଼ିକର ସ୍ଥାନାନ୍ତରଣ ଦ୍ୱାରା ପରବର୍ତ୍ତୀ ନ୍ୟାୟାଳୟର କ୍ଷେତ୍ରାଧିକାର ବୃଦ୍ଧି ପାଇବ କି ;

ଝ. କ'ଣ ରାଜ୍ୟ ସରକାର ଓଏଟି ରେ ଥିବା ଖାଲି ପଦବୀକୁ ପୂରଣ କରିବା ବନ୍ଦ କରି ନିଜ ଭୁଲର ଫାଇଦା ଉଠାଇଛନ୍ତିକି ;

**ଭାଗ ଘ**

ଞ. ଓଏଟି ଉଚ୍ଛେଦ ପୂର୍ବରୁ ନ୍ୟାୟିକ ପ୍ରଭାବ ଆକଳନ କରିବାରେ କେନ୍ଦ୍ର ସରକାରଙ୍କ ବିଫଳତା ଓଏଟି ଉଚ୍ଛେଦ ନିଷ୍ପତ୍ତିକୁ ଅସିଦ୍ଧ କରୁଛି କି; ଏବଂ

ଟ. ଓଏଟି ପ୍ରତିଷ୍ଠା କରିବା ପରେ କେନ୍ଦ୍ର ସରକାର ଅଧିକାରହୀନ ହୋଇଛନ୍ତି କି ।

## ଘ. ବିଶ୍ଳେଷଣ

୧. ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ[11] ଏବଂ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣ[12]ର ଉଚ୍ଛେଦ ପରେ ଆରମ୍ଭ ହୋଇଥିବା କାର୍ଯ୍ୟଧାରାର ଏକ ସଂକ୍ଷିପ୍ତ ବିବରଣୀ

୨୦.ଏହି ଅପିଲର ପକ୍ଷମାନେ ଅନ୍ୟ କେତେକ ସ୍ୟାଟ ଉଚ୍ଛେଦ ସମ୍ବନ୍ଧୀୟ ନିଷ୍ପତ୍ତି ବାବଦରେ କିଛି ଯୁକ୍ତି ଉପସ୍ଥାପନ କରିଛନ୍ତି । ତେଣୁ ସେହି ସ୍ୟାଟ ଗୁଡିକର ଉଚ୍ଛେଦ ସମ୍ପର୍କରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି ସବୁକୁ ବୁଝିବା ଆବଶ୍ୟକ । ଏଥିପାଇଁ, ଏମପିଏଟି ଏବଂ ଟିଏନଏଟି ଉଚ୍ଛେଦ ସହିତ ସେହି ନିଷ୍ପତ୍ତି ଗୁଡିକରୁ ଉତ୍ପନ୍ନ ଆଇନଗତ ପ୍ରକ୍ରିୟା ସଂକ୍ଷେପରେ ଆଲୋଚନା ହୋଇଛି ।  ଏହି ମାମଲାର ନିଷ୍ପତ୍ତି ଉପରେ ଏହି କାର୍ଯ୍ୟଧାରାର ପ୍ରଭାବ ମଧ୍ୟ ଅନୁଧ୍ୟାନ କରାଯାଉଛି।

*କ. ଏମପିଏଟି ଉଚ୍ଛେଦ*

୨୧. ମଧ୍ୟପ୍ରଦେଶ ପୁନର୍ଗଠନ ଅଧିନିୟମ ୨୦୦୦ ର  ପ୍ରଣୟନ ଦ୍ୱାରା ମଧ୍ୟପ୍ରଦେଶ ରାଜ୍ୟକୁ ମଧ୍ୟପ୍ରଦେଶ ରାଜ୍ୟ ଏବଂ ଛତିଶଗଡ଼ ରାଜ୍ୟରେ ପୁନର୍ଗଠନ କରାଯାଇଥିଲା । ଏହି ଆଇନ ପ୍ରଣୟନ ର ଧାରା ୭୪ (୧)(୨ ) ଏହି ଦୁଇ ରାଜ୍ୟର ରାଜ୍ୟ ସରକାରଙ୍କୁ କେନ୍ଦ୍ରୀୟ ଅଧିନିୟମ,ରାଜ୍ୟ ଅଧିନିୟମ କିମ୍ବା ପ୍ରାଦେଶିକ ଅଧିନିୟମ ଅନ୍ତର୍ଗତ ଗଠିତ *"ପ୍ରତ୍ୟେକ ଆୟୋଗ, ପ୍ରାଧିକରଣ, ନ୍ୟାୟାଧିକରଣ, ବିଶ୍ୱବିଦ୍ୟାଳୟ, ବୋର୍ଡ କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଏବଂ ବିଦ୍ୟମାନ ମଧ୍ୟପ୍ରଦେଶ ରାଜ୍ୟ ଉପରେ ଥିବା କ୍ଷେତ୍ରାଧିକାର"* ଉଚ୍ଛେଦ କରିବାର କ୍ଷମତା ପ୍ରଦାନ କରିଛି।

୨୨. ଛତିଶଗଡ଼ ସହିତ ମିଶି ମଧ୍ୟପ୍ରଦେଶ ସରକାର ନେଇଥିବା ଏକ ନିଷ୍ପତ୍ତି ବଳରେ ଏମପିଏଟି ଉଚ୍ଛେଦ ହୋଇଥିବାର ଏକ ଅଧିସୂଚନା ଜାରି କରିଥିଲେ । ଏହି ଅଧିସୂଚନାକୁ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା । ସେହି ମାମଲାରେ ଆବେଦନକାରୀମାନେ ମଧ୍ୟ ମଧ୍ୟପ୍ରଦେଶ ପୁନର୍ଗଠନ ଅଧିନିୟମ ୨୦୦୦ ର  ଧାରା ୭୪ ର ସାମ୍ବିଧାନିକତାକୁ ଆପତ୍ତି କରିଥିଲେ।

[11] "ଏମ ପି ଏ ଟି"

[12] "ଟି ଏନ ଏ ଟି"

୨୩. ଉଚ୍ଚ ନ୍ୟାୟାଳୟ ଧାରା ୭୪ ର ଉପଖଣ୍ଡ (୧) ର ସାମ୍ବିଧାନିକ ବୈଧତାକୁ ବଜାୟ ରଖିଛନ୍ତି । ଏହି ନିର୍ଦ୍ଧାରଣ କରାଯାଇଛି ଯେ ଧାରା ୭୧ର ଉପଖଣ୍ଡ (୨) ଏବଂ (୩) (ଯଥାକ୍ରମେ କର୍ମଚାରୀଙ୍କ ବରଖାସ୍ତ ଏବଂ ସେମାନଙ୍କ କାର୍ଯ୍ୟକାଳର ଅବସାନ ହୋଇନଥିବା ଅବଧି ପାଇଁ କ୍ଷତିପୂରଣ ସମ୍ବନ୍ଧୀୟ) ସମ୍ବିଧାନର ପରିପନ୍ଥୀ । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ସିଦ୍ଧାନ୍ତ କରିଥିଲେ ଯେ ରାଜ୍ୟ ସରକାର ଏକ ଅଧିସୂଚନା ଜାରି କରି ଏମପିଏଟି ଉଚ୍ଛେଦ କରିପାରିବେ ନାହିଁ । ବରଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଏମପିଏଟି ପ୍ରତିଷ୍ଠା କରାଯିବା କାରଣରୁ ଏମପିଏଟି ଉଚ୍ଛେଦ ଲାଗି ଏକ ଅଧିସୂଚନା ଜାରି କରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ଆବଶ୍ୟକ ଥିଲା । ଏହା ଧାରଣା କରାଯାଇଛି ଯେ କେନ୍ଦ୍ର ସରକାରଙ୍କ ନିକଟରେ ଏଭଳି ଅନୁରୋଧକୁ ଗ୍ରହଣ କରିବା ଏବଂ ଏ ସଂକ୍ରାନ୍ତରେ ଏକ ଅଧିସୂଚନା ଜାରି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ତଦନୁସାରେ ଉଚ୍ଚ ନ୍ୟାୟାଳୟ ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଜାରି ଏମ ପି ଏ ଟି ଉଚ୍ଛେଦ ଅଧିସୂଚନାକୁ ଖାରଜ କରିଦେଇଥିଲେ ।

୨୪. ଅପିଲରେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଦ୍ୱାରା କରାଯାଇଥିବା ମଧ୍ୟପ୍ରଦେଶ ପୁନର୍ଗଠନ ଅଧିନିୟମ ୨୦୦୦ ର ବ୍ୟାଖ୍ୟାକୁ ଏହି ନ୍ୟାୟାଳୟ ଗ୍ରହଣ କରିଥିଲେ । ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି **ଏମ.ପି. ଉଚ୍ଚ ନ୍ୟାୟାଳୟ ଓକିଲ ସଂଘ ବନାମ ଭାରତ ସଂଘ** (୨୦୦୪)୧୧ ଏସସିସି ୭୬୬[13] ଭାବରେ ସୂଚିତ କରାଗଲା ।

ତଥ୍ୟର ଆଲୋଚନାରୁ ଜଣାପଡ଼ିଛି ଯେ **ଏମପିଏଟି ଉଚ୍ଛେଦ ମାମଲା** (ଉପରୋକ୍ତ) ମଧ୍ୟପ୍ରଦେଶ ପୁନର୍ଗଠନ ଅଧିନିୟମ ୨୦୦୦ ଅନ୍ତର୍ଗତ ମଧ୍ୟପ୍ରଦେଶ ରାଜ୍ୟର କ୍ଷମତା ସହିତ ସେହି ଅଧିନିୟମନର କେତେକ ବ୍ୟବସ୍ଥାର ସାମ୍ବିଧାନିକ ବୈଧତା ସହିତ ଜଡ଼ିତ । ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪(୨) ପାଇଁ ପ୍ରଯୁଜ୍ୟ ହେବ କି ନାହିଁ ତାହା ବିଚାର କରିବାକୁ ଏହି ନ୍ୟାୟାଳୟଙ୍କୁ ଆହ୍ୱାନ କରାଯାଇନଥିଲା । ରାଜ୍ୟର ପୁନର୍ଗଠନ ଲାଗି ପ୍ରଣୀତ ବିଧାନ ଅଧୀନରେ ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ ଦ୍ୱାରା ସ୍ୟାଟ ଉଚ୍ଛେଦ ଉପରେ ନିଷ୍ପତ୍ତି ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଅଧୀନରେ କ୍ଷମତା ପ୍ରୟୋଗ କରି ସ୍ୟାଟ ଉଚ୍ଛେଦ କରାଯାଇପାରିବ କି ନାହିଁ ତାହା ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ଅତଏବ, **ଏମପିଏଟି ଉଚ୍ଛେଦ ମାମଲା** (ଉପରୋକ୍ତ) ସାଧାରଣ ଖଣ୍ଡ ଅଧିନିୟମର

[13] "ଏମ ପି ଏ ଟି ଉଚ୍ଛେଦ ମାମଲା"

ଧାରା ୨୧ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪ (୨) କୁ ପ୍ରଯୁଜ୍ୟ ହେବକି ନାହିଁ, ଉପଯୁକ୍ତ ହେବନାହିଁ । ତଥାପି, ଏମପିଏଟି ଉଚ୍ଛେଦ କରିବାର ନିଷ୍ପତ୍ତି ମନମୁଖି , ଅଯୌକ୍ତିକ ଥିଲା କି ଏବଂ ତେଣୁ ସମ୍ବିଧାନର ଧାରା ୧୪ ର ଉଲଂଘନ ହୋଇଥିଲା କି ନାହିଁ ସେହି ମାମଲାରେ ବିଚାର କରାଯାଇଥିଲା । ବର୍ତ୍ତମାନର ମାମଲାରେ ସମାନ ପ୍ରସଙ୍ଗ ଆମ ସାମ୍ନାରେ ରହିଛି ଏବଂ **ଏମପିଏଟି ଉଚ୍ଛେଦ ମାମଲା** (ଉପରୋକ୍ତ)ରେ ନିଷ୍ପତ୍ତି ଏଥିରେ ଶିକ୍ଷାପ୍ରଦ ହୋଇପାରେ ।

*ଖ. ଟିଏନଏଟି ଉଚ୍ଛେଦ*

୧୯୯୪ ରୁ ୨୦୦୪ ମସିହା ମଧ୍ୟରେ ତାମିଲନାଡୁ ସରକାର କେନ୍ଦ୍ର ସରକାରଙ୍କୁ ଟିଏନଏଟି ଉଚ୍ଛେଦ କରିବାକୁ ଅନୁରୋଧ କରିଥିଲେ । ଏହାପରେ, ଏହା ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଟିଏନଏଟିର ସଦସ୍ୟ ନିଯୁକ୍ତ କରିବା ବନ୍ଦ କରିଦେଲା , ଯାହା ଫଳ ସ୍ୱରୂପ କାର୍ଯ୍ୟକ୍ଷମ ହୋଇନଥିଲା । ଏହି ସମୟରେ ପାଖାପାଖି ୩୦,୦୦୦ ମାମଲା ବିଚାରାଧୀନ ଥିଲା । ବିଭିନ୍ନ ପକ୍ଷ ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ରିଟ ପିଟିସନ ଦାୟର କରି ତାମିଲନାଡୁ ସରକାରଙ୍କୁ ଉଚ୍ଛେଦ ହେବା ପର୍ଯ୍ୟନ୍ତ ଟିଏନଏଟି ରେ ଖାଲି ଥିବା ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ । ଏହି ରିଟ୍ ପିଟିସନଗୁଡିକର ଫଳାଫଳ **ତାମିଲନାଡୁ ସରକାରଙ୍କ ସମସ୍ତ ବିଭାଗ ୱାଚମ୍ୟାନ୍ ଏବଂ ବେସିକ ସର୍ଭେଣ୍ଟ ଆସୋସିଏସନ୍ ବନାମ ଭାରତ ସଂଘ[14]ର** ମାମଲାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିରେ ଶେଷ ହୋଇଥିଲା ।

୨୫. ଉପରୋକ୍ତ ମାମଲାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ତାଙ୍କ ନିଷ୍ପତ୍ତିରେ କହିଥିଲେ ଯେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ବଳରେ ସ୍ୟାଟ ପ୍ରତିଷ୍ଠା କରୁଥିବା ଏକ ଅଧିସୂଚନାକୁ ରଦ୍ଦ କରିବାର କ୍ଷମତା କେନ୍ଦ୍ର ସରକାରଙ୍କ ପାଖରେ ଥିଲା । ଏହା **ଏମପିଏଟି ଉଚ୍ଛେଦ ମାମଲା** (ଉପରୋକ୍ତ) ଉପରେ ନିର୍ଭର କରି କହିଛନ୍ତି ଯେ ସ୍ୟାଟ ଉଚ୍ଛେଦ କରିବା ପାଇଁ "ନୀତିଗତ ନିଷ୍ପତ୍ତି" ନେବାକୁ ଏବଂ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ ଏହା ରାଜ୍ୟ ସରକାରଙ୍କ ପାଇଁ ଉନ୍ମୁକ୍ତ ଥିଲା । ଏହା ପୁନଃ କହିଛନ୍ତି ଯେ ଏହି ମାମଲାରେ ଅଧିସୂଚନା ଜାରି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ କେନ୍ଦ୍ର ସରକାରଙ୍କ ରହିବ ନାହିଁ । ଏହି ଆଧାରରେ ଟିଏନଏଟି ଉଚ୍ଛେଦ ଲାଗି କେନ୍ଦ୍ର ସରକାରଙ୍କୁ ଏକ ଅଧିସୂଚନା ଜାରି କରିବା ଲାଗି ଏହା ନିର୍ଦ୍ଦେଶ ଦେଲେ

[14] ୨୦୦୫ ଏସସିସି ଅନଲାଇନ ଏମଏଡି ୩୩୩- "ଟି ଏନ ଏ ଟି ଉଚ୍ଛେଦ ମାମଲା"

*"କାରଣ କେନ୍ଦ୍ର ସରକାରଙ୍କୁ ସଂସଦରେ ସଂଶୋଧନ ପାଇଁ ଅପେକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ ଏବଂ କେବଳ ଅଧିସୂଚନା ଜାରି କରିବା ଦ୍ୱାରା ଟ୍ରିବ୍ୟୁନାଲକୁ ଉଚ୍ଛେଦ କରାଯାଇପାରିବ ।"*

**ଟିଏନଏଟି ଉଚ୍ଛେଦ ମାମଲା** (ଉପରୋକ୍ତ)ର ନିଷ୍ପତ୍ତି ବିରୋଧରେ ଏହି ନ୍ୟାୟାଳୟରେ ଦୁଇଟି ଅପିଲ ଦାୟର କରାଯାଇଥିଲା । ପ୍ରଥମଟି ୨୦୦୫ ଅଗଷ୍ଟ ୧୬ ତାରିଖରେ ଏକ ଆଦେଶ ଦ୍ୱାରା ପ୍ରାରମ୍ଭରେ ଖାରଜ କରାଯାଇଥିଲା । ଦ୍ୱିତୀୟଟି ଥିଲା ଭାରତ ସଂଘ ଦ୍ୱାରା ଦାଖଲ ଏକ ଆବେଦନ।ଏହି ଆବେଦନକୁ ଯୋଗ୍ୟତା ଆଧାରରେ ବିଚାର କରାଯିବା ପୂର୍ବରୁ କେନ୍ଦ୍ର ସରକାର ୨୦୦୬ ଫେବୃଆରୀ ୧୭ ରେ ଟିଏନଏଟି ଉଚ୍ଛେଦ ଲାଗି ଏକ ଅଧିସୂଚନା ଜାରି କରିଥିଲେ । ୨୮ ମାର୍ଚ୍ଚ ୨୦୧୭ ରେ ଏହି ନ୍ୟାୟାଳୟ ନିଷ୍ଫଳ ହୋଇଥିବା ଯୋଗୁ ଏହି ଅପିଲକୁ ଖାରଜ କରିଦେଇଥିଲେ । ଆଇନର ପ୍ରଶ୍ନକୁ ଖୋଲା ରଖାଯାଇଛି ବୋଲି ଏହା ଅବଲୋକନ କରାଯାଇଛି ।

୨୬. ତେଣୁ **ଟିଏନଏଟି ଉଚ୍ଛେଦ ମାମଲା** (ଉପରୋକ୍ତ) ଏହି ନ୍ୟାୟାଳୟକୁ ବାଧ୍ୟ କରିବା ଭଳି ଉଦାହରଣ ସୃଷ୍ଟି କରେନାହିଁ । ଏହି ନ୍ୟାୟାଳୟରେ ଅପିଲ କରାଯାଇଥିବା **ଟିଏନଏଟି ଉଚ୍ଛେଦ ମାମଲା** (ଉପରୋକ୍ତ)ରୁ ଉଦ୍ଭୁତ ଶୁଣାଣି ମଧ୍ୟ ଆମ ସମ୍ମୁଖରେ ଥିବା ପ୍ରସଙ୍ଗର ଯୋଗ୍ୟତା ନିର୍ଦ୍ଧାରଣ କରିବା ସମୟରେ ଗ୍ରହଣ କରାଯିବାକୁ ଥିବା ଆଭିମୁଖ୍ୟ ଉପରେ କୌଣସି ପ୍ରଭାବ ପକାଉନାହିଁ କାରଣ ଆଇନର ପ୍ରଶ୍ନ ସ୍ପଷ୍ଟ ଭାବେ ଖୋଲା ରହିଥିଲା ।

<u>୨. ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ରିଟ ପିଟିସନ ବିଚାରଯୋଗ୍ୟ ଥିଲା</u>

୨୭. ଓଏଟି ଉଚ୍ଛେଦ ହେତୁ ଆବେଦନକାରୀଙ୍କ ଅଧିକାର ପ୍ରଭାବିତ ହେଉନଥିବାରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆବେଦନକାରୀଙ୍କ ଦ୍ୱାରା ଦାୟର ହୋଇଥିବା ରିଟ ପିଟିସନ ଗୁଡିକର (ଯାହା ଆକ୍ଷେପିତ ରାୟକୁ ସୃଷ୍ଟି କରେ ) ରକ୍ଷଣୀୟତା ଉପରେ ଓଡ଼ିଶା ରାଜ୍ୟ ପ୍ରଶ୍ନ ଉଠାଇଛନ୍ତି ।

୨୮. ଆବେଦନକାରୀମାନେ ହେଲେ ଓଏଟି ଓକିଲ ସଂଘ, କଟକ ଏବଂ ଓଡ଼ିଶା ଅବସରପ୍ରାପ୍ତ ପୁଲିସ ଅଧିକାରୀ କଲ୍ୟାଣ ସଂଘ । ଉଭୟ ସଂଗଠନ ସମବାୟ ପଞ୍ଜିକରଣ ଅଧିନିୟମ ୧୮୬୦ ଅଧୀନରେ ପଞ୍ଜିକୃତ । ସମବାୟ ପଞ୍ଜିକରଣ ଅଧିନିୟମ ୧୮୬୦ ର ଧାରା ୬ ପଞ୍ଜିକୃତ ସମବାୟ ଗୁଡ଼ିକୁ ମାମଲା ରୁଜୁ କରିବା

ଏବଂ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାର ଅଧିକାର ପ୍ରଦାନ କରିଥାଏ । ତେଣୁ ଉଭୟ ଆବେଦନକାରୀ ସଂଗଠନ ସମ୍ବିଧାନର ଧାରା ୨୨୬ ଅନୁଯାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାର ଅଧିକାର ପାଇଛନ୍ତି ।

୨୯. ଉଭୟ ଆବେଦନକାରୀ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ସେମାନଙ୍କ ବର୍ତ୍ତମାନର ଆଇନଗତ ଅଧିକାର ଉଲ୍ଲଂଘନ କରାଯାଇଥିଲା । **ଗୁଲାମ କାଦିର ବନାମ ସ୍ୱତନ୍ତ୍ର ନ୍ୟାୟାଧିକରଣ** (୨୦୦୨)୧ ଏସସିସି ୩୩ ମାମଲାରେ ଏହି ନ୍ୟାୟାଳୟ ନିର୍ଦ୍ଧାରଣ କରିଛନ୍ତି ଯେ ଆବେଦନକାରୀଙ୍କର ଏକ ଆଇନଗତ ଅଧିକାରର ଅସ୍ତିତ୍ୱ ଯାହାକି ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ କରାଯାଇଛି, ତାହା ଅନୁଚ୍ଛେଦ ୨୨୬ ରେ ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଧିକାରିତାକୁ ପ୍ରୟୋଗ କରିବାର ଆଧାର ଅଟେ ।

> "୩୮. ସଶରୀର ଉପସ୍ଥାପନା ଆଜ୍ଞାଦେଶ କିମ୍ବା ଅଧିକାର ଜାରି କରିବା ହୁକୁମ ନେଇ ପ୍ରାର୍ଥନା ବ୍ୟତୀତ ଜଣେ ପୀଡ଼ିତ ବ୍ୟକ୍ତିଙ୍କ ସମ୍ବିଧାନର ୨୨୬ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେଇ ଆଇନଗତ ପ୍ରସ୍ତାବ ସମ୍ବନ୍ଧରେ କୌଣସି ବିବାଦ ନାହିଁ । ସାଧାରଣ ନିୟମର ଅନ୍ୟ ଏକ ବ୍ୟତିକ୍ରମ ହେଉଛି ଲୋକ ହିତ ଦୃଷ୍ଟିରୁ ରିଟ୍ ପିଟିସନ ଦାଖଲ କରିବା । **ଉଲଂଘନ କରାଯାଇଥିବା ଅଭିଯୋଗକାରୀଙ୍କ ଆଇନଗତ ଅଧିକାରର ଅସ୍ତିତ୍ୱ ଉପରୋକ୍ତ ଧାରା ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାରକୁ ଆହ୍ୱାନ କରିବାର ମୂଳଦୁଆ ଅଟେ ।** ଆମ ଦେଶରେ ସାମ୍ବିଧାନିକ ଆଇନର ବିକାଶ ସହିତ ଜଣେ ବ୍ୟକ୍ତିଙ୍କ ନ୍ୟାୟାଳୟରେ ପହଞ୍ଚିବାର ଅଧିକାର ସମ୍ବନ୍ଧୀୟ ବ୍ୟାଖ୍ୟାର ପରମ୍ପରାବାଦୀ ନିୟମରେ ବ୍ୟାପକ ପରିବର୍ତ୍ତନ ଆସିଛି ଏବଂ ସାମ୍ବିଧାନିକ ନ୍ୟାୟାଳୟଗୁଡ଼ିକ କେବଳ ଅତ୍ୟଧିକ ବୈଷୟିକ ଜ୍ଞାନ ଆଧାରରେ ମାମଲାଗୁଡ଼ିକର ବିଚାର କରିବା କିମ୍ବା ମକଦ୍ଦମାକାରୀଙ୍କ ଦାବିକୁ ପ୍ରତ୍ୟାହାର କରିବା ଲାଗି ଏକ ଉଦାର ମନୋଭାବ ଗ୍ରହଣ କରିଛନ୍ତି । **ଯଦି ଜଣେ ବ୍ୟକ୍ତି ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଯଥାର୍ଥ ଭାବେ ପ୍ରତିପାଦିତ କରିପାରନ୍ତି ଯେ ଆକ୍ଷେପିତ କାର୍ଯ୍ୟାନୁଷ୍ଠାନ ତାଙ୍କ ଅଧିକାର ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ରହିଛି, ଯାହାର ଉତ୍ସ କେତେକ ବୈଧାନିକ ବ୍ୟବସ୍ଥାରେ ଦର୍ଶାଯାଇଛି, ତେବେ ଏପରି ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ତାଙ୍କ ସ୍ଥିତିର ଅଧିକାର ନଥିବା କାରଣରୁ ଖାରଜ କରାଯାଇପାରିବ ନାହିଁ ।** ଅନ୍ୟ ଶବ୍ଦରେ କହିବାକୁ ଗଲେ, ଯଦି ବ୍ୟକ୍ତି, ଯାହାଙ୍କର କୌଣସି ପଦବୀ କିମ୍ବା ସମ୍ପତ୍ତି ଉପରେ ଅଧିକାର ନଥାଇ, କେବଳ ଜଣେ ଅପରିଚିତ ବ୍ୟକ୍ତି ନୁହଁ ବୋଲି ବିବେଚିତ ହୁଅନ୍ତି, ତା'ଙ୍କର ସ୍ଥିତିର ଅଧିକାର ନଥିବା କାରଣ ହେତୁ ସେ ଅନୁପଯୁକ୍ତ ହୋଇପାରିବେ ନାହିଁ"।
>
> (ଗୁରୁତ୍ୱ ପ୍ରଦାନ କରାଯାଇଛି)

୩୦. **ଓଡ଼ିଶା ରାଜ୍ୟ ବନାମ ରାମଚନ୍ଦ୍ର ଦେବ** ଏ.ଆଇ.ଆର. ୧୯୬୪ ଏସ.ସି. ୬୮୫ ମାମଲାରେ ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ବିଚାରପୀଠ କହିଥିଲେ ଯେ ଅନୁଚ୍ଛେଦ ୨୨୬ ଅଧୀନରେ ଏକ ଆବେଦନର ଆଧାର ହେଉଛି ଅଧିକାରର ଅସ୍ତିତ୍ୱ :

> ୮. .. ସମ୍ବିଧାନର ଧାରା ୨୨୬ ଅନୁଯାୟୀ, ଉଚ୍ଚ ନ୍ୟାୟାଳୟର ଅଧିକାରିତା କ୍ଷେତ୍ର ନିଃସନ୍ଦେହରେ ଅତ୍ୟନ୍ତ ବ୍ୟାପକ । ମୌଳିକ ଅଧିକାରର ପ୍ରବର୍ତ୍ତନ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟ ପାଇଁ ମଧ୍ୟ ଉକ୍ତ ଅନୁଚ୍ଛେଦ ଅଧୀନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉପଯୁକ୍ତ ରିଟ ଜାରି କରାଯାଇପାରିବ ଏବଂ ସେହି ଦୃଷ୍ଟିରୁ, ଜଣେ ପକ୍ଷ ଯିଏ ଧାରା ୨୨୬ ଅଧୀନରେ ଉଚ୍ଚ ନ୍ୟାୟାଳୟଙ୍କ ଅଧିକାରିତା କ୍ଷେତ୍ରକୁ ଆବାହନ କରେ କେବଳ ତାଙ୍କର ମୌଳିକ ଅଧିକାର ଉପରେ ବେଆଇନ ଆକ୍ରମଣର ମାମଲାରେ ସୀମିତ ନୁହେଁ।କିନ୍ତୁ ଅନୁଚ୍ଛେଦ ୨୨୬ ଅନୁଯାୟୀ ଉଚ୍ଚ ନ୍ୟାୟାଳୟର ଅଧିକାରିତା କ୍ଷେତ୍ର ଯଦିଓ ବ୍ୟାପକ, ଅନୁଚ୍ଛେଦର ଶେଷ ଶବ୍ଦ ସ୍ପଷ୍ଟ ଭାବେ ସୂଚାଉଛି ଯେ କୌଣସି ପକ୍ଷଙ୍କ ସପକ୍ଷରେ କୌଣସି ରିଟ କିମ୍ବା ଉପଯୁକ୍ତ ଆଦେଶ ଜାରି କରିବା ପୂର୍ବରୁ ଏହା ନିଶ୍ଚିତ ଭାବେ ପ୍ରମାଣିତ କରାଯିବା ଆବଶ୍ୟକ ଯେ ପକ୍ଷର ଅଧିକାର ରହିଛି ଏବଂ ଉକ୍ତ ଅଧିକାର ବେଆଇନ ଭାବେ ଆକ୍ରମଣ ହୋଇଛି କିମ୍ବା ଧମକ ଦିଆଯାଇଛି।ତେଣୁ ଅଧିକାରର ଅସ୍ତିତ୍ୱ ଅନୁଚ୍ଛେଦ ୨୨୬ ଅନ୍ତର୍ଗତ ଆବେଦନର ଆଧାର ଅଟେ" ।

(ଗୁରୁତ୍ୱ ପ୍ରଦାନ କରାଯାଇଛି)

୩୧. ଏହି ମାମଲାରେ ଓଡ଼ିଶା ଅବସରପ୍ରାପ୍ତ ପୁଲିସ ଅଧିକାରୀ କଲ୍ୟାଣ ସଂଘ ଅଭିଯୋଗ କରିଥିଲେ ଯେ, ଅଭିଯୋଗ (ନ୍ୟାୟ ପାଇବାର ମୌଳିକ ଅଧିକାରର ଏକ ଦିଗ) ର ତ୍ୱରିତ ସମାଧାନ ପାଇଁ ଏହାର ଅଧିକାରକୁ ଉଲ୍ଲଂଘନ କରାଯାଇଛି । ଓଡ଼ିଶା ଅବସରପ୍ରାପ୍ତ ପୁଲିସ ଅଧିକାରୀ କଲ୍ୟାଣ ସଂଘ ସହିତ ଓଏଟି ଓକିଲ ସଂଘ ଯୋଗ ଦେଇ ଅଭିଯୋଗ କରିଛନ୍ତି ଯେ ଓଏଟି ଉଚ୍ଛେଦ କରିବାରେ ରାଜ୍ୟ ସରକାରଙ୍କ କାର୍ଯ୍ୟ ସମ୍ବିଧାନର ଧାରା ୧୪ ଅଧୀନରେ ଥିବା ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିଛି । ଓଏଟି ଉଚ୍ଛେଦ ଦ୍ୱାରା ଏହି ଅଧିକାର ସବୁ ଉଲ୍ଲଙ୍ଘନ ହୋଇଛି ବୋଲି ଅଭିଯୋଗ କରି ସେମାନେ ସମ୍ବିଧାନର ଧାରା ୨୨୬ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ନ୍ୟାୟିକ ଅଧିକାରିତାକୁ ଆହ୍ୱାନ କରିବାର ଅଧିକାର ପାଇଥିଲେ । ଅଭିଯୋଗରେ କିଛି ସତ୍ୟତା ରହିଛି କି ନାହିଁ ତାହା ଏକ ଅଲଗା ବିଷୟ ଯାହାକୁ ବିଶ୍ଳେଷଣ କରିବାକୁ ପଡିବ ।

୩. <u>ଅନୁଚ୍ଛେଦ ୩୨୩-କ କେନ୍ଦ୍ର ସରକାରଙ୍କୁ ସ୍ୟାଟ ଗୁଡିକୁ ଉଚ୍ଛେଦ କରିବାକୁ  ବାରଣ କରେନାହିଁ</u>

୩୨. କେନ୍ଦ୍ର ସରକାରଙ୍କ ପାଇଁ ସ୍ୟାଟ ପ୍ରତିଷ୍ଠା କରିବା ବାଧ୍ୟତାମୂଳକ କି ନାହିଁ ତାହାର ଆକଳନ କରିବା ପାଇଁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨୩-କ କୁ  ଧ୍ୟାନରେ ରଖିବା ଆବଶ୍ୟକ:

> "୩୨୩ କ. ପ୍ରଶାସନିକ ନ୍ୟାୟାଧିକରଣ (୧) ସଂସଦ, ବିଧି ଦ୍ୱାରା, ସଂଘ ବା ରାଜ୍ୟର ଅଥବା ଭାରତ ରାଜ୍ୟକ୍ଷେତ୍ର ମଧ୍ୟରେ ଥିବା କୌଣସି ସ୍ଥାନୀୟ ବା ଅନ୍ୟ ପ୍ରାଧିକାରୀଙ୍କର ଅଥବା ଭାରତ ସରକାରଙ୍କ ନିୟନ୍ତ୍ରଣାଧୀନ ବା ସରକାରଙ୍କ ନିୟନ୍ତ୍ରଣାଧୀନ କୌଣସି ନିଗମର କାର୍ଯ୍ୟ ସହିତ ସଂଶ୍ଳିଷ୍ଟ ସାର୍ବଜନିକ ସେବା ଓ ପଦରେ ନିଯୁକ୍ତ ବ୍ୟକ୍ତିମାନଙ୍କର ନିଯୁକ୍ତି ଏବଂ ସେବାର ସର୍ତ୍ତାବଳୀ ସମ୍ବନ୍ଧୀୟ ବିବାଦ ଓ ଅଭିଯୋଗର ନ୍ୟାୟ ନିର୍ଣ୍ଣୟ କିମ୍ବା ବିଚାର ପ୍ରଶାସନିକ ନ୍ୟାୟାଧିକରଣ ଦ୍ୱାରା କରିବା ପାଇଁ ବ୍ୟବସ୍ଥା କରିପାରନ୍ତି ।
>
> (୨) ଖଣ୍ଡ (୧) ଅଧୀନରେ ପ୍ରଣୀତ ବିଧି ହୋଇପାରେ  –
>
> (କ) କେନ୍ଦ୍ର ପାଇଁ ଏକ ପ୍ରଶାସନିକ ନ୍ୟାୟାଧିକରଣ ଏବଂ ପ୍ରତ୍ୟେକ ରାଜ୍ୟ ପାଇଁ ଅଥବା ଦୁଇ ବା ଅଧିକ ରାଜ୍ୟ ପାଇଁ ଏକ ପୃଥକ ପ୍ରଶାସନିକ ନ୍ୟାୟାଧିକରଣ ସ୍ଥାପନ ନିମିତ୍ତ ବ୍ୟବସ୍ଥା କରିପାରିବେ;
>
> (ଖ) ଉକ୍ତ ନ୍ୟାୟାଧିକରଣ  ମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଦ୍ୱାରା କ୍ଷେତ୍ର ଚୟନ, କ୍ଷମତା (ଅବମାନନା ନିମିତ୍ତ ଦଣ୍ଡ ଦେବାର କ୍ଷମତା ସହିତ) ଏବଂ ଅଧିକାରିତାର ପ୍ରୟୋଗ ନିର୍ଦ୍ଦିଷ୍ଟ କରିପାରିବେ ;
>
> (ଗ) ଉକ୍ତ ନ୍ୟାୟାଧିକରଣ  ମାନଙ୍କ ଦ୍ୱାରା ଅନୁସରଣ କରାଯିବାକୁ ଥିବା ପ୍ରକ୍ରିୟା (ସୀମା ଓ ସାକ୍ଷ୍ୟ ନିୟମ ସମ୍ବନ୍ଧୀୟ ବ୍ୟବସ୍ଥା ସମେତ) ର ବ୍ୟବସ୍ଥା କରିପାରିବେ ;
>
> (ଘ) ଖଣ୍ଡ (୧) ରେ ଦର୍ଶାଯାଇଥିବା ବିବାଦ କିମ୍ବା ଅଭିଯୋଗ ସମ୍ବନ୍ଧରେ, ଧାରା ୧୩୬ ଅନୁଯାୟୀ ଉଚ୍ଚତମ ନ୍ୟାୟାଳୟଙ୍କ ଅଧିକାରିତା ବ୍ୟତୀତ, ସମସ୍ତ ଅଦାଲତର କ୍ଷେତ୍ରାଧିକାରକୁ ବାଦ ଦେଇପାରେ;
>
> (ଙ) ଏପରି ନ୍ୟାୟାଧିକରଣ ସ୍ଥାପନ ହେବାର ଅବ୍ୟବହିତ ପୂର୍ବରୁ ତାର କ୍ଷେତ୍ରାଧିକାରରେ  ଥିବା କୌଣସି ଅଦାଲତ ବା ଅନ୍ୟ ପ୍ରାଧିକାରୀଙ୍କ ସମକ୍ଷରେ ବିଚାରାଧୀନ ଥିବା କୌଣସି ମାମଲାମାନ ଏପରି ପ୍ରତ୍ୟେକ

> ପ୍ରଶାସନିକ ନ୍ୟାୟାଧିକରଣକୁ ସ୍ଥାନାନ୍ତରିତ କରିବା ପାଇଁ ବ୍ୟବସ୍ଥା କରିପାରିବେ, ଯଦି କାର୍ଯ୍ୟର କାରଣ , ଯାହା ଉପରେ ଏପରି ମକଦ୍ଦମା କିମ୍ବା କାର୍ଯ୍ୟଧାରା ଆଧାରିତ,ଏପରି ସ୍ଥାପନା ପରେ ସୃଷ୍ଟି ହୋଇଥାନ୍ତା;
>
> (ଚ) ଅନୁଚ୍ଛେଦ ୩୭୧(ଘ) ର ଖଣ୍ଡ (୩) ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା କରାଯାଇଥିବା କୌଣସି ଆଦେଶକୁ ରଦ୍ଦ କିମ୍ବା ସଂଶୋଧନ କରିପାରେ;
>
> (ଛ) ଏପରି ନ୍ୟାୟାଧିକରଣଗୁଡ଼ିକର/ଦ୍ୱାରା ପ୍ରଭାବୀ କାର୍ଯ୍ୟକାରିତା ପାଇଁ, ମାମଲାଗୁଡ଼ିକର ଶୀଘ୍ର ଫଇସଲା ପାଇଁ ଏବଂ ଆଦେଶ ପ୍ରବର୍ତ୍ତନ ପାଇଁ ସଂସଦ ଯେପରି ଆବଶ୍ୟକ ମନେ କରେ ସେପରି ଅନୁପୂରକ, ଆନୁଷଙ୍ଗିକ ଏବଂ ପାରିଣାମିକ ଉପବନ୍ଧମାନ (ଶୁଳ୍କ ସମ୍ବନ୍ଧୀୟ ଉପବନ୍ଧମାନ ସମେତ) ଧାରଣ କରିପାରେ ।
>
> (୩) ଏହି ସଂବିଧାନର ଅନ୍ୟ କୌଣସି ଉପବନ୍ଧରେ ବା ଅନ୍ୟ କୌଣସି ବିଧିରେ ଯାହା କିଛି ବର୍ତ୍ତମାନ ବଳବତ୍ତର ଥିବା ସତ୍ତ୍ୱେ, ଏହି ଅନୁଚ୍ଛେଦର ଉପବନ୍ଧମାନ ପ୍ରଭାବୀ ହେବ" ।
>
> (ଗୁରୁତ୍ୱ ପ୍ରଦାନ କରାଯାଇଛି)

୩୩. ଅନୁଚ୍ଛେଦ ୩୨୩-କ ର ଖଣ୍ଡ (୧) ଏବଂ (୨) ରେ "କରିପାରେ" ଅଭିବ୍ୟକ୍ତି ବ୍ୟବହାର କରାଯାଇଛି, ଯାହା ସୂଚୀତ କରେ ଯେ ଅନୁଚ୍ଛେଦ ୩୨୩-କ ସଂସଦକୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ଆଇନ ପ୍ରଣୟନ କରିବା ପାଇଁ ବାଧ କରିନଥାଏ । ପ୍ରଶାସନିକ ନ୍ୟାୟାଧିକରଣ ଦ୍ୱାରା କେତେକ ବିବାଦର ନ୍ୟାୟ ନିର୍ଣ୍ଣୟ ନିମନ୍ତେ ଏକ ଆଇନ ପ୍ରଣୟନ କରିବା ଲାଗି ସଂସଦକୁ କ୍ଷମତା ପ୍ରଦାନ କରାଯାଇଛି । ଏହା ଏକ ଅନୁମତିପ୍ରାପ୍ତ ବ୍ୟବସ୍ଥା । ଏହି ବ୍ୟବସ୍ଥା ସୁବିଧାଜନକ ଏବଂ ସକ୍ରିୟ ।

୩୪. ତେବେ, କେତେକ କ୍ଷେତ୍ରରେ, କିଛି କରିବାର କ୍ଷମତା ସେହି କ୍ଷମତାର ପ୍ରୟୋଗ କରିବାର କର୍ତ୍ତବ୍ୟ ସହିତ ଯୋଡ଼ି ହୋଇପାରେ । **ଅଫିସିଆଲ୍ ଲିକୁଇଡେଟର ବନାମ ଧରତୀ ଧନ (ପି) ଲିମିଟେଡ** (୧୯୭୭ ) ୨ ଏସସିସି ୧୬୬ ମାମଲାରେ ଏହି ନ୍ୟାୟାଳୟ ବ୍ୟାଖ୍ୟା କରିଥିଲେ ଯେ କେଉଁ ସମୟରେ "ହୋଇପାରେ" ଶବ୍ଦଟି ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ସେହି ଶବ୍ଦ ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ କରିପାରିବ:

> "୮. ଏହିପରି ମାମଲାରେ ସର୍ବଦା ନିର୍ଦ୍ଧାରଣ କରାଯିବାକୁ ଥିବା ପ୍ରଶ୍ନ ହେଉଛି ଯେ" "ହୋଇପାରେ" ଶବ୍ଦର ବ୍ୟବହାର ଦ୍ୱାରା ପ୍ରଦତ୍ତ କ୍ଷମତାର,

ଏହା ସହିତ ସଂଯୁକ୍ତ,ଏକ ବାଧ୍ୟତା ଅଛି କି, କେତେକ ବୈଧିକ ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରିବା ପରେ, ପ୍ରମାଣ ଦ୍ଵାରା ଦର୍ଶାଇବା ପାଇଁ, ଏକ ନିର୍ଦ୍ଦିଷ୍ଟ ପ୍ରକାରର ଆଦେଶ ଦେବା ଆବଶ୍ୟକ ।" ଯଦି ବିଧାନ ବିଚାରସମ୍ମତ କାର୍ଯ୍ୟ ପାଇଁ କୌଣସି ସ୍ଥାନ ଛାଡେନାହିଁ ତେବେ ଅନ୍ୟାନ୍ୟ ଆଇନଗତ ବ୍ୟବସ୍ଥା ଦ୍ଵାରା ସୂଚୀତ ପଦ୍ଧତିରେ କ୍ଷମତା ପ୍ରୟୋଗ କରିବାକୁ ପଡିବ ଯାହା ଆଇନଗତ ପ୍ରସଙ୍ଗ ପ୍ରଦାନ କରେ । ତଥାପି ତଥ୍ୟରୁ ଏହା ପ୍ରମାଣିତ ହେବା ଆବଶ୍ୟକ ଯେ ଆଇନଗତ ସର୍ତ୍ତାବଳୀ ପୂରଣ ହୋଇଛି ... ଏହା କୌଣସି କ୍ଷମତାର ପ୍ରଦାନ ନୁହେଁ ଯାହା "କରିପାରେ" ଶବ୍ଦ ଏହାର ପ୍ରୟୋଗ ପାଇଁ କୌଣସି ବାଧ୍ୟତା ସଂଲଗ୍ନ କରିଥାଏ ବରଂ ଏହାର ଆଇନଗତ ଏବଂ ବାସ୍ତବିକ ସନ୍ଦର୍ଭକୁ ସୂଚୀତ କରିଥାଏ ।

..

୧୦ . ଉପରୋକ୍ତ ସିଦ୍ଧାନ୍ତକୁ ଏହି ନ୍ୟାୟାଳୟ ନିୟମିତ ଭାବେ ପାଳନ କରିଆସିଛି ଯେତେବେଳେ ମଧ୍ୟ ଏହା କୁହାଯାଇଛି ଯେ "ହୋଇପାରେ " ଶବ୍ଦ ସହିତ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ କିମ୍ବା ନିର୍ଦ୍ଦେଶାବଳୀରେ କ୍ଷମତା ପ୍ରୟୋଗ କରିବାର ଦାୟିତ୍ୱ ମଧ୍ୟ ରହିଛି ।

**ଏଭଳି ସ୍ଥିତିରେ,ଏହା ସର୍ବଦା କ୍ଷମତାର ଉଦ୍ଦେଶ୍ୟ ଅଟେ ଯେ ଯାହା କ୍ଷମତା ସମ୍ପନ୍ନ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ବିବେକର ପରିସର ନିର୍ଣ୍ଣୟ କରିବାକୁ ଯାଞ୍ଚ କରିବାକୁ ପଡିବ । ଯଦି କୌଣସି ନିର୍ଦ୍ଦିଷ୍ଟ ମାମଲାରେ ଶକ୍ତି ପ୍ରୟୋଗ କରିବାର ସର୍ତ୍ତାବଳୀ ଏକ ବିଧାନ ଦ୍ଵାରା ନିର୍ଦ୍ଦିଷ୍ଟ ହୋଇଥାଏ, ତେବେ, ସେହି ସର୍ତ୍ତାବଳୀ ପୂରଣ ହେବା ପରେ, ପ୍ରଦତ୍ତ ଶକ୍ତି ସେହି ଢଙ୍ଗରେ ଏହାକୁ ପ୍ରୟୋଗ କରିବା ପାଇଁ କର୍ତ୍ତବ୍ୟ ସହିତ ଯୋଡ଼ି ହୋଇଯାଇଥାଏ" ।**

(ଗୁରୁତ୍ୱ ପ୍ରଦାନ କରାଯାଇଛି)

୩୫. **ଧାମପୁର ସୁଗାର ମିଲ୍ସ ଲିମିଟେଡ ବନାମ ୟୁ.ପି. ରାଜ୍ୟ**[15] ମାମଲାରେ ଏହି ନ୍ୟାୟାଳୟ କହିଥିଲେ ଯେ କୌଣସି ବ୍ୟବସ୍ଥା ନିର୍ଦ୍ଦେଶ ସମ୍ପର୍କିତ ଅବା ବାଧ୍ୟତାମୂଳକ ତାହା ନିର୍ଦ୍ଧାରଣ କରିବା ସମୟରେ ଆଇନ ପ୍ରଣୟନକାରୀ ପରିଷଦର ଉଦ୍ଦେଶ୍ୟକୁ ନିଶ୍ଚିତ ଭାବେ ବୁଝିବା ଉଚିତ:

[15] (୨୦୦୭) ୮ ଏସସିସି ୩୩୮

୩୬. .. ଆମ ରାୟରେ କେବଳ 'ହୋଇପାରେ' କିମ୍ବା 'ହେବ' ଶବ୍ଦର ବ୍ୟବହାର ଚୂଡ଼ାନ୍ତ ନୁହେଁ । ଏକ ଆଇନର କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନିର୍ଦ୍ଦେଶ ସମ୍ପର୍କିତ ଅବା ବାଧ୍ୟତାମୂଳକ, ଏହି ପ୍ରଶ୍ନର ସମାଧାନ ସାର୍ବଜନିକ ପ୍ରୟୋଗର କୌଣସି ସାଧାରଣ ନିୟମ ନିର୍ଦ୍ଧାରଣ କରି କରାଯାଇପାରିବ ନାହିଁ । ଏପରି ବିବାଦର ସମାଧାନ ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ପୋଷାକ ପରିପାଟୀ ବ୍ୟତୀତ ବିଧାନ ମଣ୍ଡଳର ଉଦ୍ଦେଶ୍ୟ ଜାଣିବା ଦ୍ୱାରା ସ୍ଥିର କରାଯିବ ଆବଶ୍ୟକ । ତେଣୁ ବିଧାୟୀ ଉଦ୍ଦେଶ୍ୟ ଜାଣିବାପାଇଁ, ଅଦାଲତଙ୍କୁ ଅଧିନିୟମର ପରିଯୋଜନା , ବ୍ୟବସ୍ଥାରେ ଅନ୍ତର୍ନିହିତ ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ , ଯଦି ବ୍ୟବସ୍ଥାକୁ କୌଣସି ଉପାୟରେ ପଢାଯାଏ ତେବେ ଆସନ୍ନ ପରିଣାମ କିମ୍ବା ଘଟିବାକୁ ଥିବା ଅସୁବିଧା ଏବଂ ଏହି ପ୍ରସଙ୍ଗ ସହିତ ଜଡ଼ିତ ଅନେକ ଉଦ୍ଦେଶ୍ୟକୁ ଯାଞ୍ଚ କରିବା ଆବଶ୍ୟକ । "

୩୬. "ହୋଇପାରେ" ଶବ୍ଦକୁ "କରିପାରିବ" ଶବ୍ଦର ଚରିତ୍ର ଅର୍ଜନ କରିବା ପାଇଁ ବ୍ୟବସ୍ଥା ବା ଆଇନ ପ୍ରଣୟନର ନିମ୍ନଲିଖିତ ଦିଗ (ଅଥବା ଏହି କ୍ଷେତ୍ରରେ, ସମ୍ବିଧାନ) ର ବିଶ୍ଳେଷଣ କରାଯିବା ଉଚିତ୍:

କ. କ୍ଷମତା ପ୍ରଦାନ କରିବାର ଆଇନଗତ ଏବଂ ବାସ୍ତବ ପ୍ରସଙ୍ଗ ;

ଖ. କ୍ଷମତାର ଉଦ୍ଦେଶ୍ୟ ;

ଗ) କେଉଁ କେଉଁ ପରିସ୍ଥିତିରେ କ୍ଷମତା ପ୍ରୟୋଗ କରାଯିବ ବିଧାନ (ଅଥବା ସମ୍ବିଧାନରେ) ତାହା ନିର୍ଦ୍ଦିଷ୍ଟ କରିଛି କି ; ଏବଂ

ଘ. ଆଇନ ପ୍ରଣୟନକାରୀ ପରିଷଦର ଉଦ୍ଦେଶ୍ୟ ପ୍ରଣୟନ ପରିଯୋଜନା , ବ୍ୟବସ୍ଥାର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ, ବ୍ୟବସ୍ଥାକୁ ନିର୍ଦ୍ଦିଷ୍ଟ ଉପାୟ ରେ ପଢିବାର ପରିଣାମ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଚାର ।

ଏହା କାରକ ଗୁଡିକର ସୁବିସ୍ତୃତ ତାଲିକା ନୁହେଁ ଯାହା ଏକ ବ୍ୟବସ୍ଥା ନିର୍ଦ୍ଦେଶିତ କିମ୍ବା ବାଧ୍ୟତାମୂଳକ କି ନୁହେଁ ତାହା ବ୍ୟାଖ୍ୟା କରିବାରେ ନ୍ୟାୟାଳୟଙ୍କୁ ସାହାଯ୍ୟ କରିବ ।

୩୭. ପ୍ରଶାସନିକ ନ୍ୟାୟାଧିକରଣ ଦ୍ୱାରା କେତେକ ବିବାଦର ବିଚାର ନିମନ୍ତେ ବ୍ୟବସ୍ଥା କରିବା ଲାଗି ଆଇନ ପ୍ରଣୟନ କରିବାର କ୍ଷମତା କେଉଁ ସର୍ତ୍ତରେ ପ୍ରୟୋଗ କରାଯିବ ତାହା ଅନୁଚ୍ଛେଦ ୩୨୩ -କ ନିର୍ଦ୍ଦିଷ୍ଟ କରିନଥାଏ।ତେଣୁ ଏହା କୁହାଯାଇପାରିବ ନାହିଁ ଯେ କେତେକ ସର୍ତ୍ତ ପୂରଣ କରିବା ପରେ ସଂସଦ ଏହି କ୍ଷମତା ପ୍ରୟୋଗ କରିବା ପାଇଁ ବାଧ୍ୟ ଥିଲା ।

୩୮. ପ୍ରଶାସନିକ ନ୍ୟାୟାଧିକରଣ ପାଇଁ ଆଇନ ପ୍ରଣୟନ କ୍ଷମତାର ଆଇନଗତ ଏବଂ ବାସ୍ତବ ପ୍ରସଙ୍ଗ ସମ୍ବିଧାନ (୪୪ ତମ ସଂଶୋଧନ) ବିଲ, ୧୯୭୬ ରେ ଯୋଡି ହୋଇଥିବା ଉଦ୍ଦେଶ୍ୟ ଓ କାରଣ ର ବିବୃତିରୁ ବୁଝାଯାଇପାରେ । ଉଦ୍ଦେଶ୍ୟ ଗୁଡ଼ିକର ବିବୃତି ସୂଚୀତ କରେ ଯେ ଏହି ଉଦ୍ଦେଶ୍ୟ ଥିଲା

> "ଉଚ୍ଚ ନ୍ୟାୟାଳୟରେ ବୃଦ୍ଧି ପାଉଥିବା ମାମଲା ସଂଖ୍ୟା କୁ ହ୍ରାସ କରିବା ଏବଂ ସାମାଜିକ-ଆର୍ଥିକ ବିକାଶ ଏବଂ ପ୍ରଗତି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଥିବା ସେବା ସଂକ୍ରାନ୍ତ ମାମଲା, ରାଜସ୍ୱ ମାମଲା ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ତ୍ୱରିତ ଫଇସଲା ଲାଗି ସମ୍ବିଧାନର ଧାରା ୧୩୬ ଅନ୍ତର୍ଗତ ଏପରି ମାମଲାଗୁଡ଼ିକରେ ଉଚ୍ଚତମ ନ୍ୟାୟାଳୟଙ୍କ ଅଧିକାରିତାକୁ ସଂରକ୍ଷଣ କରିବା ବେଳେ ପ୍ରଶାସନିକ ଏବଂ ଅନ୍ୟ ନ୍ୟାୟାଧିକରଣର ବ୍ୟବସ୍ଥା କରିବା ସମୀଚୀନ ବୋଲି ବିବେଚନା କରାଯାଉଛି।ଅନୁଚ୍ଛେଦ ୨୨୬ ଅଧୀନରେ ଉଚ୍ଚ ନ୍ୟାୟାଳୟର ରିଟ ଅଧିକାରିତା କ୍ଷେତ୍ରରେ କେତେକ ସଂଶୋଧନ କରିବା ମଧ୍ୟ ଆବଶ୍ୟକ" ।

ଉଦ୍ଦେଶ୍ୟ ଏବଂ କାରଣର ବିବୃତି ମଧ୍ୟ ପ୍ରଶାସନିକ ନ୍ୟାୟାଧିକରଣର ବ୍ୟବସ୍ଥା କରିବାର କ୍ଷମତା ଅର୍ଥାତ୍ ଉଚ୍ଚ ନ୍ୟାୟାଳୟରେ ବୃଦ୍ଧି ପାଉଥିବା ମାମଲା ହ୍ରାସ କରିବା ଏବଂ ସେବା ମାମଲାଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରୁଛି । ଅନୁଚ୍ଛେଦ ୩୨୩ -କ ଦ୍ୱାରା ପ୍ରଦତ୍ତ କ୍ଷମତାର ଉଦ୍ଦେଶ୍ୟ ଏବଂ ଆଇନଗତ ଓ ତଥ୍ୟଗତ ସନ୍ଦର୍ଭରେ 'ହୋଇପାରେ' ଶବ୍ଦ ଦ୍ୱାରା ସଂସଦକୁ ଦିଆଯାଇଥିବା ବିବେକର ପରିସରକୁ ସଙ୍କୁଚିତ କରିବାର ପ୍ରଭାବ ପକାଇବନାହିଁ । ଉଚ୍ଚ ନ୍ୟାୟାଳୟରେ ବକେୟା ହ୍ରାସ କରିବା କିମ୍ବା ସେବା ମାମଲାର ତ୍ୱରିତ ଫଇସଲା କରିବାର ଉଦ୍ଦେଶ୍ୟ ପ୍ରଶାସନିକ ନ୍ୟାୟାଧିକରଣ ପାଇଁ ନିୟମ ପ୍ରଣୟନ କରିବାକୁ ସଂସଦ ଉପରେ ଦାୟିତ୍ୱ ଦେବାକୁ ବାଧ୍ୟ କରେନାହିଁ । କାରଣ ଏହି ଉଦ୍ଦେଶ୍ୟକୁ ଅନ୍ୟ ମାର୍ଗରେ ମଧ୍ୟ ହାସଲ କରାଯାଇପାରିବ।ଧାରା ୩୨୩ - କ କେବଳ ଅନେକ ମାର୍ଗ ମଧ୍ୟରୁ ଗୋଟିଏ ମାର୍ଗରେ ଆଇନ ପ୍ରଣୟନ କରିବାର ବ୍ୟବସ୍ଥା କରିଥାଏ । ଉଚ୍ଚ ନ୍ୟାୟାଳୟରେ ବକେୟା ହ୍ରାସ କରିବା ଏବଂ ପ୍ରଶାସନିକ ନ୍ୟାୟାଧିକରଣ ପ୍ରତିଷ୍ଠା କରିବା ସହିତ ସେବା ମାମଲାଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା ଲାଗି ଆଇନତଃ ଗ୍ରହଣୀୟ କୌଣସି ଉପାୟ ବାଛିବା ପାଇଁ ସଂସଦ ମୁକ୍ତ । ଅନୁଚ୍ଛେଦ ୩୨୩-କ ବକେୟା ହ୍ରାସ କରିବା କିମ୍ବା ତ୍ୱରିତ ନ୍ୟାୟ ସୁନିଶ୍ଚିତ କରିବା ଲାଗି ଅନ୍ୟ କୌଣସି ଉପାୟ ସହିତ ଅନ୍ୟ ନ୍ୟାୟିକ ପଦ୍ଧତିକୁ ସୁଦୃଢ଼ କରିବା ଦ୍ୱାରା ବିକଳ୍ପ

କାର୍ଯ୍ୟପନ୍ଥା ବାଛିବାର କ୍ଷମତାରୁ ସଂସଦକୁ ବଞ୍ଚିତ କରୁନାହିଁ । ସଂସଦର ଉଦ୍ଦେଶ୍ୟ ପ୍ରଶାସନିକ ନ୍ୟାୟାଧିକରଣ ଗୁଡ଼ିକର ପ୍ରତିଷ୍ଠା ଏବଂ ଏହାକୁ ଜାରି ରଖିବା ନୁହେଁ । ଉପରେ ଆଲୋଚନା କରାଯାଇଥିବା ବ୍ୟବସ୍ଥାର ଉଦ୍ଦେଶ୍ୟ ବ୍ୟତୀତ, ଅନୁଚ୍ଛେଦ ୩୨୩-କ ର ପରିଯୋଜନାର କୌଣସି ବିଷୟ ଏହା ଏକ ବାଧ୍ୟତାମୂଳକ ବ୍ୟବସ୍ଥା ବୋଲି ସୂଚୀତ କରେ ନାହିଁ । ପ୍ରଶାସନିକ ନ୍ୟାୟାଧିକରଣ ଗଠନ ବାଧ୍ୟତାମୂଳକ କରିବା ଲାଗି ଅନୁଚ୍ଛେଦ ୩୨୩-କ ପଢ଼ିବାର ପରିଣାମ, ବକେୟା ହ୍ରାସ କରିବା ଏବଂ ତ୍ୱରିତ ନ୍ୟାୟ ସୁନିଶ୍ଚିତ କରିବା ଲାଗି ଏକ ବିକଳ୍ପ କାର୍ଯ୍ୟପନ୍ଥା ଗ୍ରହଣ କରିବାର ସମ୍ଭାବନାକୁ ହ୍ରାସ କରିବା । ଏହା ମଧ୍ୟ ସୂଚାଉଛି ଯେ ପ୍ରଶାସନିକ ନ୍ୟାୟାଧିକରଣ ଗଠନ ଦ୍ୱାରା ବୃଦ୍ଧିପ୍ରାପ୍ତ ବକେୟାର ଏକ ମାତ୍ର ପ୍ରତିକାର କିମ୍ବା ଅନ୍ୟ ଏକ ପଦ୍ଧତି ଯଦ୍ୱାରା ତ୍ୱରିତ ନ୍ୟାୟ ସୁନିଶ୍ଚିତ ହୋଇପାରିବ ତାହା ସଂସଦର ଉଦ୍ଦେଶ୍ୟ ହୋଇନପାରେ ।

୩୯. ଅନୁଚ୍ଛେଦ ୩୨୩-କ କୁ ବାଧ୍ୟତାମୂଳକ ଭାବେ ବ୍ୟାଖ୍ୟା କରିବାର ଏକ ମହତ୍ୱପୂର୍ଣ୍ଣ ପରିଣାମ ଏହା ଯେ ଏହା ସଂସଦ ଏବଂ ରାଜ୍ୟ ସରକାରମାନଙ୍କୁ ଅନ୍ୟାନ୍ୟ ବିଷୟ ମଧ୍ୟରେ ପ୍ରଶାସନିକ ନ୍ୟାୟାଧିକରଣ ଗୁଡ଼ିକର କାର୍ଯ୍ୟଶୈଳୀକୁ ମୂଲ୍ୟାଙ୍କନ କରିବାରେ ବାରଣ କରିଥାଏ:

କ. ମାମଲାର ଫଇସଲା ହାର ;

ଖ. ରାୟଗୁଡ଼ିକର ଗୁଣବତ୍ତା ;

ଗ. ସ୍ୟାଟ ନିଷ୍ପତ୍ତିକୁ ରିଟ୍ ଅଧିକାରିତା, ଅପିଲ କିମ୍ବା ସମୀକ୍ଷା ମାମଲାରେ କେତେଥର ପରିବର୍ତ୍ତନ କରାଯାଇଥାଏ ;

ଘ. ନ୍ୟାୟାଧିକରଣ ସ୍ୱାଧୀନ ଭାବେ କାର୍ଯ୍ୟ କରୁଛନ୍ତି କି ;

ଙ. ନ୍ୟାୟାଧିକରଣର ସଦସ୍ୟ ଏବଂ ଅଧ୍ୟକ୍ଷ ପଦ ପାଇଁ ଯୋଗ୍ୟ ଏବଂ ଉପଯୁକ୍ତ ପ୍ରାର୍ଥୀଙ୍କ ଉପଲବ୍ଧତା ;

ଚ) ସ୍ୟାଟ ବାସ୍ତବରେ ଉଚ୍ଚ ନ୍ୟାୟାଳୟଗୁଡ଼ିକର ବକେୟା ହ୍ରାସ କରିଥାଏ କି ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁସଂଗତ କରିଥାଏ କି ;

ଛ) ରାଜ୍ୟ ଦ୍ୱାରା ବ୍ୟୟ କରାଯାଉଥିବା ଖର୍ଚ୍ଚ ; ଏବଂ

ଜ) ମକଦ୍ଦମାବାଜଙ୍କ ଖର୍ଚ୍ଚ (ଆର୍ଥିକ ଏବଂ ଅନ୍ୟଥା) ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ରାୟର ଅନୁଚ୍ଛେଦ ୭୦ ରୁ ୭୫ ରେ ଟିକେ ଭିନ୍ନ ସନ୍ଦର୍ଭରେ ଉପରୋକ୍ତ ପ୍ରସଙ୍ଗ ମଧ୍ୟରୁ କେତେକ ଉଲ୍ଲେଖ କରିଛନ୍ତି । ଥରେ ପ୍ରଶାସନିକ ନ୍ୟାୟାଧିକରଣ ଗୁଡ଼ିକର ପ୍ରତିଷ୍ଠା ହେବା ପରେ ସେଗୁଡ଼ିକର ଦକ୍ଷତା ଏବଂ ଆକାଂକ୍ଷାକୁ ମୂଲ୍ୟାଙ୍କନ କରିବାରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରମାନଙ୍କୁ ରୋକିବା ସଂସଦର ଉଦ୍ଦେଶ୍ୟ ହୋଇନପାରେ । ତେବେ ଅନୁଚ୍ଛେଦ ୩୨୩-କ କୁ ବାଧ୍ୟତାମୂଳକ ବ୍ୟବସ୍ଥା ଭାବେ ପଢିବାର ପ୍ରଭାବ ସଠିକ୍ ଭାବେ ତାହା ହିଁ ହେବ ।

୪୦. ଆବେଦନକାରୀମାନେ **ଦିଲୀପ କେ. ବସୁ ବନାମ ପଶ୍ଚିମ ବଙ୍ଗ ରାଜ୍ୟ** (୨୦୧୫) ୮ ଏସସିସି ୭୪୪ ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତିକୁ ବିଶ୍ୱାସ କରି ଯୁକ୍ତି ବାଢିଥିଲେ ଯେ ସ୍ୟାଟ ପ୍ରତିଷ୍ଠା କେନ୍ଦ୍ର ସରକାରଙ୍କ ପାଇଁ ବାଧ୍ୟତାମୂଳକ । ସେହି ମାମଲାରେ, ଏହି ନ୍ୟାୟାଳୟ ମାନବ ଅଧିକାର ସୁରକ୍ଷା ଅଧିନିୟମ, ୧୯୯୩ ର ଧାରା ୨୧ କୁ ବ୍ୟାଖ୍ୟା କରିବା ଆବଶ୍ୟକ ଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ ରାଜ୍ୟ ସରକାର ମାନବାଧିକାର ଆୟୋଗ ଗଠନ "କରିପାରନ୍ତି"। ପ୍ରଶ୍ନ ଥିଲା ଯେ, "ହୋଇପାରେ" ଶବ୍ଦକୁ "ହେବ" ଶବ୍ଦରେ ପଢ଼ିବା ଉଚିତ କି ନୁହେଁ । ଏହି ନ୍ୟାୟାଳୟ ଉଲ୍ଲେଖ କରିଥିଲେ ଯେ ମାନବାଧିକାର ସୁରକ୍ଷା ଅଧିନିୟମ ୧୯୯୩ ରାଜ୍ୟ ମାନବାଧିକାର ଆୟୋଗମାନଙ୍କୁ ମାନବାଧିକାରକୁ ପ୍ରୋତ୍ସାହିତ କରିବା, ସେମାନଙ୍କ ଉଲ୍ଲଂଘନ ରୋକିବା ଏବଂ ସମାଧାନ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲା । ଯଦି ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ମାନବାଧିକାର ଆୟୋଗ ଗଠନ କରାନଯାଏ ତେବେ ଏହି ଆଇନ ପ୍ରଣୟନ ଉଦ୍ଦେଶ୍ୟକୁ ଅଗ୍ରାହ୍ୟ କରିଦିଆଯିବ । ଏହାର ପରିଣାମ ସ୍ୱରୂପ ମାନବିକ ଅଧିକାର ସୁରକ୍ଷା ଅଧିନିୟମ୧୯୯୩ ର ଧାରା ୨୧ କେବଳ ରାଜ୍ୟ ସରକାରମାନଙ୍କୁ ରାଜ୍ୟ ମାନବିକ ଅଧିକାର ଆୟୋଗ ଗଠନ କରିବାର କ୍ଷମତା ପ୍ରଦାନ କରିନାହିଁ ବରଂ ଏପରି କରିବା ପାଇଁ ସେମାନଙ୍କ ଉପରେ କର୍ତ୍ତବ୍ୟ ମଧ୍ୟ ନ୍ୟସ୍ତ କରିଛି । ବର୍ତ୍ତମାନର ମାମଲାରେ, ସମ୍ବିଧାନର ଧାରା ୩୨୩-କ ପ୍ରଣୟନ କରିବାରେ ସଂସଦର ଉଦ୍ଦେଶ୍ୟ (ଅର୍ଥାତ୍ ବକେୟା ବକେୟା ହ୍ରାସ କରିବା ଏବଂ ତ୍ୱରିତ ନ୍ୟାୟ ପ୍ରଦାନ କରିବା) ଉପରେ ଆଲୋଚନା କରାଯାଇଥିବା କାରଣରୁ ପ୍ରତ୍ୟେକ ରାଜ୍ୟରେ ସ୍ୟାଟ ନରହିବା ଅଗ୍ରାହ୍ୟ ହେବନାହିଁ ।

୪୧. ଦିଲ୍ଲୀପ କେ. ବସୁ (ଉପରୋକ୍ତ) ମାମଲାରେ ଗମ୍ଭୀରତାର ସହ ଏହି ନ୍ୟାୟାଳୟ ଉପଲବ୍ଧି କରିଥିଲେ ଯେ ରାଜ୍ୟ ମାନବାଧିକାରଙ୍କ ଅନୁପସ୍ଥିତିରେ ପୀଡ଼ିତ କିମ୍ବା ଅଭିଯୋଗକାରୀମାନେ ଏକ ପ୍ରଭାବଶାଳୀ ପ୍ରତିକାର ପାଇପାରିବେନାହିଁ । ସେମାନଙ୍କୁ ଜାତୀୟ ମାନବାଧିକାର ଆୟୋଗଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟକ୍ଷେତ୍ରର ଦ୍ୱାରସ୍ଥ ହେବାକୁ ପଡ଼ିବ, ଯାହା ବହୁ ଦୂରରେ ରହୁଥିବା ଲୋକମାନଙ୍କ ପାଇଁ ଉପଲବ୍ଧ ହୋଇନପାରିବା ଏହି ନ୍ୟାୟାଳୟ ଅବଧାନ କରିଥିଲେ । ଏଠାରେ ସ୍ୟାଟଙ୍କ ଅନୁପସ୍ଥିତି ମକଦ୍ଦମାକାରୀମାନଙ୍କୁ ପ୍ରଭାବି ସମାଧାନରୁ ବିରତ କରିନଥାଏ । ସେବା ମାମଲାରେ ନ୍ୟାୟିକ ନିଷ୍ପତ୍ତି ପାଇଁ ପୂର୍ବରୁ ଦାୟିତ୍ୱପ୍ରାପ୍ତ ଉଚ୍ଚ ନ୍ୟାୟାଳୟ କିମ୍ବା ଅନ୍ୟାନ୍ୟ ବିଚାରମଞ୍ଚ ପ୍ରତ୍ୟେକ ରାଜ୍ୟରେ କାର୍ଯ୍ୟକ୍ଷମ ରହିଛି ଏବଂ ସ୍ୟାଟ ଗୁଡିକର ଅନୁପସ୍ଥିତି ମାମଲାବାଜମାନଙ୍କୁ ସେପରି ଅସୁବିଧାର ସମ୍ମୁଖୀନ କରେନାହିଁ, ଅନ୍ୟଥା ଯେପରି ସେମାନେ ହୋଇଥାଆନ୍ତେ ।

୪୨. ତେଣୁ, ସମ୍ବିଧାନର ଧାରା ୩୨୩-କ ରେ 'ହୋଇପାରେ' ଶବ୍ଦକୁ 'ହେବ' ଶବ୍ଦର ଚରିତ୍ର ସହିତ ପ୍ରଦାନ କରାଯାଇନାହିଁ। ଧାରା ୩୨୩-କ ଏକ ନିର୍ଦ୍ଦେଶିକା ଯାହା ସମର୍ଥ ବ୍ୟବସ୍ଥା ଦ୍ୱାରା ବିବେକାନୁଯାୟୀ ଏକ ପ୍ରଶାସନିକ ନ୍ୟାୟାଧିକରଣ ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥାଏ । ଏହାର ଉପସିଦ୍ଧାନ୍ତ ଏହା ଯେ ଧାରା ୩୨୩-କ ଏକ ପ୍ରଶାସନିକ ନ୍ୟାୟାଧିକରଣକୁ , ଥରେ ଏହା ଗଠନ ହୋଇଗଲେ, ଉଚ୍ଛେଦ କରିବାକୁ କେନ୍ଦ୍ର ସରକାରଙ୍କ ପାଇଁ ପ୍ରତିବନ୍ଧକ ଭାବେ କାର୍ଯ୍ୟ କରେନାହିଁ ।

୪. <u>ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ର ପ୍ରଯୋଜ୍ୟତା</u>

୪୩. କେନ୍ଦ୍ର ସରକାର ଓଏଟି ପ୍ରତିଷ୍ଠା କରୁଥିବା ଅଧିସୂଚନାକୁ ରଦ୍ଦ କରିବାକୁ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ୪(୨) ସହିତ ପଠିତ ସାଧାରଣ ଅନୁବିଧି ଅଧିନିୟମର ଧାରା ୨୧ ଆହ୍ୱାନ କରିଥିଲେ । ସାଧାରଣ ଅନୁବିଧି ଅଧିନିୟମର ଧାରା ୨୧, ଯାହା ଗଠନର ଏକ ନିୟମ, ନିମ୍ନରେ ଉଦ୍ଧୃତ କରାଯାଇଛି :

> "ଆଦେଶ, ନିୟମ କିମ୍ବା ନିୟମାବଳୀ ପ୍ରଣୟନ କରିବା, ସଂଯୋଗ କରିବା, ସଂଶୋଧନ କରିବା, ପରିବର୍ତ୍ତନ କିମ୍ବା ରଦ୍ଦ କରିବାର କ୍ଷମତା । – ଯେତେବେଳେ କୌଣସି ଅଧିନିୟମ କିମ୍ବା ଉପବିଧି ଦ୍ୱାରା ବିଜ୍ଞପ୍ତି, ଆଦେଶ, ନିୟମ କିମ୍ବା ନିୟମାବଳୀ ଜାରି କରିବାର କ୍ଷମତା ପ୍ରଦାନ କରାଯାଇଥାଏ, ସେତେବେଳେ ସେହି ଅଧିକାରରେ ଏପରି ମଞ୍ଜୁରି ଏବଂ ସର୍ତ୍ତାବଳୀ (ଯଦି କୌଣସି ଥିବ) ର ଅନୁରୂପ ଭାବେ ପ୍ରୟୋଗଯୋଗ୍ୟ କୌଣସି ବିଜ୍ଞପ୍ତି,

> ଆଦେଶ, ନିୟମ କିମ୍ବା ନିୟମାବଳୀକୁ ଯୋଡ଼ିବା, ସଂଶୋଧନ କରିବା, ପରିବର୍ତ୍ତନ କରିବା କିମ୍ବା ରଦ୍ଦ କରିବାର କ୍ଷମତା ସାମିଲ ହୋଇଥାଏ" ।

୪୪. ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ କେନ୍ଦ୍ର ସରକାର ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ର ଆଶ୍ରୟ ନେଇନଥାନ୍ତେ । ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ପ୍ରଶ୍ନର ଉତ୍ତର ପୂର୍ବରୁ ଦୁଇଟି ପର୍ଯ୍ୟାୟ ବିଶ୍ଳେଷଣ ନିଶ୍ଚିତ ହେବା ଆବଶ୍ୟକ ।

*କ. ଓଏଟି ପ୍ରତିଷ୍ଠା ନିମିତ୍ତ ପ୍ରଶାସନିକ ଆଦେଶ ଉପରେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଲାଗୁ କରିବା ଉପରେ କୌଣସି କଟକଣା ନାହିଁ*

୪୫. **ଭାରତୀୟ ଜାତୀୟ କଂଗ୍ରେସ (ଆଇ) ବନାମ ସାମାଜିକ କଲ୍ୟାଣ ସଂସ୍ଥାନ**[16] ମାମଲାରେ ଏହି କୋର୍ଟ ଧାରଣା କରିଥିଲେ ଯେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧କୁ କୌଣସି ଅର୍ଦ୍ଧ ନ୍ୟାୟିକ ଆଦେଶ କିମ୍ବା ଅଧିସୂଚନାରେ ପରିବର୍ତ୍ତନ, ସଂଶୋଧନ କିମ୍ବା ସମୀକ୍ଷା ପାଇଁ ପ୍ରୟୋଗ କରାଯାଇପାରିବ ନାହିଁ । ଏହା ଧ୍ୟାନ ଦେବା ଜରୁରୀ ଯେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଆଧାରରେ କୌଣସି ଅର୍ଦ୍ଧନ୍ୟାୟିକ ଆଦେଶ କିମ୍ବା ଅଧିସୂଚନାକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ । ୨ ଅଗଷ୍ଟ ୨୦୧୯ ମସିହାର ଅଧିସୂଚନା ୪ ଜୁଲାଇ ୧୯୮୬ ମସିହାର ଅଧିସୂଚନାକୁ , ଯାହା ଦ୍ୱାରା ଓଏଟି ଗଠନ କରାଯାଇଥିଲା, ରଦ୍ଦ କଲା । ତେଣୁ ୧୯୮୬ ଜୁଲାଇ ୪ ତାରିଖରେ ଜାରି ଅଧିସୂଚନା ଯାହା ଆଧାରରେ ଓଏଟି ପ୍ରତିଷ୍ଠା କରାଯାଇଥିଲା, ଏହା ଏକ ଅର୍ଦ୍ଧନ୍ୟାୟିକ ଅଧିସୂଚନା କି ନୁହେଁ ତାହା ନିର୍ଣ୍ଣୟ କରିବା ଲାଗି ଏହାର ବିଶ୍ଳେଷଣ କରାଯିବା ଆବଶ୍ୟକ, କିନ୍ତୁ ୨୦୧୯ ଅଗଷ୍ଟ ୨ ତାରିଖର ଅଧିସୂଚନା ନୁହେଁ, ଯାହାର ପ୍ରଭାବ ଓଏଟି ଉଚ୍ଛେଦ ପାଇଁ ଥିଲା । ଯଦି ଉତ୍ତର ହେଉଛି ଯେ ଓଏଟି ପ୍ରତିଷ୍ଠା କରିବାର ନିଷ୍ପତ୍ତି ପ୍ରକୃତରେ ଏକ ଅର୍ଦ୍ଧନ୍ୟାୟିକ ନିଷ୍ପତ୍ତି ଥିଲା, ଏହି ନିଷ୍ପତ୍ତିକୁ ପୂର୍ବ ସ୍ଥିତିକୁ ଫେରାଇବାକୁ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଉପରେ ନିର୍ଭର କରାଯାଇପାରିବନାହିଁ । ଏହାର ପରିଣାମ ସ୍ୱରୂପ, ୨୦୧୯ ମସିହା ଅଗଷ୍ଟ ୨ ତାରିଖରେ ଜାରି କରାଯାଇଥିବା ଅଧିସୂଚନାକୁ ଅନୁଚିତ ଭାବେ ଜାରି କରାଯାଇଥିବା ହେତୁ ଅବୈଧ ଘୋଷଣା କରାଯିବ । ତେବେ ଯଦି ଓଏଟି ପ୍ରତିଷ୍ଠା କରିବାର ନିଷ୍ପତ୍ତି ପ୍ରଶାସନିକ ହୋଇଥାଏ, ତାହେଲେ ଓଏଟି ପ୍ରତିଷ୍ଠା ଲାଗି ଅଧିସୂଚନାକୁ ପ୍ରତ୍ୟାହାର

[16] (୨୦୦୨) ୫ ଏସସିସି ୬୮୫

କରିବା ଲାଗି ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ କୁ ଆହ୍ୱାନ କରିବା ଲାଗି କୌଣସି ପ୍ରତିବନ୍ଧକ ରହିବ ନାହିଁ ।

୪୬. ଏହି ନ୍ୟାୟାଳୟ **ବମ୍ବେ ପ୍ରଦେଶ ବନାମ ଖୁଶାଲଦାସ ଏସ. ଆଡ଼ଭାନୀ**[17] ରେ ଏକ ଅର୍ଦ୍ଧ-ନ୍ୟାୟିକ ଅଧିନିୟମର ମତ ଏବଂ ରୂପରେଖ ଉପରେ ଆଲୋଚନା କରିଥିଲେ, ଯେଉଁଠାରେ କି ବିଚାରପତି ଏସ. ଆର ଦାସ ତାଙ୍କର ସମବର୍ତ୍ତୀ ସମୀକ୍ଷା ମତରେ ଏହା ଧାରଣ କରିଛନ୍ତି :

> ୮୦.୧.(୧) ଯଦି ଏକ ବିଧାନ କୌଣସି ପ୍ରାଧିକାରୀଙ୍କୁ, ସାଧାରଣ ଅର୍ଥରେ ନ୍ୟାୟାଳୟ ନ ହୋଇ, ଏକ ପକ୍ଷଙ୍କ ଦ୍ୱାରା ଆଇନ ଅନୁଯାୟୀ ଆଗତ କରାଯାଇଥିବା ଦାବି ଯେଉଁଥିରେ ମୁଖ ଦର୍ଶନ ବିବାଦ ବିଦ୍ୟମାନ, ପରନ୍ତୁ, ଅନ୍ୟ ପକ୍ଷ ଦ୍ୱାରା ବିରୋଧ ହେତୁ ଉତ୍ପନ୍ନ ବିବାଦର ସମାଧାନ ଲାଗି ପକ୍ଷ ମାନଙ୍କୁ ନିର୍ଦ୍ଦିଷ୍ଟ କ୍ଷମତା ପ୍ରଦାନ କରିଥାଏ ତଥା ସମ୍ପୃକ୍ତ ଆଇନରେ ଭିନ୍ନ ପ୍ରାବଧାନ ନଥାଏ , ସେଭଳି କ୍ଷେତ୍ରରେ ପ୍ରାଧିକାରୀଙ୍କ କର୍ତ୍ତବ୍ୟ ଏବଂ ନିଷ୍ପତ୍ତି ଏକ ଅର୍ଦ୍ଧ ନ୍ୟାୟିକ କାର୍ଯ୍ୟ; ଏବଂ
>
> ୮୦.୨.(୨)ଯଦି କୌଣସି ବୈଧାନିକ ପ୍ରାଧିକାରୀଙ୍କର ଏପରି କୌଣସି କାର୍ଯ୍ୟ କରିବାର କ୍ଷମତା ରହିଛି ଯାହା ବିଷୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ, ତେବେ, ଯଦିଓ କର୍ତ୍ତୃପକ୍ଷଙ୍କ ବ୍ୟତୀତ ଦୁଇ ପକ୍ଷ ନାହାନ୍ତି ଏବଂ ଏହି କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦେଇଥିବା ପ୍ରାଧିକରଣ ଏବଂ ଏହାର ବିରୋଧୀ ବିଷୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିଛି, ତେବେ କର୍ତ୍ତୃପକ୍ଷଙ୍କ ଅନ୍ତିମ ନିର୍ଣ୍ଣୟ ମଧ୍ୟ ଏକ ଅର୍ଦ୍ଧନ୍ୟାୟିକ କାର୍ଯ୍ୟ ହେବ, ଯଦି ବିଧାନ ଅନୁଯାୟୀ ପ୍ରାଧିକାରୀ ନ୍ୟାୟିକ ଭାବେ କାର୍ଯ୍ୟ କରିଥିବେ ।
>
> ୮୧. ଅନ୍ୟ ଅର୍ଥରେ, ଯେତେବେଳେ ନିର୍ଣ୍ଣୟକାରୀ ପ୍ରାଧିକାରୀଙ୍କ ବ୍ୟତୀତ ଆପାତତଃ ଦୁଇ ପକ୍ଷଙ୍କ ଉପସ୍ଥିତି ଏବଂ ଅନ୍ୟ କୌଣସି କାରଣର ଅନୁପସ୍ଥିତିରେ, ନ୍ୟାୟିକ ଭାବେ କାର୍ଯ୍ୟ କରିବାର ଦାୟିତ୍ୱ ପ୍ରାଧିକାରୀଙ୍କୁ ନ୍ୟସ୍ତ କରିବ, ସେ କ୍ଷେତ୍ରରେ ଦୁଇ ପକ୍ଷଙ୍କ ଅନୁପସ୍ଥିତିରେ ପ୍ରାଧିକାରୀଙ୍କ କାର୍ଯ୍ୟକୁ ଅର୍ଦ୍ଧ ନ୍ୟାୟିକ କାର୍ଯ୍ୟ ବର୍ଗରୁ ବାହାର କରିବାରେ ନିର୍ଣ୍ଣାୟକ ନୁହେଁ ଯଦି ଏହା ସତ୍ତ୍ୱେ ବିଧି ଦ୍ୱାରା ନ୍ୟାୟିକ ଭାବେ କାର୍ଯ୍ୟ କରିବା ପାଇଁ ପ୍ରାଧିକାରୀ ପ୍ରୟୋଜନୀୟ ହୁଅନ୍ତି" ।

---

[17] (୧୯୫୦) ଏସ ସି ସି ୫୫୧

୪୭. **ଭାରତୀୟ ଜାତୀୟ କଂଗ୍ରେସ (ଆଇ)** (ଉପରୋକ୍ତ) ରେ ଏହି ନ୍ୟାୟାଳୟ କହିଥିଲେ ଯେ:

> "୨୯. ଅନ୍ୟ ଏକ ପରୀକ୍ଷା ଯାହାକି ପ୍ରଶାସନିକ କାର୍ଯ୍ୟକୁ ଅର୍ଦ୍ଧ ନ୍ୟାୟିକ କାର୍ଯ୍ୟରୁ ପୃଥକ କରେ ତାହା ହେଉଛି, ସେହି କର୍ତ୍ତୃପକ୍ଷ ଯିଏ ଅର୍ଦ୍ଧ ନ୍ୟାୟିକ ଭାବରେ କାର୍ଯ୍ୟ କରନ୍ତି ନିୟମ ଅନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ , ଯେଉଁଠାରେ କି ପ୍ରଶାସନିକ ଭାବରେ କାର୍ଯ୍ୟ କରୁଥିବା କର୍ତ୍ତୃପକ୍ଷ ନୀତି ଏବଂ ଅନୁକୂଳ ସ୍ଥିତି ଦ୍ୱାରା ନିର୍ଦ୍ଦେଶିତ" ।

୪୮. **ଉଚ୍ଚ ବିଦ୍ୟାଳୟ ଏବଂ ମଧ୍ୟବର୍ତ୍ତୀକାଳୀନ ଶିକ୍ଷା ବୋର୍ଡ ବନାମ ଘନଶ୍ୟାମ ଦାସ ଗୁପ୍ତା**[18]ଙ୍କ ମାମଲାରେ ନ୍ୟାୟିକ ଭାବେ କାର୍ଯ୍ୟ କରିବା ପାଇଁ କେତେବେଳେ ଜଣେ କର୍ତ୍ତୃପକ୍ଷଙ୍କ ଆବଶ୍ୟକତା ପଡ଼ିଥାଏ, ଏହି ନ୍ୟାୟାଳୟ ତାହାର ବ୍ୟାଖ୍ୟା କରିଛନ୍ତି :

> "୮ .... ଏବେ ଏହା ଉଲ୍ଲେଖ କରାଯାଇପାରେ ଯେ ବିଧାନ ଦ୍ୱାରା ଏତେ ଅଧିକ ଶବ୍ଦ ପ୍ରଦାନ କରିବ ନାହିଁ ଯେ ଆଦେଶ ପ୍ରଦାନ କରୁଥିବା କର୍ତ୍ତୃପକ୍ଷଙ୍କୁ ନ୍ୟାୟିକ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ଯାହାକି ପ୍ରତ୍ୟେକ ମାମଲାରେ କେବଳ ପ୍ରଥମତଃ ବିଧାନର ଅଭିବ୍ୟକ୍ତି ବ୍ୟବସ୍ଥା ଦ୍ୱାରା ଅନୁମାନ କରାଯାଇପାରିବ ଏବଂ କେବଳ କୌଣସି ଏକ ପରିସ୍ଥିତି ଏହି ପ୍ରଶ୍ନର ନିର୍ଦ୍ଧାରଣ କରିବ ନାହିଁ ଯେ ବିଧାନ ଦ୍ୱାରା ସ୍ଥାପିତ ପ୍ରାଧିକରଣର ନ୍ୟାୟିକ ଭାବେ କାର୍ଯ୍ୟ କରିବାର କର୍ତ୍ତବ୍ୟ ରହିଛି କି ନାହିଁ । ଏକ ବିଧାନ ଅନୁଯାୟୀ କାର୍ଯ୍ୟ କରୁଥିବା ପ୍ରାଧିକାରୀଙ୍କର ନ୍ୟାୟିକ ଭାବେ କାର୍ଯ୍ୟ କରିବାର କର୍ତ୍ତବ୍ୟ ରହିଛି କି ନାହିଁ ସେ ନେଇ ନିର୍ଦ୍ଦିଷ୍ଟ ଉଲ୍ଲେଖ ନଥିଲେ ତାହା ପ୍ରଭାବିତ ଅଧିକାରର ପ୍ରକୃତି, ପ୍ରଦାନ କରାଯାଇଥିବା ନିର୍ଣ୍ଣୟର ପଦ୍ଧତି, ଗ୍ରହଣ କରାଯିବା ପାଇଁ ଉଦ୍ଦିଷ୍ଟ, ଯଦି କୌଣସି ବିଷୟଭିତ୍ତିକ ମାନଦଣ୍ଡ ଥାଏ, ପ୍ରଭାବିତ ବ୍ୟକ୍ତିଙ୍କ ଉପରେ ନିଷ୍ପତ୍ତିର ପ୍ରଭାବ ଏବଂ ବିଧାନ ଦ୍ୱାରା ପ୍ରଦାନ କରାଯାଇଥିବା ଅନ୍ୟ ସୂଚକାଙ୍କ ଉପରେ ନିର୍ଭର କରିବ" ।

୪୯. ଉପରୋକ୍ତ ନିଷ୍ପତ୍ତିରୁ ଜଣାପଡ଼ିଛି ଯେ:

କ. ଏକ ପ୍ରାଧିକାରୀଙ୍କ ନିକଟରେ ନିଷ୍ପତ୍ତିଯୋଗ୍ୟ ନିର୍ଦ୍ଦିଷ୍ଟ ମକଦ୍ଦମା ଅନ୍ୟ କୌଣସି କାରଣର ଅନୁପସ୍ଥିତିରେ, ଦୁଇ ପକ୍ଷଙ୍କ ପ୍ରତିଦ୍ୱନ୍ଦ୍ୱିତାମୂଳକ ଦାବିରେ ଏକ ଅର୍ଦ୍ଧ-ନ୍ୟାୟିକ ନିର୍ଣ୍ଣୟ ହୋଇଥାଏ ;

---

[18] ଏ ଆଇ ଆର ୧୯୬୨ ଏସ ସି ୧୧୧୦

ଖ. ଯେତେବେଳେ ପ୍ରାଧିକରଣଙ୍କ ପାଖରେ ଏପରି କିଛି କରିବାର କ୍ଷମତା ଥାଏ ଯାହା ବିଷୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ, ସେତେବେଳେ ଏକ ମକଦ୍ଦମା ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ଦାବି କରୁଥିବା ଦୁଇ ପକ୍ଷଙ୍କ ଅନୁପସ୍ଥିତିରେ ମଧ୍ୟ ଏହାଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଏକ ଅର୍ଦ୍ଧ-ନ୍ୟାୟିକ ନିର୍ଣ୍ଣୟ ହୋଇଥାଏ, ଯେତେବେଳେ ଆବଶ୍ୟକୀୟ ବିଧାନ ଦ୍ୱାରା ନ୍ୟାୟିକ ଭାବେ କାର୍ଯ୍ୟ କରିବା ଲାଗି ପ୍ରାଧିକରଣ ଆବଶ୍ୟକ ହୋଇଥାଏ । ନ୍ୟାୟିକ ଭାବେ କାର୍ଯ୍ୟ କରିବାର କର୍ତ୍ତବ୍ୟ ରହିଛି କି ନାହିଁ ତାହାର ମୂଲ୍ୟାଙ୍କନ କରିବା ସମୟରେ ବିଧାନର ଅଭିବ୍ୟକ୍ତ ବ୍ୟବସ୍ଥା, ପ୍ରଭାବିତ ଅଧିକାରର ପ୍ରକୃତି, ଫଇସଲା କରିବାର ପଦ୍ଧତି, କୌଣସି ଏକ ଉପାୟ କିମ୍ବା ଅନ୍ୟ ବିଷୟରେ ନିଷ୍ପତ୍ତି ନେବା ସମୟରେ ଗ୍ରହଣ କରାଯିବାକୁ ଥିବା ବସ୍ତୁନିଷ୍ଠ ମାନଦଣ୍ଡ (ଯଦି କୌଣସି ରହିଛି), ନିଷ୍ପତ୍ତିର ପ୍ରଭାବ ଏବଂ ବିଧାନରେ  ଥିବା ଅନ୍ୟାନ୍ୟ ସଂକେତକୁ ବିବେଚନା କରାଯାଇପାରେ ; ଏବଂ

ଗ. ଏକ ପ୍ରାଧିକାରୀଙ୍କ ନିଷ୍ପତ୍ତି ଅର୍ଦ୍ଧନ୍ୟାୟିକ ଅଟେ ଯେତେବେଳେ ଏହା  ନିୟମ ଅନୁଯାୟୀ ନିଆଯାଇଥାଏ ।  ଯେତେବେଳେ ଏହା ନୀତି ଏବଂ ଅନୁକୂଳ ସ୍ଥିତି ଦ୍ୱାରା ନିର୍ଦ୍ଦେଶିତ କରାଯାଇଥାଏ, ସେତେବେଳେ ନିଷ୍ପତ୍ତି ପ୍ରଶାସନିକ ହୋଇଥାଏ ।

୫୦. ଉପରୋକ୍ତ ନୀତି ନିର୍ଦ୍ଧାରଣ କରିବା ପରେ ଏହା ଅନୁଭବ କରାଯିବା ଉଚିତ ଯେ, ଅର୍ଦ୍ଧ-ନ୍ୟାୟିକ ଏବଂ ପ୍ରଶାସନିକ କାର୍ଯ୍ୟ ମଧ୍ୟରେ ପ୍ରଭେଦ ସର୍ବଦା ସୁପରିଭାଷିତ ହୋଇନଥାଏ ଏବଂ ଏହାର ପ୍ରୟୋଗ ସର୍ବଦା ନିଶ୍ଚିତ ହୋଇନଥାଏ । ମତବାଦ ଏବଂ ଅଭ୍ୟାସ ନିଶ୍ଚିତ ଭାବେ ସୁଖଦ ସାଥୀ ନୁହଁନ୍ତି । ଏହି ତତ୍କାଳୀନ ମାମଲା ସ୍ପଷ୍ଟତଃ କୌଣସି ମକଦ୍ଦମା କିମ୍ବା ଏକ ପ୍ରାଧିକାରୀଙ୍କ ସମ୍ମୁଖରେ ହାଜର ହୋଇଥିବା ପ୍ରତିଦ୍ୱନ୍ଦିତାମୂଳକ ଦାବୀ ସହିତ ଦୁଇଟି ପକ୍ଷ ସମ୍ପୃକ୍ତ ନୁହଁନ୍ତି ଯାହା ସେମାନଙ୍କର ଅଧିକାର ନିର୍ଦ୍ଧାରଣ କରିବ । ପୁନଶ୍ଚ, ଓଏଟି ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାରଙ୍କ କାର୍ଯ୍ୟ  କୌଣସି ପ୍ରକାରେ ଏହି ବିଷୟକୁ ପ୍ରତିକୂଳ ଭାବେ  ପ୍ରଭାବିତ କରିନଥିଲା । ମାମଲାବାଜ ମାନଙ୍କୁ କିମ୍ବା ଅନ୍ୟ ନାଗରିକମାନଙ୍କୁ କୌଣସି ମଞ୍ଚ ବିନା ଛାଡ଼ି ଦିଆଯାଇନଥିଲା । ସେମାନେ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ଯିବା  ପରିବର୍ତ୍ତେ ଓଏଟି ଆଗରେ ନିଜର ପ୍ରତିକାର ଜାରି ରଖିଥିଲେ ।

୫୧. ଯେତେବେଳେ ଓଏଟି ପ୍ରତିଷ୍ଠା ହେଲା ସେତେବେଳେ କେନ୍ଦ୍ର ସରକାର ନ୍ୟାୟିକ କ୍ଷମତାରେ କାର୍ଯ୍ୟ କରୁନଥିଲେ ।  ଓଏଟି ପ୍ରତିଷ୍ଠା ହେବା ପରେ ଉଚ୍ଚ ନ୍ୟାୟାଳୟରେ

ପଡ଼ି ରହିଥିବା ମାମଲାଗୁଡ଼ିକୁ ଓଏଟି ନିକଟକୁ ସ୍ଥାନାନ୍ତର କରାଯାଇଥିଲା । ପ୍ରକୃତରେ, ଏକ ସ୍ୟାଟ ପ୍ରତିଷ୍ଠା କରିବାର ନିଷ୍ପତ୍ତି ନୀତି ଏବଂ ବାଞ୍ଛନୀୟତା ଉପରେ ଆଧାରିତ । ପ୍ରତ୍ୟେକ ରାଜ୍ୟ ସରକାର ସେମାନଙ୍କ ରାଜ୍ୟ ମଧ୍ୟରେ ସ୍ୟାଟ ର ଆବଶ୍ୟକତାକୁ ଆକଳନ କରିବା, ଏହାର ସୁବିଧା ଏବଂ ଅସୁବିଧା ତଥା ସ୍ୟାଟ ପ୍ରତିଷ୍ଠା ପାଇଁ ଆର୍ଥିକ, ପ୍ରଶାସନିକ ତଥା ଅନ୍ୟାନ୍ୟ ବ୍ୟବହାରିକ ଦିଗ ଉପରେ ବିଚାର କରିବା ଉପରେ ନିର୍ଭର କରେ । ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪(୨) ଅନୁଯାୟୀ ଅନୁରୋଧ ପାଇବା ପରେ କେନ୍ଦ୍ର ସରକାର ସ୍ୟାଟ ପ୍ରତିଷ୍ଠା କରିପାରିବେ । ଏକ ସ୍ୟାଟ ପ୍ରତିଷ୍ଠା କରିବାର ନିଷ୍ପତ୍ତି ନିଶ୍ଚିତ ଭାବରେ ଏକ ପ୍ରଶାସନିକ ନିର୍ଣ୍ଣୟ । ପ୍ରଶାସନିକ ନିଷ୍ପତ୍ତି, ଅର୍ଦ୍ଧ - ନ୍ୟାୟିକ ନିଷ୍ପତ୍ତିରୁ ଭିନ୍ନ ହେତୁ, ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ପ୍ରୟୋଗ ଦ୍ୱାରା ପରିବର୍ତ୍ତନ କରାଯାଇପାରେ । ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ର ପ୍ରଯୁଜ୍ୟତା ବର୍ତ୍ତମାନ ମାମଲାରେ ବାଦ ପଡ଼ିନାହିଁ ।

୫୨. **ଔଦ୍ୟୋଗିକ ଭିତ୍ତିଭୂମି ବିକାଶ ନିଗମ (ଗ୍ୱାଲିୟର) ଏମ.ପି. ଲିମିଟେଡ ବନାମ ସିଆଇଟି**[19] ମାମଲାରେ ଆବେଦନକାରୀଙ୍କ ନିର୍ଭରତା ସମାନ କାରଣରୁ ଅନୁପଯୁକ୍ତ ସାବ୍ୟସ୍ତ ହୋଇଛି । ଏକ ଅର୍ଦ୍ଧନ୍ୟାୟିକ ଆଦେଶ ହେତୁ ସେହି ମାମଲାରେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଲାଗୁ ହୋଇନଥିଲା । ଉପରୋକ୍ତ ଆଲୋଚନା କାରଣରୁ ଓଏଟି ପ୍ରତିଷ୍ଠା କରିବା ଏକ ପ୍ରଶାସନିକ ଆଦେଶ ଅଟେ ।

୫୩. ଆମେ ସ୍ପଷ୍ଟ କରୁଛୁ ଯେ ଅର୍ଦ୍ଧ ନ୍ୟାୟିକ ଏବଂ ପ୍ରଶାସନିକ ନିଷ୍ପତ୍ତି ମଧ୍ୟରେ ପାର୍ଥକ୍ୟ ଏକ ସ୍ୟାଟ ପ୍ରତିଷ୍ଠା ନିଷ୍ପତ୍ତିକୁ ଓଲଟ ପାଲଟ କରିବା ପାଇଁ ସାଧାରଣ ଅନୁବିଧି ଅଧିନିୟମର ଧାରା ୨୧ ଆହ୍ୱାନ କରାଯାଇପାରିବ କି ନାହିଁ ତାହା ସ୍ଥିର କରିବା ଉଦ୍ଦେଶ୍ୟରେ ଆହ୍ୱାନ କରାଯାଇଛି । ଆଇନ ଅନୁଯାୟୀ ପ୍ରଶାସନିକ ଆଦେଶ ଗୁଡିକ ନ୍ୟାୟିକ ସମୀକ୍ଷାର ଅଧୀନ ଅଟେ ।

*ଖ. ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ପାଇଁ ଅନ୍ୟଥା ପ୍ରଯୁଜ୍ୟ ।*

୫୪. ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଲାଗୁ କରିବା ଉପରେ କୌଣସି କଟକଣା ନାହିଁ ବୋଲି ନିଷ୍ପତ୍ତି ନେବା ପରେ, ଆମେ ବର୍ତ୍ତମାନ ଏହି ମାମଲାରେ ତାହା

[19] (୨୦୧୮) ୪ ଏସ ସି ସି ୪୯୪

ଲାଗୁ ହେବ କି ନାହିଁ ବିଚାର କରୁଛୁ । ଏହି ବିଷୟ ଉପରେ **ବିହାର ରାଜ୍ୟ ବନାମ ଡି. ଏନ୍. ଗାଙ୍ଗୁଲି**[20] ମାମଲାରେ ନିର୍ଣ୍ଣୟିତ ବିଶ୍ୱାସଯୋଗ୍ୟ ଅଂଶ ଯାହାକୁ ଉଦ୍ଧୃତ କରି ଏହି ନ୍ୟାୟାଳୟ କହିଥିଲେ:

> "୯. .. ଏହା ଉତ୍ତମ ଭାବେ ସ୍ଥିରୀକୃତ ଯେ ଏହି ଧାରା ଏକ ଗଠନ ନିୟମକୁ ସ୍ପଷ୍ଟ ରୂପେ ପ୍ରକାଶ କରିଥାଏ ତେଣୁ ସେହି ପ୍ରଶ୍ନ ଏକ ନିର୍ଦ୍ଦିଷ୍ଟ ବିଧାନର ବ୍ୟବସ୍ଥାରେ ପ୍ରଯୁଜ୍ୟ କି ନୁହେଁ ତାହା ଉକ୍ତ ବିଧାନର ବିଷୟବସ୍ତୁ, ପ୍ରସଂଗ ଏବଂ ସମ୍ପୃକ୍ତ ବ୍ୟବସ୍ଥାର ପ୍ରଭାବ ଉପରେ ନିର୍ଭର କରିବ । ଅନ୍ୟ ଅର୍ଥରେ, ଧାରା ୨୧ ଦ୍ୱାରା ନିର୍ଦ୍ଧାରିତ ଗଠନ ନିୟମ ପ୍ରୟୋଗ ଦ୍ୱାରା, ଆବେଦନକାରୀଙ୍କ ଯୁକ୍ତି ଯଥାର୍ଥତା ଯେ ଯେ ଧାରା ୧୦(୧) ଅନୁଯାୟୀ କରାଯାଇଥିବା ପ୍ରସଙ୍ଗ ସୂଚନାକୁ ବାତିଲ କରିବା ପାଇଁ ଆବଶ୍ୟକ ପ୍ରଭାବ ଦ୍ୱାରା ଯୋଗ୍ୟ ସରକାରଙ୍କୁ ନ୍ୟସ୍ତ ହେବ ବୋଲି କୁହାଯାଇପାରିବ, ଏହା ନିଷ୍ପତ୍ତି ନେବା ପୂର୍ବରୁ ଅଧିନିୟମ ଯୋଜନା, ଏହାର ଉଦ୍ଦେଶ୍ୟ ଏବଂ ଏହାର ସମସ୍ତ ପ୍ରାସଙ୍ଗିକ ଏବଂ ଭୌତିକ ବ୍ୟବସ୍ଥାକୁ ଧ୍ୟାନପୂର୍ବକ ଯାଞ୍ଚ କରିବା ଆବଶ୍ୟକ ହେବ । ଯଦି ଆମେ ଏହି ଉପସଂହାରରେ ପହଞ୍ଚୁଛୁ ଯେ ପ୍ରାସଙ୍ଗିକ ପ୍ରାବଧାନଗୁଡ଼ିକର ପ୍ରସଙ୍ଗ ଏବଂ ପ୍ରଭାବ ଉକ୍ତ ଗଠନ ନିୟମର ପ୍ରୟୋଗ ବିରୁଦ୍ଧ, ତେବେ ଆବେଦନକାରୀ ଉକ୍ତ ଧାରା ସହାୟତାକୁ ଆହ୍ୱାନ କରିବା ପାଇଁ ହକଦାର ହେବେ ନାହିଁତେଣୁ ଆମକୁ ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକର ଅନୁଧ୍ୟାନ କରିବା ଆବଶ୍ୟକ" ।

୫୫. **କମଳା ପ୍ରସାଦ ଖେତାନ ବନାମ ଭାରତ ସଂଘ**[21] **ମାମଲାରେ** ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ବିଚାରପୀଠ କହିଥିଲେ ଯେ:

> "୧୦. .. ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଏକ ଗଠନ ନିୟମକୁ ସ୍ପଷ୍ଟ ଭାବେ ପ୍ରକାଶ କରିଥାଏ, ଏବଂ ସେହି ନିୟମରେ ନିର୍ଦ୍ଦିଷ୍ଟ ବିଧାନର ପ୍ରସଙ୍ଗ ଏବଂ ବିଷୟବସ୍ତୁ ପ୍ରତି ସନ୍ଦର୍ଭ ରହିବା ଉଚିତ ଯେଉଁଥିରେ ଏହା ପ୍ରୟୋଗ କରାଯାଉଛି।"

୫୬. ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ସେତେବେଳେ ଆହ୍ୱାନ କରାଯାଇପାରିବ ଯେତେବେଳେ ଏହାର ପ୍ରୟୋଗ ବିଧିର ବିଷୟବସ୍ତୁ, ପ୍ରସଙ୍ଗ ଏବଂ ପ୍ରଭାବର ବିରୋଧୀ ହେବ ନାହିଁ ଏବଂ ଯେତେବେଳେ ଏହା ଏହାର ଯୋଜନା ଏବଂ ଉଦ୍ଦେଶ୍ୟ ସହିତ ସାମଞ୍ଜସ୍ୟ ରଖିବ । ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ପ୍ରଯୁଜ୍ୟ ହେବ କି ନାହିଁ ତାହା ନିର୍ଦ୍ଧାରଣ କରିବା ଲାଗି ଅଦାଲତ ସମ୍ବନ୍ଧିତ ଆଇନର ବ୍ୟବସ୍ଥା ଗୁଡ଼ିକର ଉଲ୍ଲେଖ କରିପାରିବେ ।

---

[20] ୧୯୫୯ ଏସ ସି ଆର ୧୧୯୧

[21] ୧୯୫୭ ଏସ ସି ଆର ୧୦୫୨

୫୭. ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଯୋଜନା ନିମ୍ନରେ ସଂକ୍ଷିପ୍ତରେ ବିଶ୍ଳେଷଣ କରାଯାଇଛି:

(କ) ଧାରା ୪ କେନ୍ଦ୍ର ସରକାରଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଠାରୁ ଏ ସଂକ୍ରାନ୍ତରେ ଏକ ଅନୁରୋଧ ପାଇବା ପରେ ସ୍ୟାଟ ପ୍ରତିଷ୍ଠା କରିବାରେ ସକ୍ଷମ କରିଥାଏ;

ଖ. ଧାରା ୫ ସ୍ୟାଟ ର ସଂଘଟନ ପ୍ରଦାନ କରେ । ଧାରା ୮ ଏବଂ ୧୦ ଖ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ କାର୍ଯ୍ୟକାଳ ନିର୍ଦ୍ଧାରଣ କରେ ;

ଗ. ଧାରା ୧୫ ସ୍ୟାଟ ର ନ୍ୟାୟିକ ଅଧିକାରିତାକୁ ନିୟନ୍ତ୍ରଣ କରିଥାଏ ;

ଘ. ଚତୁର୍ଥ ଅଧ୍ୟାୟରେ ନ୍ୟାୟାଧିକରଣ ସମ୍ମୁଖରେ ଅନୁସରଣ କରାଯିବାକୁ ଥିବା ପ୍ରକ୍ରିୟା ଏବଂ ଏହା ଦ୍ୱାରା ପ୍ରୟୋଗ କରାଯିବାକୁ ଥିବା କ୍ଷମତା ବର୍ଣ୍ଣନା କରାଯାଇଛି ; ଏବଂ

ଙ. ଧାରା ୨୯ ପ୍ରଦାନ କରେ ଯେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଅନୁଯାୟୀ ନ୍ୟାୟାଧିକରଣ ଗଠନ ହେବାର ଅବ୍ୟବହିତ ପୂର୍ବରୁ, ଯେ କୌଣସି ନ୍ୟାୟାଳୟ କିମ୍ବା କର୍ତ୍ତୃପକ୍ଷଙ୍କ ନିକଟରେ ବିଚାରାଧୀନ ପ୍ରତ୍ୟେକ ମକଦ୍ଦମା କିମ୍ବା ବିଚାର ପ୍ରକ୍ରିୟା, ଯାହା ନ୍ୟାୟାଧିକରଣ କ୍ଷେତ୍ରାଧିକାର ମଧ୍ୟରେ ରହିଥାନ୍ତା ଯଦି ନ୍ୟାୟାଧିକରଣ ଗଠନ ପରେ ଏପରି ମକଦ୍ଦମା କିମ୍ବା ପ୍ରକ୍ରିୟା ରେ ବାଦ ର କାରଣ ହୋଇଥାନ୍ତା, ନ୍ୟାୟାଧିକରଣ ପ୍ରତିଷ୍ଠା ହେବା ଦିନଠାରୁ ଏହାଙ୍କ ନିକଟକୁ ସ୍ଥାନାନ୍ତରିତ ହୋଇଛି ।

୫୮. ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମରେ ଥରେ କୌଣସି ସ୍ୟାଟ ପ୍ରତିଷ୍ଠା ହେବା ପରେ ତାହାକୁ ଉଚ୍ଛେଦ କରିବା ଲାଗି କୌଣସି ଅଧିନିୟମ ଏବଂ ତତସମ୍ବନ୍ଧୀୟ ପ୍ରକ୍ରିୟା ନାହିଁ।ତେବେ, ଏହାର ଅର୍ଥ ଏହା ନୁହେଁ ଯେ ଥରେ ସ୍ୟାଟ ପ୍ରତିଷ୍ଠା ହେବା ପରେ ଏହାକୁ ଉଚ୍ଛେଦ କରିବା ଅସମ୍ଭବ । ପ୍ରଥମତଃ, ସମ୍ପୃକ୍ତ ରାଜ୍ୟ ସରକାରଙ୍କଠାରୁ ଅନୁରୋଧ ପାଇବା ପରେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୟାଟ ଉଚ୍ଛେଦ ଉପରେ ପ୍ରତିବନ୍ଧକ ଲଗାଇନାହିଁ । ଦ୍ୱିତୀୟତଃ, ବିଧାନ ଯୋଜନାର କୌଣସି ବିଷୟ ଏହା ସୂଚାଏ ନାହିଁ କିମ୍ବା ପ୍ରସ୍ତାବ ରଖେନାହିଁ ଯେ ଏପରି ଉଚ୍ଛେଦ ହାସଲ କରିବାକୁ ଥିବା ଉଦ୍ଦେଶ୍ୟ ସହିତ ଅସଙ୍ଗତ ହେବ । ଅନ୍ୟପକ୍ଷରେ, ଯଦି ସମ୍ପୃକ୍ତ ରାଜ୍ୟ ସରକାର ଭାବୁଛନ୍ତି ଯେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ସ୍ୟାଟ ବିଫଳ ହେଉଛି କିମ୍ବା ସମାନ ଉଦ୍ଦେଶ୍ୟକୁ

ପୂରଣ କରିବା ପାଇଁ ଏକ ବିକଳ୍ପ ମାର୍ଗ ସ୍ୟାଟ ପରିଚାଳନା କରିବା ପରିବର୍ତ୍ତେ ଶ୍ରେୟ, ତେବେ ନିଜ ଚିନ୍ତାଧାରାକୁ ସାକାର କରିବା ଲାଗି ସ୍ୟାଟ ଉଚ୍ଛେଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିପାରିବେ । ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମରେ ସଂଶୋଧନ ରାଜ୍ୟ ସରକାରଙ୍କ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ ଏକ ପୂର୍ବ ସର୍ତ୍ତ ନୁହେଁ ।

୫୯.ଯେପରି ଉପରେ ଲକ୍ଷ୍ୟ କରାଯାଇଛି, ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଉଦ୍ଦେଶ୍ୟ ହେଉଛି ବକେୟା ହ୍ରାସ କରିବା ଏବଂ ମକଦ୍ଦମାକାରୀମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାର ବ୍ୟବସ୍ଥାକୁ ସମର୍ଥ କରିବା । ଏକ ସ୍ୟାଟ ଉଚ୍ଛେଦ କରିବା ଏହି ଉଦ୍ଦେଶ୍ୟ କୁ ନିରାଶ କରିବ ନାହିଁ କାରଣ ସ୍ୟାଟ ଗୁଡିକ କେବଳ ଏକ ମାତ୍ର ପଦ୍ଧତି ନୁହେଁ ଯାହା ଦ୍ୱାରା ଉଦ୍ଦେଶ୍ୟ ହାସଲ କରିବାକୁ ସଫଳ ହେବ । ଆହୁରି ମଧ୍ୟ, ଏହିପରି ଉଚ୍ଛେଦର ପ୍ରଭାବ ମକଦ୍ଦମାକାରୀଙ୍କୁ ଏହାର ପ୍ରତିକାରରୁ ବଞ୍ଚିତ କରିବ ନାହିଁ କାରଣ ସ୍ୟାଟଙ୍କ ସମ୍ମୁଖରେ ଥିବା ମାମଲା ସେହି ମଞ୍ଚରେ ପୁନର୍ଜୀବିତ ହେବ ଯେଉଁଠାରେ ସେହି ସ୍ୟାଟ ପ୍ରତିଷ୍ଠା ପୂର୍ବରୁ ସେଗୁଡିକ ବିଚାରାଧୀନ ଥିଲା । ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ବିଷୟବସ୍ତୁ ଏବଂ ପ୍ରସଙ୍ଗ ମଧ୍ୟ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ପ୍ରୟୋଗର ବିରୁଦ୍ଧ କରେନାହିଁ । ତେଣୁ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମରେ ସେପରି କିଛି ନାହିଁ, ଯାହା ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ର ପ୍ରୟୋଗକୁ ବିରୋଧ କରେ । କେନ୍ଦ୍ର ସରକାରଙ୍କୁ ତାଙ୍କ ରାଜ୍ୟରେ ଥିବା ସ୍ୟାଟ ଉଚ୍ଛେଦ କରିବାକୁ ଏକ ଅନୁରୋଧ ଜାରି କରିବାକୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କର ନିହିତ କ୍ଷମତା ଅଛି । କେନ୍ଦ୍ର ସରକାରଙ୍କ ପାଖରେ ମଧ୍ୟ ସ୍ୟାଟ ଉଚ୍ଛେଦ କରିବା ସହିତ ସେହି ଅଧିସୂଚନାକୁ ପ୍ରତ୍ୟାହାର କରିବାର କ୍ଷମତା ରହିଛି ଯେଉଁଥିରେ କି ସ୍ୟାଟ ପ୍ରତିଷ୍ଠା କରାଯାଇଥିଲା ।

୬୦. ଆବେଦନକାରୀମାନେ ସେମାନଙ୍କର ବିବାଦକୁ ସମର୍ଥନ କରିବା ପାଇଁ **ଲେଫ୍ଟନାଣ୍ଟ ଗଭର୍ଣ୍ଣର, ହିମାଚଳ ପ୍ରଦେଶ ବନାମ ଅବିନାଶ ଶର୍ମା**[22] ଏବଂ **ମଧ୍ୟ ପ୍ରଦେଶ ରାଜ୍ୟ ବନାମ ଅଜୟ ସିଂ**[23] ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିଛନ୍ତି । ଅବିନାଶ ଶର୍ମା (ଉପରୋକ୍ତ) ଙ୍କ ମାମଲାରେ ଏହି ନ୍ୟାୟାଳୟ କହିଥିଲେ

[22] (୧୯୭୦) ୨ ଏସ ସି ସି ୧୪୯

[23] (୧୯୯୩) ୧ ଏସ ସି ସି ୩୦୨

ଯେ, ଭୂମି ଅଧିଗ୍ରହଣ ଅଧିନିୟମ ୧୮୯୪ ର ଧାରା ୧୭(୧) ଅନୁଯାୟୀ ଏକ ଅଧିସୂଚନା ବଳରେ ସରକାର ଜମି ଦଖଲ କରିବା ପରେ, ସରକାରଙ୍କ ପାଖରେ ଜମି ଅଧିକାର ରହିବ ଏବଂ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଅନୁଯାୟୀ ଅଧିସୂଚନାକୁ ରଦ୍ଦ କରାଯାଇପାରିବ ନାହିଁ । ଆହୁରି ମଧ୍ୟ, ଥରେ ଜମିର ଦଖଲ ନେବା ପରେ ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ର ଧାରା ୪୮ ଅନୁଯାୟୀ କ୍ଷମତା ପ୍ରୟୋଗରେ ବିଜ୍ଞପ୍ତି ପ୍ରତ୍ୟାହାର କରାଯାଇ ପାରିବନାହିଁ । ବର୍ତ୍ତମାନର ମାମଲା ଜମି ଅଧିଗ୍ରହଣ ସହ ଜଡିତ ନଥିବା କାରଣେ **ଅବିନାଶ ଶର୍ମା** (ଉପରୋକ୍ତ) ଙ୍କ ମାମଲାର ନିଷ୍ପତ୍ତି ବର୍ତ୍ତମାନ ପ୍ରଶ୍ନ ସହିତ ଅପ୍ରାସଙ୍ଗିକ ହୋଇପଡ଼ିଛି । ଅଧିକନ୍ତୁ, ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ର ଧାରା ୪୮ ରେ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଥିଲା ଯାହା ଅଧିଗ୍ରହଣରୁ ପ୍ରତ୍ୟାହାରକୁ ନିୟନ୍ତ୍ରଣ କରିଥାଏ, ତେଣୁ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ କୁ ଅବଲମ୍ବନ କରି ବୈଧାନିକ ବ୍ୟବସ୍ଥାରେ ଥିବା ସର୍ତ୍ତ ଗୁଡିକୁ ଏଡାଇ ଦିଆଯାଇ ପାରିବନାହିଁ । ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ଏବଂ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ର ଯୋଜନା ଭିନ୍ନ ଏବଂ ପ୍ରତ୍ୟେକ ପ୍ରଣୟନର ଯୋଜନା ଏବଂ ପ୍ରସଙ୍ଗ କୁ ଏହାର ନିଜ ଯୋଗ୍ୟତା ଅନୁଯାୟୀ ବିଚାର କରାଯିବା ଆବଶ୍ୟକ ।

୬୧. **ଅଜୟ ସିଂ** ଙ୍କ ମାମଲାରେ (ଉପରୋକ୍ତ) ଏହି କୋର୍ଟ କହିଥିଲେ ଯେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ରେ ସନ୍ନିହିତ ନିର୍ମାଣ ନିୟମ ତଦନ୍ତ ଆୟୋଗ ଆଇନ ୧୯୫୨ର ବ୍ୟବସ୍ଥା ଉପରେ ଲାଗୁ ହେବନାହିଁ କାରଣ ଏହାର ଉପବନ୍ଧଗୁଡ଼ିକର ବିଷୟବସ୍ତୁ, ପ୍ରସଙ୍ଗ ଏବଂ ପ୍ରଭାବ ଧାରା ୨୧ର ପ୍ରୟୋଗ ସହିତ ଅସଙ୍ଗତ ଥିଲା । ଏହି ମାମଲାରେ, ରାଜ୍ୟ ପରିସୀମା ମଧ୍ୟରେ ସୃଷ୍ଟି ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରସଙ୍ଗ ଅନୁସନ୍ଧାନ କରିବାକୁ ମଧ୍ୟପ୍ରଦେଶ ସରକାର ଏକ ଏକକ ସଦସ୍ୟ ବିଶିଷ୍ଟ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରିଥିଲେ । ପରେ ଏକକ ସଦସ୍ୟଙ୍କୁ ବଦଳାଇ ଉଚ୍ଚ କ୍ଷମତା ସମ୍ପନ୍ନ ସମିତିର ପୁନର୍ଗଠନ ପାଇଁ ଏହା ପ୍ରୟାସ କରିଥିଲେ । **ଅଜୟ ସିଂ**(ଉପରୋକ୍ତ)ଙ୍କ ମାମଲାରେ ପ୍ରଶ୍ନଟି ଥିଲା ଯେ, ରାଜ୍ୟ ସରକାର ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଉପରେ ଭରସା କରି ପ୍ରଥମ ଥର ପାଇଁ ସଦସ୍ୟଙ୍କୁ ନିଯୁକ୍ତି ଦେଇଥିବା ଅଧିସୂଚନାକୁ ପ୍ରତ୍ୟାହାର କରିପାରିବେ କି ।

୬୨. ଏହି ନ୍ୟାୟାଳୟ ନକାରାତ୍ମକ ଉତ୍ତର ଦେଇଥିଲେ କାରଣ ତଦନ୍ତ ଆୟୋଗ ଅଧିନିୟମ ୧୯୫୨ର ଧାରା ୩ ରେ ଯେ କୌଣସି ଖାଲି ଥିବା ପଦବୀ ପୂରଣ

କରିବାର କ୍ଷମତା ପ୍ରଦାନ କରାଯାଇଛି, ଯେତେବେଳେ କି ଧାରା ୭ ରେ କେବଳ ଏକ ମାତ୍ର ପରିସ୍ଥିତି ପାଇଁ ବ୍ୟବସ୍ଥା କରାଯାଇଛି ଯେଉଁଥିରେ ପୂର୍ବରୁ ଗଠିତ ଆୟୋଗ ଅସ୍ତିତ୍ୱହୀନ ହୋଇଯିବ । ଏହି ନ୍ୟାୟାଳୟ ଅବଲୋକନ କରିଛନ୍ତି ଯେ ତଦନ୍ତ ଆୟୋଗ ଅଧିନିୟମ ୧୯୫୨ କୌଣସି ଆୟୋଗକୁ ପୁନର୍ଗଠନ କରିବା କିମ୍ବା ଏହାର ସଦସ୍ୟମାନଙ୍କୁ ବଦଳାଇବାର କ୍ଷମତା ପ୍ରଦାନ କରିନାହିଁ । ସମ୍ପୃକ୍ତ ଆଇନର ଯୋଜନା ଯୋଜନା ଏବଂ ଏହାର ସନ୍ଦର୍ଭରେ ଦର୍ଶାଯାଇଛି ଯେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଆହ୍ୱାନ କରାଯାଇପାରିବ ନାହିଁ । ପୁନଶ୍ଚ, ସରକାରୀ ନିୟନ୍ତ୍ରଣମୁକ୍ତ ଏକ ସ୍ୱାଧୀନ ଆୟୋଗ ଦ୍ୱାରା ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନ୍ୟସ୍ତ ଦାୟିତ୍ୱ ଅବଧି କାଳ ମଧ୍ୟରେ ଆୟୋଗ ପୁନର୍ଗଠନ କରିବାର ଅନୁମତି ଯଦି ସମ୍ପୃକ୍ତ ସରକାରକୁ ଦିଆଯାଏ ସେଭଳି କ୍ଷେତ୍ରରେ ତଦନ୍ତ ଆୟୋଗ ଅଧିନିୟମ, ୧୯୫୨ ର ଉଦ୍ଦେଶ୍ୟ ବିଫଳ ହେବ । ବର୍ତ୍ତମାନର ମାମଲାରେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ପ୍ରୟୋଗ କରିବାରେ କୌଣସି ପ୍ରତିବନ୍ଧକ ନାହିଁ । ଯଦି ଏକ ସ୍ୟାଟ ଗଠନ ହୁଏ ଏବଂ ତା'ପରେ ଉଚ୍ଛେଦ ହୁଏ ତେବେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଉଦ୍ଦେଶ୍ୟ ବିଫଳ ହେବନାହିଁ । ସେହି ସମାନ ଲକ୍ଷ୍ୟ ହାସଲ କରିବା ଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାର ବିକଳ୍ପ ମାର୍ଗ (ସ୍ୟାଟ କୁ ପରିପୂରଣ କରି ଯେଉଁଥିରୁ କେତେକ ପୂର୍ବରୁ କାର୍ଯ୍ୟକ୍ଷମ ହୋଇ ସାରିଥିବ) ଅବଲମ୍ବନ କରିପାରିବେ । ତେଣୁ, **ଅଜୟ ସିଂହ**(ଉପରୋକ୍ତ)ଙ୍କ ମାମଲାରେ ନିଷ୍ପତ୍ତି ଆବେଦନକାରୀଙ୍କ ବିବାଦକୁ ସହାୟତା କରୁନାହିଁ ।

୬୩. ଆବେଦନକାରୀମାନେ ମଧ୍ୟ ଯୁକ୍ତି ବାଢିଛନ୍ତି ଯେ ସ୍ୟାଟକୁ ସମାପ୍ତ କରିବା ଲାଗି କେନ୍ଦ୍ର ସରକାରଙ୍କ କ୍ଷମତା ସେହି ଆଇନ ପ୍ରଣୟନରୁ ପ୍ରବାହିତ ହେବା ଉଚିତ ଯେଉଁଥିରେ ସେଗୁଡ଼ିକୁ ପ୍ରତିଷ୍ଠା କରିବାର କ୍ଷମତା ପ୍ରଦାନ କରାଯାଇଛି । ସେମାନଙ୍କର ଯୁକ୍ତି ହେଉଛି ଯେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଏହା ପ୍ରଦାନ କରିନଥିବା କାରଣରୁ କେନ୍ଦ୍ର ସରକାରଙ୍କ ପାଖରେ ସ୍ୟାଟ ଉଚ୍ଛେଦ କରିବାର କ୍ଷମତା ନାହିଁ । ଏହି ଯୁକ୍ତି ସାଧାରଣ କାରଣ ପାଇଁ ବିଫଳ ହୁଏ ଯେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ର ମୂଳ ଉଦ୍ଦେଶ୍ୟ ହେଉଛି ଯେତେବେଳେ ସମ୍ପୃକ୍ତ ବିଧାନ ଜାରି ହୋଇସାରିଥିବା ଏକ ଅଧିସୂଚନା (କିମ୍ବା ଆଦେଶ, ନିୟମ,କିମ୍ବା ଉପ-ନିୟମ)କୁ ଯୋଡିବା,ସଂଶୋଧନ କରିବା,ପରିବର୍ତ୍ତନ କରିବା କିମ୍ବା ରଦ୍ଦ କରିବା ଲାଗି ସ୍ପଷ୍ଟ ଭାବେ କ୍ଷମତା ପ୍ରଦାନ କରେନାହିଁ ସେତେବେଳେ ବର୍ତ୍ତମାନର ବିବାଦ ଭଳି କ୍ଷେତ୍ରରେ ସମ୍ଭାବ୍ୟ ବ୍ୟବସ୍ଥା ପ୍ରଦାନ କରିବା । ଅବଶ୍ୟ, ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ର ପ୍ରୟୋଗ

**ଡି ଏନ୍ ଗାଙ୍ଗୁଲି** (ଉପରୋକ୍ତ) ରେ, ପୂର୍ବରୁ ଯେପରି ଆଲୋଚନା କରାଯାଇଥିଲା, ନିର୍ଦ୍ଧାରିତ ପରୀକ୍ଷଣ ଏବଂ ବ୍ୟବସ୍ଥାରେ ଉଲ୍ଲେଖ କରାଯାଇଥିବା ଅନ୍ୟ ଆବଶ୍ୟକତା ଉପରେ ନିର୍ଭରଶୀଳ ।

୬୪. ଯଦି ଆବେଦନକାରୀଙ୍କ ତର୍କକୁ ଗ୍ରହଣ କରାଯାଏ, ତେବେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଅନାବଶ୍ୟକ ହୋଇଯିବ । ବିଜ୍ଞପ୍ତି, ଆଦେଶ, ବିଧାନ କିମ୍ବା ଉପ-ବିଧିକୁ ଯୋଡ଼ିବା, ସଂଶୋଧନ କରିବା, ପରିବର୍ତ୍ତନ କରିବା କିମ୍ବା ରଦ୍ଦ କରିବାର କ୍ଷମତା ସ୍ୱଷ୍ଟ ଭାବେ ପ୍ରଦାନ କରିନଥିବା କୌଣସି ଆଇନ ଉପରେ ଏହା ଲାଗୁ ହେବ ନାହିଁ । ଅନ୍ୟପକ୍ଷରେ, ଯଦି ବିଧାନ ନିଜେ ବିଜ୍ଞପ୍ତି, ଆଦେଶ, ନିୟମ କିମ୍ବା ଉପ-ବିଧିକୁ ଯୋଡ଼ିବା, ସଂଶୋଧନ କରିବା, ପରିବର୍ତ୍ତନ କରିବା କିମ୍ବା ରଦ୍ଦ କରିବାର କ୍ଷମତା ପ୍ରଦାନ କରେ, ତେବେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଉପରେ ନିର୍ଭର କରିବାର କୌଣସି ଆବଶ୍ୟକତା ରହିବ ନାହିଁ । ଏହା ଏକ କଳ୍ପନା ଯୋଗ୍ୟ ସ୍ଥିତି ନୁହେଁ କାରଣ ନ୍ୟାୟାଳୟ ଗୁଡିକ ତାହାର ପ୍ରାବଧାନକୁ ନିରର୍ଥକ କରିବା ପରିବର୍ତ୍ତେ କାର୍ଯ୍ୟକାରୀ କରିବାକୁ ନିୟମ ଗୁଡିକୁ ବ୍ୟାଖ୍ୟା କରିବା ଉଚିତ[24] ।

୬୫. ଆବେଦନକାରୀମାନେ ମଧ୍ୟ ଦର୍ଶାଇଛନ୍ତି ଯେ "ପ୍ରତ୍ୟକ୍ଷ ଭାବେ" ଯାହା କରାଯାଇପାରିବ ନାହିଁ ତାହା "ପରୋକ୍ଷ ଭାବେ" କରାଯାଇପାରିବ ନାହିଁ । ଉପରୋକ୍ତ ଆଲୋଚନା କାରଣରୁ, ସମ୍ବିଧାନର ଅନୁଚ୍ଛେଦ ୩୨୩-କ କିମ୍ବା ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ସ୍ୟାଟ ଉଚ୍ଛେଦ ଉପରେ ପ୍ରତିବନ୍ଧକ ଲଗାଉନାହିଁ । ତେଣୁ ଏହା କୁହାଯାଇ ପାରିବ ନାହିଁ ଯେ କେନ୍ଦ୍ର ସରକାର ସିଧାସଳଖ ଭାବେ ସ୍ୟାଟ ଉଚ୍ଛେଦ କରିପାରିବେ ନାହିଁ ଏବଂ ଏପରି ପ୍ରତିବନ୍ଧକକୁ ଏଡ଼ାଇବା ପାଇଁ ଏବଂ ପରୋକ୍ଷ ଭାବେ ଓଏଟି ଉଚ୍ଛେଦ କରିବା ଲାଗି ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ର ଆଶ୍ରୟ ନେଇଛନ୍ତି । ଓଏଟି ଉଚ୍ଛେଦ କରିବା ପାଇଁ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଉପରେ କେନ୍ଦ୍ର ସରକାରଙ୍କ ଭରସା ଆଇନ ଅନୁମୋଦିତ ।

୬୬. ଆବେଦନକାରୀମାନେ ନିବେଦନ କରିଛନ୍ତି ଯେ ସ୍ୟାଟ ଉଚ୍ଛେଦ ପାଇଁ ଏବଂ ଉଚ୍ଛେଦ ହୋଇଥିବା ସ୍ୟାଟ ରୁ ବିଚାରାଧୀନ ମାମଲା ଗୁଡିକୁ ସମ୍ପୃକ୍ତ ଉଚ୍ଚ ନ୍ୟାୟାଳୟଙ୍କୁ ସ୍ଥାନାନ୍ତର ପାଇଁ ଏକ ସଫଳ ବ୍ୟବସ୍ଥା ପ୍ରଦାନ କରିବାକୁ ସଂସଦ ରେ ପ୍ରଶାସନିକ

[24] ଏମ. ପେଣ୍ଟିଆହ ବନାମ ମୁଦ୍ଦଲା ବୀରାମଲାପା (୧୯୬୧)୨ ଏସ ସି ଆର ୨୯୫

ନ୍ୟାୟାଧିକରଣ (ସଂଶୋଧନ) ବିଲ, ୨୦୦୬ ଉପସ୍ଥାପନ କରାଯାଇଛି । ଏହି ପ୍ରସ୍ତାବିତ ଆଇନକୁ ରାଜ୍ୟସଭା ସ୍ଥାୟୀ ସମିତିଙ୍କ କାର୍ମିକ, ଜନ ଅଭିଯୋଗ, ବିଧି ଏବଂ ନ୍ୟାୟ ବିଭାଗ ନିକଟକୁ ପଠାଯାଇଥିଲା, ଯିଏକି ୫ ଡିସେମ୍ବର ୨୦୦୬ ରେ ଏହାର ରିପୋର୍ଟ ପ୍ରଦାନ କରିଥିଲେ । ଏହି ରିପୋର୍ଟରେ ସୁପାରିଶ କରାଯାଇଛି ଯେ ଏକ ସ୍ୟାଟ ଉଚ୍ଛେଦ କରିବାର କ୍ଷମତା କାର୍ଯ୍ୟ ନିର୍ବାହୀକୁ ଦିଆଯିବା ଉଚିତ ନୁହେଁ । ଏହା ଯୁକ୍ତି କରାଯାଇଛି ଯେ କେନ୍ଦ୍ର ସରକାରଙ୍କ ପାଖରେ ସ୍ୟାଟ ଉଚ୍ଛେଦ କରିବାର କ୍ଷମତା ନାହିଁ କାରଣ ସ୍ଥାୟୀ ସମିତିଙ୍କ ରିପୋର୍ଟରେ ଥିବା ସୁପାରିଶ କାରଣରୁ ଏହି ବିଲ୍ ଆଇନରେ ପରିଣତ ହୋଇନାହିଁ ।

୬୭. ଆବେଦନକାରୀମାନେ ଏହା ସୂଚିତ କରିବା ଭଳି ମନେ ହେଉଛି ଯେ ସଂସଦର ମତ ଥିଲା ଯେ ଏକ ସକ୍ରିୟ ବ୍ୟବସ୍ଥା ଅନୁପସ୍ଥିତିରେ କେନ୍ଦ୍ର ସରକାରଙ୍କ ପାଖରେ ସ୍ୟାଟ ଉଚ୍ଛେଦ କରିବାର କ୍ଷମତା ନାହିଁ ।ଏହା ମଧ୍ୟ ହୋଇପାରେ ଯେ ସଂସଦ ସେହି କ୍ଷମତା **ପ୍ରଦାନ** କରିବା ପରିବର୍ତ୍ତେ ସ୍ୟାଟ ଉଚ୍ଛେଦ କରିବାର କେନ୍ଦ୍ର ସରକାରଙ୍କ କ୍ଷମତାକୁ **ସ୍ପଷ୍ଟ** କରିବା ପାଇଁ ପ୍ରଶାସନିକ ନ୍ୟାୟାଧିକରଣ (ସଂଶୋଧନ) ବିଲ ୨୦୦୬ ଉପସ୍ଥାପନ କରିଛି । ଏହି ନ୍ୟାୟାଳୟ ସମ୍ଭବତଃ ଏକ ପ୍ରସ୍ତାବିତ ସଂଶୋଧନ ପାଇଁ ସମସ୍ତ ସମ୍ଭାବ୍ୟ କାରଣଗୁଡିକର ଆଲୋଚନା କିମ୍ବା ବିଶ୍ଳେଷଣରେ ପ୍ରବେଶ କରିପାରିବେ ନାହିଁ ।

୬୮. ଆବେଦନକାରୀମାନେ ସମାନ ଆଧାରରେ ଆଉ ଏକ ତର୍କ ଉପସ୍ଥାପନ କରିଛନ୍ତି । **ଟିଏନଏଟି ଉଚ୍ଛେଦ ମାମଲା** (ଉପରୋକ୍ତ)ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ସ୍ଥିତି, ସ୍ୟାଟ ପ୍ରତିଷ୍ଠା କରିବା ଲାଗି ଏକ ଅଧିସୂଚନା ରଦ୍ଦ କରିବାର କ୍ଷମତା କେନ୍ଦ୍ର ସରକାରଙ୍କ ପାଖରେ ଅଛି କି ନାହିଁ, ଏହି ବିଷୟରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରିବା ଉଚିତ । **ଟିଏନଏଟି ଉଚ୍ଛେଦ ମାମଲା** (ଉପରୋକ୍ତ)ର ଅନୁଚ୍ଛେଦ ୪ ରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଲିପିବଦ୍ଧ କରାଯାଇଛି ।

> "୪. ଅନ୍ୟପକ୍ଷରେ ଏଠାରେ ପ୍ରଥମ ପ୍ରତିବାଦୀ କେନ୍ଦ୍ର ସରକାରଙ୍କ ଦ୍ୱାରା ରଖା ଯାଇଥିବା ମତ ହେଉଛି ଯେ ଯଦିଓ ତାମିଲନାଡୁ ସରକାର ଏହାକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଇଛନ୍ତି, ଅଧିସୂଚନା ଜରିଆରେ ଏହା କରାଯାଇପାରିବ ନାହିଁ । ଏହି ପ୍ରସ୍ତାବ ପାଇଁ ଉପଯୁକ୍ତ ଆଇନ ପ୍ରଣୟନ ସଂସଦରେ ଆଣିବାର ଆବଶ୍ୟକତା ରହିଛି ଏବଂ ଆଇନ ବିଭାଗ ଦ୍ୱାରା ଏହା ଉପରେ ବିଚାର କରାଯାଉଛି ଯାହା ପ୍ରକ୍ରିୟାକରଣ

> ଏବଂ ଅନୁମୋଦନ ପରେ ସଂସଦରେ ଅଣାଯିବ । ଏହି ମାମଲାରେ କେବଳ କେନ୍ଦ୍ର ସରକାରଙ୍କ ଅଧିସୂଚନା ଯଥେଷ୍ଟ ନୁହେଁ, କାରଣ ମଧ୍ୟପ୍ରଦେଶ ପୁନର୍ଗଠନ ଅଧିନିୟମ ୨୦୦୦ର ଧାରା ୭୪ ରେ ଅଧିସୂଚନା ଜରିଆରେ ଉଚ୍ଛେଦ ପାଇଁ ବିଶେଷ ବ୍ୟବସ୍ଥା ରହିଛି । କିନ୍ତୁ, ଏହି ରାଜ୍ୟରେ ଏଭଳି ବ୍ୟବସ୍ଥା ନାହିଁ । ତେଣୁ ଏଭଳି ପ୍ରସ୍ତାବ ଉପରେ ବିଚାର କରିବା ଲାଗି ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମରେ ଉପଯୁକ୍ତ ସଂସଦୀୟ ସଂଶୋଧନ ଆବଶ୍ୟକ । ଏଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯାଉଛି" ।

୬୯. ଅନ୍ୟ ଏକ ମାମଲାରେ କିମ୍ବା ସେହି ବିଷୟରେ, ଆଇନର ପ୍ରଶ୍ନ ଉପରେ କୌଣସି ପକ୍ଷର ସ୍ଥିତି ଉପରେ ଏକ ନ୍ୟାୟାଳୟଙ୍କ ସମ୍ମୁଖରେ ଆଇନର ପ୍ରଶ୍ନ ଉପରେ କେନ୍ଦ୍ର ସରକାରଙ୍କ ସ୍ଥିତି ଏହି ନ୍ୟାୟାଳୟକୁ ଆଇନର ବ୍ୟାଖ୍ୟା କରିବାରେ ବାରଣ କରିପାରିବ ନାହିଁ । **ଜାକିର ଅବଦୁଲ ମିରଜକର ବନାମ ମହାରାଷ୍ଟ୍ର ରାଜ୍ୟ**[25] ମାମଲାରେ ଏହି ନ୍ୟାୟାଳୟର ଦୁଇ ଜଣିଆ ବିଚାରପୀଠ (ଯେଉଁଥିରେ ଆମ ମଧ୍ୟରୁ ଜଣେ ଡ଼କ୍ଟର ଡି ୱାଇ ଚନ୍ଦ୍ରଚୂଡ଼, ବିଚାରପତି ମଧ୍ୟ ସାମିଲ ଥିଲେ) କହିଲେ :

> "୩୬. .. କୌଣସି ପକ୍ଷ (ଏହି ମାମଲାରେ ରାଜ୍ୟ) ର ଓକିଲଙ୍କ ଦ୍ୱାରା ଆଇନ ସମ୍ବନ୍ଧୀୟ ପ୍ରଶ୍ନ ଉପରେ କରାଯାଇଥିବା କୌଣସି ଉପସ୍ଥାପନ ସେହି ପକ୍ଷକୁ ବାନ୍ଧି ପାରିବ ନାହିଁ କିମ୍ବା ସେହି ପ୍ରସଙ୍ଗରେ ଏହି ନ୍ୟାୟାଳୟକୁ ଆଇନର ସଠିକ୍ ବ୍ୟାଖ୍ୟା କରିବା ପାଇଁ ବାରଣ କରିପାରିବ ନାହିଁ" ।

ତେଣୁ **ଟିଏନଏଟି ଉଚ୍ଛେଦ ମାମଲା** (ଉପରୋକ୍ତ)ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଏହି ନ୍ୟାୟାଳୟଙ୍କ ଆଇନର ବ୍ୟାଖ୍ୟାକୁ ପରିଚାଳନା କରିବ ନାହିଁ ।

୭୦. ଏହି ପରିସ୍ଥିତିରେ, ଆମେ ବିଲୁପ୍ତ ଓଏଟି ରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ମାମଲା ସ୍ଥାନାନ୍ତରଣ ସମ୍ବନ୍ଧରେ ଆବେଦନକାରୀମାନଙ୍କ ଦ୍ୱାରା ଦିଆଯାଇଥିବା ତିନୋଟି ଆନ୍ତଃସମ୍ପର୍କୀୟ ଯୁକ୍ତି ଉପରେ ମଧ୍ୟ ବିଚାର କରିପାରିବା:

କ. ସମ୍ବିଧାନର ଧାରା ୨୨୮ ବ୍ୟତୀତ ଭାରତର ସମ୍ବିଧାନ (ଧାରା ୩୨୩-କ ସମେତ) କୌଣସି ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣରୁ କୌଣସି ନିର୍ଦ୍ଦିଷ୍ଟ ଉଚ୍ଚ ନ୍ୟାୟାଳୟକୁ ମାମଲା ସ୍ଥାନାନ୍ତରିତ କରିବାର ପରିକଳ୍ପନା କରିନାହିଁ ;

---

[25] (୨୦୨୨)ଏସ ସି ସି ଅନଲାଇନ ଏସ ସି ୧୦୯୨

ଖ. ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୨୯ ଉଚ୍ଚ ନ୍ୟାୟାଳୟରୁ (ଅଥବା ଅନ୍ୟ ନ୍ୟାୟାଳୟ ଏବଂ କର୍ତ୍ତୃପକ୍ଷ) ସମ୍ପୃକ୍ତ ସ୍ୟାଟକୁ ମାମଲାଗୁଡ଼ିକର ସ୍ଥାନାନ୍ତରଣ ପାଇଁ ବ୍ୟବସ୍ଥା କରିଥାଏ, କିନ୍ତୁ ଏପରି କୌଣସି ବ୍ୟବସ୍ଥା ନାହିଁ ଯାହା ବିଲୁପ୍ତ ସ୍ୟାଟରୁ ପୁଣି ସେହି ମଞ୍ଚକୁ ମାମଲାଗୁଡ଼ିକର ସ୍ଥାନାନ୍ତରଣ କରିପାରିବ ଯେଉଁଥିରେ ସେମାନଙ୍କର ଶୁଣାଣି ହୋଇଥାନ୍ତା ଯଦି ସ୍ୟାଟ ପ୍ରତିଷ୍ଠା କରାଯାଇନଥାନ୍ତା; ଏବଂ

ଗ. ଓଏଟି ଉଚ୍ଛେଦ ଫଳରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାର ବୃଦ୍ଧି ପାଇବ କିନ୍ତୁ କ୍ଷେତ୍ରାଧିକାର ସୃଷ୍ଟି କିମ୍ବା ସମ୍ପ୍ରସାରଣ କରିବାର କ୍ଷମତା କେବଳ ସଂସଦର ରହିଛି। **ଏ. ଆର. ଅନ୍ତୁଲେ ବନାମ ଆର.ଏସ. ନାୟକ** (୧୯୮୮)୨ ଏସସିସି ୬୦୨ରେ ନିର୍ଭର କରାଯାଇଛି ।

୭୧. ଏହି ତିନୋଟି ଯୁକ୍ତିର ଉତ୍ତରରେ କୁହାଯାଇଛି ଯେ ଓଏଟି ରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ମାମଲାଗୁଡ଼ିକର ସ୍ଥାନାନ୍ତରଣ କରାଯିବା ଦ୍ୱାରା, ସ୍ୱଭାବଶତଃ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ କ୍ଷେତ୍ରାଧିକାରର ପୁନରୁଦ୍ଧାର ହୋଇଥାଏ । ଆମେ ଆକ୍ଷେପିତ ରାୟ ସହିତ ସହମତ ଯେ ଓଏଟି ସମ୍ମୁଖରେ ବିଚାରାଧୀନ ମାମଲା ସମ୍ବନ୍ଧରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାର ଓଏଟି ର ଉଚ୍ଛେଦ ଦ୍ୱାରା ସୃଷ୍ଟି କିମ୍ବା ସମ୍ପ୍ରସାରିତ ହୋଇନାହିଁ । ଏହା ପୂର୍ବରୁ ଏହିପରି କ୍ଷେତ୍ରାଧିକାର ପ୍ରୟୋଗ କରିଥିଲେ ଏବଂ ସମାନ ବିଷୟ ଉପରେ କେବଳ ଏହାର ଅଧିକାରକୁ ପୁନଃ ଆରମ୍ଭ କରୁଛନ୍ତି । ଏହି କାରଣରୁ **ଏ. ଆର. ଅନ୍ତୁଲେ**(ଉପରୋକ୍ତ) ମାମଲାରେ ଦିଆଯାଇଥିବା ନିଷ୍ପତ୍ତି ବର୍ତ୍ତମାନର ମାମଲାର ତଥ୍ୟ ଉପରେ ପ୍ରଯୁଜ୍ୟ ହେଉନାହିଁ ।

୭୨. କେନ୍ଦ୍ର ସରକାରଙ୍କ ଓଏଟି ପ୍ରତିଷ୍ଠା କରିଥିବା ଅଧିସୂଚନାକୁ ରଦ୍ଦ କରିବାର ପ୍ରାକୃତିକ ପରିଣାମ ହେଉଛି ପୂର୍ବ ସ୍ଥିତାବସ୍ଥା ପୁନଃସ୍ଥାପନ କରିବା । ସମ୍ବିଧାନର ଅନୁଚ୍ଛେଦ ୩୨୩-କ କିମ୍ବା ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର କିଛି ଏଭଳି ଶୂନ୍ୟତା ପୁନରୁଦ୍ଧାର ପ୍ରକ୍ରିୟାକୁ ରୋକିପାରିବ ନାହିଁ । ପୁନଶ୍ଚ, ସମ୍ବିଧାନରେ ଏକ ପୁନର୍ଜୀବନକୁ ସ୍ପଷ୍ଟ ଭାବେ ଅନୁମତି ଦେଉଥିବା କୌଣସି ପ୍ରାବଧାନର ଅନୁପସ୍ଥିତି ଏଭଳି ପୁନରୁଦ୍ଧାର ପ୍ରକ୍ରିୟାରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରେନାହିଁ । ଉପରୋକ୍ତ ଆଲୋଚନା କରାଯାଇଥିବା କାରଣରୁ, ଆମେ ସିଦ୍ଧାନ୍ତ କରୁଛୁ ଯେ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଉପରେ କେନ୍ଦ୍ର ସରକାରଙ୍କ ନିର୍ଭରଶୀଳତା ବିଧି ସମ୍ମତ ଅଟେ।

୫. ୨ ଅଗଷ୍ଟ, ୨୦୧୯ ରେ ଜାରି ଅଧିସୂଚନା ସମ୍ବିଧାନର ଅନୁଚ୍ଛେଦ ୧୪ ର ଉଲ୍ଲଙ୍ଘନ କରୁନାହିଁ

*କ. ୨ ଅଗଷ୍ଟ, ୨୦୧୯ ରେ ଜାରି ଅଧିସୂଚନା ଅପ୍ରାସଙ୍ଗିକ କିମ୍ବା ବାହ୍ୟ ବିଚାରଧାରା ଉପରେ ଆଧାରିତ ନୁହେଁ*

୭୩. ଆବେଦନକାରୀମାନେ ନିବେଦନ କରିଛନ୍ତି ଯେ ୨ ଅଗଷ୍ଟ, ୨୦୧୯ ରେ ଜାରି ଅଧିସୂଚନା **ଏଲ. ଚନ୍ଦ୍ର କୁମାର** (ଉପରୋକ୍ତ) ଙ୍କ ନିଷ୍ପତ୍ତିକୁ ଭୁଲ ବୁଝିବା ଉପରେ ଆଧାରିତ ଏବଂ ଏହା ମନମୁଖୀ, ଅଯୌକ୍ତିକ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୪ ର ଉଲ୍ଲଙ୍ଘନ ।

୭୪. ମୂଳ ତତ୍ତ୍ୱ ଏହା ଯେ ଅନୁଚ୍ଛେଦ ୧୪ ସ୍ୱେଚ୍ଛାଚାରିତା ନିଷ୍ଫଳ କରେ ଏବଂ ରାଜ୍ୟ ଦ୍ୱାରା ସେହି ମନମୁଖୀ କାର୍ଯ୍ୟ ସମାନତାର ମୌଳିକ ନିର୍ଭରତା ଉଲଂଘନ କରେ, ଏହା **ଇ. ପି. ରୟାପ୍ପା ବନାମ ତାମିଲନାଡୁ ରାଜ୍ୟ**[26] ମାମଲାର ନିଷ୍ପତ୍ତି ପରଠାରୁ ଏକ ମୌଳିକ ସ୍ୱୀକାର୍ଯ୍ୟ ବିଷୟ ଭାବେ ସ୍ୱୀକୃତ ହୋଇଛି :

> "୮୫. .. ସମାନତା ସ୍ୱେଚ୍ଛାଚାରିତା ର ସମ୍ପୂର୍ଣ୍ଣ ବିପରୀତ ଅଟେ । ବାସ୍ତବରେ ସମାନତା ଏବଂ ସ୍ୱେଚ୍ଛାଚାରିତା ପରମ ଶତ୍ରୁ । ଗୋଟିଏ ଗଣତନ୍ତ୍ର ରେ ଆଇନର ଶାସନ ହୋଇଥିବା ବେଳେ ଅନ୍ୟଟି ଜଣେ ନିରଙ୍କୁଶ ଶାସକଙ୍କ ଝୁଙ୍କ ଏବଂ ଖିଆଲ । **ଯେଉଁଠି କୌଣସି କାର୍ଯ୍ୟ ମନମୁଖୀ ହୋଇଥାଏ, ସେଥିରେ ଏହା ନିହିତ ହୋଇଥାଏ ଯେ ଏହା ରାଜନୈତିକ ଯୁକ୍ତି ଏବଂ ସାମ୍ବିଧାନିକ ଆଇନ ଅନୁଯାୟୀ ଅସମାନ, ତେଣୁ ଅନୁଚ୍ଛେଦ ୧୪ ର ଉଲ୍ଲଙ୍ଘନକାରୀ ହୋଇଥାଏ** .... ଅନୁଚ୍ଛେଦ ୧୪ ଏବଂ ୧୬ ରାଜ୍ୟ କାର୍ଯ୍ୟରେ ସ୍ୱେଚ୍ଛାଚାରିତା ଉପରେ ପ୍ରହାର କରେ ଏବଂ ବ୍ୟବହାରରେ ଔଚିତ୍ୟ ଏବଂ ସମାନତାକୁ ସୁନିଶ୍ଚିତ କରେ । **ସେହି ଅନୁଚ୍ଛେଦ ଦ୍ୱୟ ରାଜ୍ୟର କାର୍ଯ୍ୟାନୁଷ୍ଠାନ ସମାନ ପରିସ୍ଥିତିରେ ସମାନ ଭାବେ ପ୍ରଯୁଜ୍ୟ ବୈଧ ପ୍ରାସଙ୍ଗିକ ନୀତି ଉପରେ ଆଧାରିତ ହେବା ଏବଂ ଏହା କୌଣସି ବାହ୍ୟ କିମ୍ବା ଅପ୍ରାସଙ୍ଗିକ ବିଚାର ଦ୍ୱାରା ନିର୍ଦ୍ଦେଶିତ ନହେବା ଆବଶ୍ୟକ କରନ୍ତି କାରଣ ଏହା ସମାନତାକୁ ଅସ୍ୱୀକାର କରିବା ହେବ" ।**
>
> (ଗୁରୁତ୍ୱ ପ୍ରଦାନ କରାଯାଇଛି)

[26] (୧୯୭୪) ୪ ଏସ ସି ସି ୩

ତେଣୁ, ନିଷ୍ପତ୍ତିରେ କୌଣସି ବାହ୍ୟ କିମ୍ବା ଅପ୍ରାସଙ୍ଗିକ ବିଚାର ପ୍ରବେଶ କରିଛି କି ନାହିଁ ତାହାକୁ ବୁଝିବାକୁ ଓଏଟି ଉଚ୍ଛେଦ କରିବା ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଅନୁଧ୍ୟାନ କରାଯିବା ଆବଶ୍ୟକ ।

୭୫. 'ମନମୁଖୀ' ଶବ୍ଦକୁ ଅନେକ ସମୟରେ 'ଅଯୌକ୍ତିକ' ଶବ୍ଦ ସହ ସମାନ ଭାବେ ବ୍ୟବହାର କରାଯାଇଥାଏ । **ଆସୋସିଏଟେଡ ପ୍ରୋଭିନ୍ସିଆଲ ପିକ୍ଚର ହାଉସେସ ଲିମିଟେଡ ବନାମ ୱେଡନେସବରୀ କର୍ପୋରେସନ**[27] ମାମଲାରେ ଅପିଲ ନ୍ୟାୟାଳୟ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଯୁକ୍ତିଯୁକ୍ତ ଅଟେ କି ନାହିଁ ତାହାର ପରୀକ୍ଷା ବ୍ୟବସ୍ଥିତ କରାଯାଇଥିଲା ।

> "ଏହା ସତ୍ୟ ଯେ ବୁଦ୍ଧିମତା ଯୁକ୍ତିଯୁକ୍ତ ଭାବେ ପ୍ରୟୋଗ ହେବା ଆବଶ୍ୟକ । ଏବେ ଏହାର ଅର୍ଥ କ'ଣ ? ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଯାହାକୁ ଏକ ବିଚକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି, କହିବାକୁ ଗଲେ, ସେ ନିଜକୁ ଆଇନ କ୍ଷେତ୍ରରେ ସଠିକ୍ ଢଙ୍ଗରେ ନିର୍ଦ୍ଦେଶିତ କରିବା ଉଚିତ । ସେ ଯେଉଁ ବିଷୟ ଉପରେ ବିଚାର କରିବାକୁ ବାଧ୍ୟ, ତାହା ଉପରେ ସେ ନିଜର ଧ୍ୟାନ ଦେବା ଉଚିତ । ସେ ତାଙ୍କର ବିଚାର ପ୍ରକ୍ରିୟାରୁ ଅପ୍ରାସଙ୍ଗିକତା କୁ ବାଦ ଦେଇ ବିଷୟବସ୍ତୁ ବିଚାର କରିବାକୁ ହେବ । ଯଦି ସେ ସେହି ନିୟମକୁ ପାଳନ ନ କରନ୍ତି, ତେବେ ତାଙ୍କୁ ପ୍ରକୃତରେ, ଏବଂ ଅଧିକାଂଶ ସମୟରେ, 'ଅଯୌକ୍ତିକ' ଭାବେ କାର୍ଯ୍ୟ କରୁଛନ୍ତି ବୋଲି କୁହାଯାଇପାରେ । ସମାନ ଭାବରେ, ଯେ କୌଣସି ବୁଦ୍ଧିମାନ ବ୍ୟକ୍ତି "ଅଯୌକ୍ତିକତା" ପ୍ରାଧିକରଣଙ୍କ କ୍ଷମତା ମଧ୍ୟରେ ଥିବା ଦେଖିବା ସ୍ୱପ୍ନ ନିରର୍ଥକ ହୋଇପାରେ " ।

ଏହି ନ୍ୟାୟାଳୟ **ଜି. ବି. ମହାଜନ ବନାମ ଜଲଗାଓଁ ମ୍ୟୁନିସିପାଲ କାଉନସିଲ**[28], **ଟାଟା ସେଲୁଲାର ବନାମ ଭାରତ ସଂଘ**[29], **ପଞ୍ଜାବ କମ୍ୟୁନିକେସନ ଲିମିଟେଡ ବନାମ ଭାରତ ସଂଘ**[30] ଏବଂ **ଭାରତ ସଂଘ ବନାମ ଇଣ୍ଟରନ୍ୟାସନାଲ ଟ୍ରେଡିଂ କୋ.**[31] ସହିତ **ୱେଡନେଶବରି କର୍ପୋରେସନ** (ଉପରୋକ୍ତ) ରେ ବିକଶିତ ପରୀକ୍ଷଣର ଲିହଣ ଉପରେ କାର୍ଯ୍ୟନିର୍ବାହୀ କାର୍ଯ୍ୟାନୁଷ୍ଠାନର ବୈଧତାକୁ ମୂଲ୍ୟାଙ୍କନ କରିଛନ୍ତି ।

---

[27] [୧୯୪୮] ୧ କୋ ବି. ୨୨୩
[28] (୧୯୯୧) ୩ ଏସ ସି ସି ୯୧
[29] (୧୯୯୪) ୬ ଏସ ସି ସି ୬୫୧
[30] (୧୯୯୯) ୪ ଏସ ସି ସି ୭୨୭
[31] (୨୦୦୩) ୫ ଏସ ସି ସି ୪୩୭

୭୬. ଓଏଟି ଉଚ୍ଛେଦ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିର କାରଣ 'ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ ଉଚ୍ଛେଦ' ବିଷୟବସ୍ତୁ ସହିତ 'ଯୌକ୍ତିକତା ସୂଚାଉଥିବା ଏକ ଟିପ୍ପଣୀ' ନାମକ ଦସ୍ତାବିଜରେ ଲିପିବଦ୍ଧ କରାଯାଇଛି । ଏହି ଟିପ୍ପଣୀ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ସେପ୍ଟେମ୍ବର ୧୬, ୨୦୧୫ ତାରିଖରେ ପ୍ରସ୍ତୁତ କରାଯାଇଥିଲା । ଟିପ୍ପଣୀର ପ୍ରାସଙ୍ଗିକ ଅଂଶ ନିମ୍ନରେ ଦିଆଗଲା :

> "୧. ପୃଷ୍ଠଭୂମି
>
> ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ ଭାରତ ସରକାରଙ୍କ ଦ୍ୱାରା ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ୧୯୮୫ ଅଧୀନରେ ୧୪ ଜୁଲାଇ, ୧୯୮୬ ରେ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ଓଏଟି) ପ୍ରତିଷ୍ଠା କରାଯାଇଥିଲା । ଏହି ଅଧିନିୟମ ଅଧୀନରେ ନ୍ୟାୟାଧିକରଣର ମଧ୍ୟ ଉଚ୍ଚ ନ୍ୟାୟାଳୟ ଭଳି ଅଧିକାରିତା କ୍ଷେତ୍ର ରହିବାର ଥିଲା । **ଆବେଦନକାରୀମାନଙ୍କୁ ସେମାନଙ୍କ ଅଭିଯୋଗର ସମାଧାନ ଲାଗି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାର ଆବଶ୍ୟକତାରୁ ମୁକ୍ତ କରାଯିବାର ଥିଲା** । ଉଚ୍ଚ ନ୍ୟାୟାଳୟ ପରିବର୍ତ୍ତେ ବ୍ୟଥିତ ସରକାରୀ କର୍ମଚାରୀମାନେ ନ୍ୟାୟାଧିକରଣରେ ଯାଇ ସେଠାରୁ ସିଧାସଳଖ ଉଚ୍ଚତମ ନ୍ୟାୟାଳୟକୁ ଯାଇପାରିବେ ।
>
> ୨. ଉଚ୍ଚତମ ନ୍ୟାୟାଳୟର ଐତିହାସିକ ରାୟ (୧୮ ମାର୍ଚ୍ଚ, ୧୯୯୭)
>
> କିନ୍ତୁ, ଏଲ ଚନ୍ଦ୍ର କୁମାର (୧୯୯୭) ମାମଲାରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ନ୍ୟାୟାଧିକରଣର ଆଦେଶ ବିରୋଧରେ ପୀଡ଼ିତ ପକ୍ଷମାନେ ଉଚ୍ଚତମ ନ୍ୟାୟାଳୟରେ ଅପିଲ କରିପାରିବେ ବୋଲି ଏହି ଅଧିନିୟମର ବ୍ୟବସ୍ଥା ଅସାମ୍ବିଧାନିକ ହେଲା .. **ଏହା କୁହା ଯାଇଥିଲା ଯେ ନ୍ୟାୟାଧିକରଣ ଆଦେଶରେ ଅସନ୍ତୁଷ୍ଟ ହୋଇଥିବା ପକ୍ଷ ମାନେ ଉଚ୍ଚତମ ନ୍ୟାୟାଳୟ ଯିବା ପୂର୍ବରୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଯାଇପାରନ୍ତି ..**
>
> ୩. ଉଚ୍ଚତମ ନ୍ୟାୟାଳୟଙ୍କ ରାୟର ପ୍ରଭାବ
>
> ଉଚ୍ଚତମ ନ୍ୟାୟାଳୟଙ୍କ ଐତିହାସିକ ରାୟର ପରିଣାମ ସ୍ୱରୂପ, ସରକାରୀ କର୍ମଚାରୀମାନଙ୍କୁ ଶୀଘ୍ର ରାୟ ପ୍ରଦାନ କରିବା ଲାଗି ନ୍ୟାୟାଧିକରଣ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ପରାଜିତ ହୋଇଥିଲା ଏବଂ ଅନେକ ରାଜ୍ୟ ଅନୁଭବ କରିଥିଲେ ଯେ ନ୍ୟାୟାଧିକରଣ ର ଅସ୍ତିତ୍ୱ ବ୍ୟର୍ଥ ହୋଇଯାଇଛି" ।
>
> (ଗୁରୁତ୍ୱ ପ୍ରଦାନ କରାଯାଇଛି)

ଓଏଟି ଉଚ୍ଛେଦ କରିବାକୁ ଅନୁରୋଧ କରି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଏହାଙ୍କ

୨୦୧୫ ସେପ୍ଟେମ୍ବର ୧୬ ତାରିଖର ଚିଠିରେ ଏହି ଟିପ୍ପଣୀ କୁ ସଂଲଗ୍ନ କରିଥିଲେ । ଚିଠିର ପ୍ରାସଙ୍ଗିକ ଉଦ୍ଧୃତାଂଶ ନିମ୍ନରେ ଦିଆଗଲା:

> "ସୂଚନାଯୋଗ୍ୟ ଯେ, ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ୧୪.୦୭.୧୯୮୬ ପରଠାରୁ ଓଡ଼ିଶାରେ କାର୍ଯ୍ୟ କରୁଛି । ବିଶେଷ କରି ୧୯୯୭ ର **ଏଲ ଚନ୍ଦ୍ର କୁମାର** ମାମଲାରେ ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେବା ପରେ ନ୍ୟାୟାଧିକରଣ ନିଜର ମୂଳ ଉଦ୍ଦେଶ୍ୟ ପୂରଣ କରିବାରେ ସକ୍ଷମ ହୋଇପାରିନାହିଁ ବୋଲି ଓଡ଼ିଶା ସରକାର ମତ ପୋଷଣ କରିଛନ୍ତି । **ଏହି ରାୟ ଫଳରେ ରାଜ୍ୟ ସରକାରୀ କର୍ମଚାରୀଙ୍କ ଅଭିଯୋଗ ଶୀଘ୍ର ସମାଧାନ ପାଇଁ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ) ର ଉଦ୍ଦେଶ୍ୟ ପୂରଣ ହୋଇପାରିନାହିଁ, ଯେହେତୁ ଯେ କୌଣସି ପ୍ରକାରେ ପୀଡ଼ିତ ପକ୍ଷଙ୍କୁ ଚୂଡ଼ାନ୍ତ ରାୟ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଯିବାକୁ ପଡୁଛି ।**
>
> ଏହାକୁ ଧ୍ୟାନରେ ରଖି ଓଡ଼ିଶା ସରକାର ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ ଉଚ୍ଛେଦ କରିବା ଲାଗି ଭାରତ ସରକାରଙ୍କୁ ସୁପାରିଶ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତିରେ ପହଞ୍ଚିବା ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଯୌକ୍ତିକତାକୁ ସୂଚାଉଥିବା ଏକ ଟିପ୍ପଣୀ ଆପଣଙ୍କ ତତକ୍ଷଣାତ ପ୍ରସଙ୍ଗ ସୂଚନା ପାଇଁ ଏଠାରେ ସଂଲଗ୍ନ କରାଯାଇଛି" ।
>
> (ଗୁରୁତ୍ୱ ପ୍ରଦାନ କରାଯାଇଛି)

୭୭. ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଦସ୍ତାବିଜରେ ଓଏଟି ଉଚ୍ଛେଦ ସହିତ ଜଡ଼ିତ ସମାନ କାରଣ ଗୁଡିକ ଲିପିବଦ୍ଧ ହୋଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଭଳି ଏକ ବିକଳ୍ପ ମଞ୍ଚ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଓଏଟି ପ୍ରତିଷ୍ଠା କରିବାକୁ ଅନୁରୋଧ କରିଥିଲେ ରାଜ୍ୟ ସରକାର ଏକ ମାଲିମକଦ୍ଦମା ଢାଞ୍ଚାର ପରିକଳ୍ପନା କରିଥିଲେ, ଯେଉଁଥିରେ ଓଏଟି ଠାରୁ ଅପିଲ ସିଧାସଳଖ ସର୍ବୋଚ୍ଚ ନ୍ୟାୟାଳୟକୁ ଯିବ ଏବଂ ଉଚ୍ଚ ନ୍ୟାୟାଳୟକୁ ପ୍ରଥମ ପର୍ଯ୍ୟାୟ ନ୍ୟାୟାଳୟ ଏବଂ ଅପିଲ ମଞ୍ଚ ଭାବେ ବାଦ ଦିଆଯିବ । ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣରେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଅଧୀନରେ ମାଲିମୋକଦ୍ଦମାର ଢାଞ୍ଚା ଏହା ସୁନିଶ୍ଚିତ କରିବ ଯେ ବିବାଦର ଅନ୍ତିମ ନିର୍ଣ୍ଣୟ ଅଧିକରୁ ଅଧିକ **ଦୁଇଟି** ପର୍ଯ୍ୟାୟରେ ହୋଇପାରିବ । ପରନ୍ତୁ, **ଏଲ ଚନ୍ଦ୍ର କୁମାର** (ଉପରୋକ୍ତ)ଙ୍କ ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ଥିଲା ଯେ ଉଚ୍ଚ ନ୍ୟାୟାଳୟର ଅଧିକାରିତା କ୍ଷେତ୍ରକୁ ଛଡ଼ାଯାଇପାରିବ ନାହିଁ । ଏହାର ଫଳସ୍ୱରୂପ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଅଧୀନରେ ପ୍ରଥମେ ଓଏଟି ଆଗରେ, ପରେ ଉଚ୍ଚ

ନ୍ୟାୟାଳୟ ଆଗରେ ଏବଂ ସର୍ବୋପରେ ସର୍ବୋଚ୍ଚ ନ୍ୟାୟାଳୟରେ, ଏହିପରି **ତିନିଟି** ସ୍ତରର ମାମଲା ସୃଷ୍ଟି ହୋଇଥିଲା । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ମତ ଥିଲା ଯେ ଅତିରିକ୍ତ ଅଭିଯୋଗ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି "ଅଭିଯୋଗର ଶୀଘ୍ର ସମାଧାନ" ଆଉ ସମ୍ଭବ ନଥିଲା । ଏହା ମତ ଥିଲା ଯେ ଓଏଟି ପ୍ରତିଷ୍ଠା କରିବାର କାରଣ ଆଉ ବଞ୍ଚି ନାହିଁ ।

୭୮. ଆବେଦନକାରୀମାନେ ଯୁକ୍ତି ବାଢିଛନ୍ତି ଯେ ରାଜ୍ୟ ସରକାର **ଏଲ. ଚନ୍ଦ୍ର କୁମାର** (ଉପରୋକ୍ତ) ନିଷ୍ପତ୍ତିକୁ ଭୁଲ ବ୍ୟାଖ୍ୟା କରିଛନ୍ତି । ଓଏଟି ଉଚ୍ଛେଦ କରାଗଲେ ମଧ୍ୟ ମକଦ୍ଦମା ସ୍ତର ସଂଖ୍ୟା ସମାନ ରହିବ ଏବଂ ସେଥିପାଇଁ ଓଏଟି ଉଚ୍ଛେଦ କରାଯିବା ଦ୍ୱାରା କୌଣସି ଲାଭ ମିଳିପାରିବ ନାହିଁ ବୋଲି ସେମାନେ ଦର୍ଶାଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଓଏଟି ନିକଟରେ ମାମଲା ଦାୟର କରିବା ଏବଂ ଧାରା ୨୨୬ ଅଧୀନରେ ଉଚ୍ଚ ନ୍ୟାୟାଳୟର ଏକ ଦୁଇ ଜଣିଆ ଖଣ୍ଡପୀଠ ନିକଟରେ ଆବେଦନ କରିବା ଏବଂ ଧାରା ୧୩୬ ଅଧୀନରେ ଉଚ୍ଚତମ ନ୍ୟାୟାଳୟରେ ଏକ ସ୍ୱତନ୍ତ୍ର ଅନୁମତି ଆବେଦନ କରିବା ପରିବର୍ତ୍ତେ ସେମାନେ ସିଧାସଳଖ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ମାମଲା ଦାୟର କରିବେ । ଏହା ଏକକ ନ୍ୟାୟାଧୀଶଙ୍କ ଦ୍ୱାରା ଶୁଣାଣି କରାଯିବ ଏବଂ ପକ୍ଷମାନଙ୍କ ପାଖରେ ଉଚ୍ଚ ନ୍ୟାୟାଳୟଙ୍କ ଏକ ଦୁଇଜଣିଆ ଖଣ୍ଡପୀଠରେ ରିଟ ଅପିଲ କରିବାର ସୁଯୋଗ ରହିବ ଏବଂ ଏହି ନ୍ୟାୟାଳୟରେ ଆଉ ଏକ ଆହ୍ୱାନ ରହିବାର ସୁଯୋଗ ରହିବ । ତେଣୁ, ଯେକୌଣସି ମଞ୍ଚରେ ନ୍ୟାୟିକ ପ୍ରକ୍ରିୟା ସଞ୍ଚାଳନ କଲେବି ମକଦ୍ଦମାରେ ତିନୋଟି ପର୍ଯ୍ୟାୟ ରହିବ । ଆବେଦନକାରୀମାନେ ଏହା ମଧ୍ୟ ଯୁକ୍ତି ବାଢିଛନ୍ତି ଯେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିଜେ ବହୁ ସଂଖ୍ୟାରେ ବିଚାରାଧୀନ ମାମଲା ଦ୍ୱାରା ଭାରାକ୍ରାନ୍ତ ରହିଛନ୍ତି ଏବଂ ଏହାର କାର୍ଯ୍ୟଭାର ବୃଦ୍ଧି ଦ୍ୱାରା ମାମଲାର ଫଇସଲା କରିବାରେ ଦକ୍ଷତା ଆସିବ ନାହିଁ ।

୭୯. ଏହା ରାଜ୍ୟ ସରକାରଙ୍କ ପ୍ରାମାଣିକ ନିର୍ଣ୍ଣୟ ନଥିଲା ଯେ **ଏଲ. ଚନ୍ଦ୍ର କୁମାର** (ଉପରୋକ୍ତ) ଙ୍କ ନିଷ୍ପତ୍ତି କାରଣରୁ ଏହା ଓଏଟି ଉଚ୍ଛେଦ କରିବାକୁ ବାଧ୍ୟ ହୋଇଥିଲେ କିମ୍ବା ଓଏଟି ଉଚ୍ଛେଦ କରାଗଲେ ମକଦ୍ଦମା ପର୍ଯ୍ୟାୟ ହ୍ରାସ ପାଇବ । ବରଂ, ରାଜ୍ୟ ସରକାର **ଏଲ. ଚନ୍ଦ୍ର କୁମାର** (ଉପରୋକ୍ତ)ଙ୍କ ନିଷ୍ପତ୍ତିର ପ୍ରଭାବକୁ ମୂଲ୍ୟାଙ୍କନ କରିଛନ୍ତି ଏହି ଉଦ୍ଦେଶ୍ୟରେ ଯେ ଓଏଟି ପ୍ରତିଷ୍ଠା ସହିତ ଏହା ହାସଲ କରିବାକୁ ଚାହୁଁଛି । ପ୍ରଶାସନିକ ନ୍ୟାୟାଧିକରଣ ସମେତ ନ୍ୟାୟାଧିକରଣ ଅନେକ କାରଣରୁ ପ୍ରତିଷ୍ଠା

କରାଯାଇପାରିବ । ଓଏଟି ପ୍ରତିଷ୍ଠା କରିବା ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ସମ୍ଭାବ୍ୟ କିମ୍ବା ସୈଦ୍ଧାନ୍ତିକ ଭାବେ ପ୍ରଭାବ ପକାଇଥିବା ସମସ୍ତ କାରଣ ପ୍ରାସଙ୍ଗିକ ନୁହେଁ । କେବଳ ରାଜ୍ୟ ସରକାରଙ୍କ ଓଏଟି ପ୍ରତିଷ୍ଠା କରିବାର ପ୍ରକୃତ କାରଣ **ଏଲ୍. ଚନ୍ଦ୍ର କୁମାରଙ୍କ ମାମଲା** (ଉପରୋକ୍ତ)ର ଭୁଲ ବୁଝାମଣା ହୋଇଛି କି ନାହିଁ ତାହା ବିଚାର କରିବା ପାଇଁ ପ୍ରାସଙ୍ଗିକ । ତ୍ୱରିତ ନ୍ୟାୟ ହାସଲ ପାଇଁ ଓଏଟି ପ୍ରତିଷ୍ଠା ରାଜ୍ୟ ସରକାରଙ୍କ ମତଲବ ଥିଲା । (ସରକାରଙ୍କ ମତରେ) ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରଣ ହେଲା ମାମଲାର **ଏକ ସ୍ତରକୁ ଉଚ୍ଛେଦ** କରିବା । ରାଜ୍ୟ ସରକାରଙ୍କ ମତ ଥିଲା ଯେ ଓଏଟି ଗଠନ ଦ୍ୱାରା ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ହେବାର ଉଦ୍ଦେଶ୍ୟ ପୂରଣ ହେବନାହିଁ କାରଣ ମକଦ୍ଦମାର ଏକ ପର୍ଯ୍ୟାୟର ଉଚ୍ଛେଦ ଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ କୌଣସି ସୁଧାର ଆସିନାହିଁ।

୮୦. ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ଓଏଟି ମାମଲା ସ୍ଥାନାନ୍ତର କରାଗଲେ ଉଚ୍ଚ ନ୍ୟାୟାଳୟର ବିଚାରାଧୀନ ମାମଲାର ସଂଖ୍ୟା ବୃଦ୍ଧି ପାଇବ, ସେଭଳି ନିବେଦନ ସମ୍ବନ୍ଧରେ ରାଜ୍ୟ ସରକାର ଆଇନ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ମଧ୍ୟରେ ନ୍ୟାୟ ବିତରଣ ବ୍ୟବସ୍ଥା ଗଠନ କରିବାକୁ ହକଦାର । ଏହାର ନିଷ୍ପତ୍ତିକୁ କେବଳ ସେତେବେଳେ ରଦ୍ଦ କରାଯାଇପାରିବ ଯେତେବେଳେ ଏହା ଅସାମ୍ବିଧାନିକ କିମ୍ବା ଆଇନ ର ପ୍ରାଧିକାର ବିନା ହେବ ।

୮୧. **ଏଲ. ଚନ୍ଦ୍ରକୁମାର** (ଉପରୋକ୍ତ) ମାମଲା ନିଷ୍ପତ୍ତିର ପ୍ରଭାବ ସହିତ ରାଜ୍ୟ ସରକାର ଓଏଟି ର କାର୍ଯ୍ୟକାରିତା ସହିତ ଜଡ଼ିତ ଅନ୍ୟାନ୍ୟ କାରଣକୁ ବିଚାର କଲେ । ୨୦୧୫ ସେପ୍ଟେମ୍ବର ୧୬ ତାରିଖରେ ଜାରି ହୋଇଥିବା ଏକ ପତ୍ରରେ ରାଜ୍ୟ ସରକାର ଓଏଟି ଉଚ୍ଛେଦ କରିବା ପାଇଁ ଅନ୍ୟ କାରଣ ଦର୍ଶାଇଛନ୍ତି :

> ଓଏଟି ଉପରେ ସରକାର ଏକ ଉଲ୍ଲେଖନୀୟ ବ୍ୟୟ ବହନ କରୁଛନ୍ତି, ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି:
>
> ସାରଣୀ ୧ :ଓଏଟି ପାଇଁ ଯୋଜନା ଓ ଅଣଯୋଜନା ବ୍ୟବସ୍ଥା (ଲକ୍ଷ ଟଙ୍କାରେ)

| ବ୍ୟୟ ଶୀର୍ଷକ | ୨୦୧୪-୧୫ | ୨୦୧୫-୧୬ |
|---|---|---|
| ଯୋଜନା | ୨୦୫.୫୯ | ୨୦୦ |
| ଅଣ ଯୋଜନା | ୬୧୬.୨୪ | ୬୯୭.୬୯ |
| ସମୁଦାୟ | ୮୨୧.୮୩ | ୮୯୭.୬୯ |

ନିମ୍ନଲିଖିତ ସାରଣୀ ୨୦୧୪ ଜାନୁଆରୀରୁ ୨୦୧୪ ଡିସେମ୍ବର ପର୍ଯ୍ୟନ୍ତ ମାସ ୱାରୀ ଓଏଟି ଏବଂ ଏମପି ମାମଲା ଗୁଡ଼ିକର ଦାୟର ଏବଂ ଫଇସଲା ଦର୍ଶାଉଛି ।

ସାରଣୀ ୨: ୨୦୧୪ ବର୍ଷ ପାଇଁ ମାମଲାର ଦାୟର, ଫଇସଲା, ବିଚାରାଧୀନତା

| କ୍ରମିକ ସଂଖ୍ୟା | ମାସ | ଆଗକୁ ବଢ଼ାଗଲା | | ମାସ ମଧ୍ୟରେ ଦାଖଲ | | ମାସ ମଧ୍ୟରେ ଫଇସଲା | | ମାସ ଶେଷରେ ବିଚାରାଧୀନ ମାମଲା | |
|---|---|---|---|---|---|---|---|---|---|
| | | ଓ ଏ ମାମଲା | ବିବିଧ ପ୍ରାର୍ଥନା | ଓ ଏ ମାମଲା | ବିବିଧ ପ୍ରାର୍ଥନା | ଓ ଏ ମାମଲା | ବିବିଧ ପ୍ରାର୍ଥନା | ଓ ଏ ମାମଲା | ବିବିଧ ପ୍ରାର୍ଥନା |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧ | ଜାନୁଆରୀ, ୧୪ | ୨୮୭୧୨ | ୧୮୯୦୭ | ୭୪୭ | ୩୩୭ | ୭୯୦ | ୯୩ | ୨୮୬୬୯ | ୧୯୧୫୧ |
| ୨ | ଫେବୃୟାରୀ,୧୪ | ୨୮୬୬୯ | ୧୯୧୫୧ | ୬୭୧ | ୩୫୯ | ୫୪୩ | ୧୨୭ | ୨୮୭୯୭ | ୧୯୩୮୩ |
| ୩ | ମାର୍ଚ୍ଚ, ୧୪ | ୨୮୭୯୭ | ୧୯୩୮୩ | ୭୭୪ | ୫୫୧ | ୬୪୨ | ୧୬୭ | ୨୮୯୨୯ | ୧୯୭୬୭ |
| ୪ | ଏପ୍ରିଲ, ୧୪ | ୨୮୯୨୯ | ୧୯୭୬୭ | ୪୧୭ | ୨୩୪ | ୪୬୧ | ୯୧ | ୨୮୮୮୫ | ୧୯୯୧୦ |
| ୫ | ମେ, ୧୪ | ୨୮୮୮୫ | ୧୯୯୧୦ | ୬୫୩ | ୩୦୬ | ୭୧୮ | ୮୨ | ୨୮୮୨୦ | ୨୦୧୩୪ |
| ୬ | ଜୁନ, ୧୪ | ୨୮୮୨୦ | ୨୦୧୩୪ | ୪୨୬ | ୧୫୫ | ୩୯୩ | ୬୩ | ୨୮୮୫୩ | ୨୦୨୨୬ |
| ୭ | ଜୁଲାଇ, ୧୪ | ୨୮୮୫୩ | ୨୦୨୨୬ | ୬୮୭ | ୫୬୨ | ୪୪୨ | ୧୩୨ | ୨୯୦୯୮ | ୨୦୬୫୬ |
| ୮ | ଅଗଷ୍ଟ, ୧୪ | ୨୯୦୯୮ | ୨୦୬୫୬ | ୮୩୨ | ୪୭୪ | ୩୦୨ | ୧୪୨ | ୨୯୬୨୮ | ୨୦୯୮୮ |
| ୯ | ସେପ୍ଟେମ୍ବର,୧୪ | ୨୯୬୨୮ | ୨୦୯୮୮ | ୧୧୭୩ | ୪୮୬ | ୫୫୨ | ୯୯ | ୩୦୨୪୯ | ୨୧୩୭୫ |
| ୧୦ | ଅକ୍ଟୋବର, ୧୪ | ୩୦୨୪୯ | ୨୧୩୭୫ | ୫୩୧ | ୨୭୧ | ୩୭୦ | ୪୪ | ୩୦୪୧୦ | ୨୧୬୦୨ |
| ୧୧ | ନଭେମ୍ବର, ୧୪ | ୩୦୪୧୦ | ୨୧୬୦୨ | ୯୦୮ | ୩୮୬ | ୪୬୮ | ୧୩୪ | ୩୦୮୫୦ | ୨୧୮୫୪ |
| ୧୨ | ଡିସେମ୍ବର, ୧୪ | ୩୦୮୫୦ | ୨୧୮୫୪ | ୧୧୪୧ | ୭୪୨ | ୪୩୬ | ୧୨୬ | ୩୧୮୨୦ | ୨୨୫୧୪ |
| | ସମୁଦାୟ | | | ୮୯୬୦ | ୪୮୬୩ | ୬୧୧୭ | ୧୩୦୦ | | |

ସାରଣୀ-୨ ରେ ଦର୍ଶାଯାଇଛି ଯେ ୨୦୧୪ ପ୍ରାରମ୍ଭରେ ୪୭,୬୧୯ ମାମଲା ବିଚାରାଧୀନ ଥିଲା । ୨୦୧୪ ମସିହାରେ ୭୪୧୭ ଟି ମାମଲାର ଫଇସଲା କରାଯାଇଥିଲା ଏବଂ ୧୩,୮୨୩ ଟି ନୂଆ ମାମଲା ରୁଜୁ କରାଯାଇଥିଲା ।୨୦୧୪ ମସିହା ଶେଷ ବେଳକୁ ବିଚାରାଧୀନ ରହିଥିବା ମାମଲାର ସଂଖ୍ୟା ୫୪,୩୩୪ କୁ ବୃଦ୍ଧି ପାଇଛି .. ଏକ ଆନୁଷ୍ଠାନିକ କ୍ରିୟାବିଧି ଭାବରେ ନ୍ୟାୟାଧିକରଣ ତ୍ୱରିତ ନିଷ୍ପତ୍ତି ପ୍ରଦାନ କରିବାରେ ସମର୍ଥ ହୋଇନଥିବା ପରି ମନେହୁଏ ..”

(ମୂଳ ତଥ୍ୟକୁ ଗୁରୁତ୍ୱ)

ତେଣୁ ରାଜ୍ୟ ସରକାର କେବଳ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ହେଉଥିବା ଅତିରିକ୍ତ ମକଦ୍ଦମା ପର୍ଯ୍ୟାୟ ପାଇଁ ଚିନ୍ତିତ ନଥିଲେ ବରଂ ଓଏଟି ପରିଚାଳନା ପାଇଁ ହେଉଥିବା ଖର୍ଚ୍ଚ ଏବଂ ଓଏଟି ମାମଲାଗୁଡ଼ିକର ସମାଧାନ ହାର ପାଇଁ ମଧ୍ୟ ଚିନ୍ତିତ ଥିଲେ । ଏହି ସମସ୍ତ କାରଣଗୁଡିକ ଓଏଟି ଉଚ୍ଛେଦ କରିବା ଲାଗି ପ୍ରବର୍ତ୍ତାଇଥିଲା ।

୮୨. ଉପରୋକ୍ତ ଆଲୋଚନାରୁ ନିମ୍ନଲିଖିତ ନିଷ୍କର୍ଷ ପ୍ରକଟ ହୁଏ :

କ. ଓଏଟି ଉଚ୍ଛେଦ ନିଷ୍ପତ୍ତିରେ ଉପନୀତ ହେବା ସମୟରେ ରାଜ୍ୟ ସରକାର ପ୍ରାସଙ୍ଗିକ କାରଣଗୁଡିକ ଉପରେ ବିଚାର କରିଥିଲେ । ଏହା ବିଚାରକୁ ନିଆଯାଇଥିଲା ଯେ **ଏଲ.**

**ଚନ୍ଦ୍ର କୁମାର** (ପୂର୍ବୋକ୍ତ) ଙ୍କ ନିଷ୍ପତ୍ତି ପରେ ଓଏଟି ଯେଉଁ ଉଦ୍ଦେଶ୍ୟ ପାଇଁ ସ୍ଥାପିତ ହୋଇଥିଲା ତାହା ପୂରଣ କରିବାରେ ସମର୍ଥ କି ନାହିଁ । ଏଥିରେ ଓଏଟି ପରିଚାଳନା ପାଇଁ ହେଉଥିବା ଖର୍ଚ୍ଚ ଏବଂ ମାମଲାଗୁଡ଼ିକର ଫଇସଲା ହାର ସଂତୁଳନରେ ରଖାଯାଇଛି । ଏକ ନ୍ୟାୟାଧିକରଣକୁ ଜାରି ରଖିବା ଉଚିତ କି ନୁହେଁ, ତାହା ନିର୍ଣ୍ଣୟ କରିବା ପାଇଁ ଏହି କାରଣଗୁଡ଼ିକ ଅପ୍ରାସଙ୍ଗିକ ନଥିଲା ;

ଖ) ଓଏଟି ଉଚ୍ଛେଦ କରିବା ପୂର୍ବରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସହ ପରାମର୍ଶ (କେନ୍ଦ୍ର ସରକାରଙ୍କ ଅନୁରୋଧ କ୍ରମେ) କରିବା ରାଜ୍ୟ ସରକାରଙ୍କ କାର୍ଯ୍ୟ ଅପ୍ରାସଙ୍ଗିକ କିମ୍ବା ଅସଙ୍ଗତ ନୁହେଁ । ଓଏଟି ସମ୍ମୁଖରେ ଥିବା ମାମଲାର ଶୁଣାଣି ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରାଯିବାର ଥିଲା ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ମତ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ସହ ପ୍ରାସଙ୍ଗିକ ଥିଲା ;

ଗ) ରାଜ୍ୟ ସରକାର ନିଜର ନିଷ୍ପତ୍ତି ପାଇଁ ଅପ୍ରାସଙ୍ଗିକ କିମ୍ବା ବାହ୍ୟ କାରଣକୁ ବିବେଚନା କରିନଥିଲେ ; ଏବଂ

ଘ. ଓଏଟି ଉଚ୍ଛେଦ କରିବାର ନିଷ୍ପତ୍ତି ଏତେ ଅଯୌକ୍ତିକ ନଥିଲା ଯେ କୌଣସି ବିଚାରବନ୍ତ ବ୍ୟକ୍ତି କିମ୍ବା କର୍ତ୍ତୃପକ୍ଷ ଏପରି ନିର୍ଣ୍ଣୟ ନେଇପାରିବେ ନାହିଁ । ନ୍ୟାୟାଧିକରଣକୁ ଉଚ୍ଛେଦ କରିବାର ନିର୍ଣ୍ଣୟ, ଯାହା ସରକାର ପ୍ରାସଙ୍ଗିକ କାରଣଗୁଡ଼ିକର ବିଶ୍ଳେଷଣ ଆଧାରରେ ପ୍ରତିଷ୍ଠା କରିଥିଲେ, ତାହା କଳ୍ପନାରେ ସୁଧା ଅବୈଧ କିମ୍ବା ଅଯୌକ୍ତିକ ନିଷ୍ପତ୍ତି ନୁହେଁ ।

୮୩. ଏହି ନ୍ୟାୟାଳୟ **ଏମପିଏଟି ଉଚ୍ଛେଦ ମାମଲା**(ଉପରୋକ୍ତ)ରେ ସମାନ ଉପସଂହାର ପ୍ରଦାନ କରିଛନ୍ତି । ସେହି ମାମଲାରେ ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ଏମପିଏଟି ଉଚ୍ଛେଦ କରିବାର ନିଷ୍ପତ୍ତି ସ୍ୱେଚ୍ଛାକୃତ, ଅଯୌକ୍ତିକ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୪ ର ଉଲ୍ଲଂଘନ କରୁଛି । ଏହି ନ୍ୟାୟାଳୟ ନିମ୍ନୋକ୍ତ ପରିପ୍ରେକ୍ଷୀରେ ସେମାନଙ୍କ ତର୍କକୁ ଅସ୍ୱୀକାର କରିଥିଲେ :

> "୫୭. .. କେନ୍ଦ୍ର ସରକାରଙ୍କ ଦ୍ୱାରା ୧୯୮୮ ରେ ଏହି ଅଧିସୂଚନା ଜାରି କରାଯାଇଥିଲା ଏବଂ ମଧ୍ୟପ୍ରଦେଶ ରାଜ୍ୟ ପାଇଁ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ପ୍ରତିଷ୍ଠା କରାଯାଇଥିଲା । ସେହି ସମୟରେ, ସୁପ୍ରତିଷ୍ଠିତ ଆଇନଗତ ସ୍ଥିତି ଅନୁଯାୟୀ, ୧୯୮୫ ଅଧିନିୟମ ଅଧୀନରେ ଗଠିତ ପ୍ରଶାସନିକ ନ୍ୟାୟାଧିକରଣଗୁଡ଼ିକ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତି ସମ୍ବିଧାନର ଧାରା ୧୩୬

> ଅଧୀନରେ ଏହି ନ୍ୟାୟାଧିକରଣ ଅଧିକାରିତା କ୍ଷେତ୍ରର ବଶବର୍ତ୍ତୀ ରହି ଅନ୍ତିମ ଥିଲା । ଯଦି *ଏଲ. ଚନ୍ଦ୍ର କୁମାର* [(୧୯୯୭)୩ ଏସସିସି ୨୬୧:୧୯୯୭ ଏସସିସି (ଏଲ ଆଣ୍ଡ ଏସ) ୫୭୭: ଏଆଇଆର ୧୯୯୭ ଏସସି୧୧୨୫] ମାମଲାରେ ଆଇନର ପରବର୍ତ୍ତୀ ବିକାଶକୁ ଦୃଷ୍ଟିରେ ରଖି ମଧ୍ୟପ୍ରଦେଶ ରାଜ୍ୟ ଅନୁଭବ କଲେ ଯେ ନ୍ୟାୟିକ ପ୍ରଶାସନରେ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣର ନିରନ୍ତରତା ଆହୁରି ଏକ ପର୍ଯ୍ୟାୟ ହେବ, ଯେପରି ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ଏକ ନିଷ୍ପତ୍ତି ପରେ ଅସନ୍ତୁଷ୍ଟ ପକ୍ଷ ସମ୍ବିଧାନର ଅନୁଚ୍ଛେଦ ୨୨୬/୨୨୭ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇପାରନ୍ତି, ତେଣୁ, ଏହା ଅନୁଭବ ହେଲା ଯେ ଏହିପରି ନ୍ୟାୟାଧିକରଣ ବଳବତ୍ତର ରଖିବା ଉଚିତ ନୁହେଁ, ତାହା ଆମ ମତରେ ମନମୁଖୀ, ଅଯୌକ୍ତିକ କିମ୍ବା ଅନୁଚିତ ନିଷ୍ପତ୍ତି କୁହାଯାଇ ପାରିବ ନାହିଁ । ମଧ୍ୟପ୍ରଦେଶ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ହୋଇଥିବା ପତ୍ର ବିନିମୟ ଏବଂ ଜବାବି ସତ୍ୟପାଠରୁ ଏହା ସ୍ପଷ୍ଟ ଯେ ଏଲ ଚନ୍ଦ୍ର କୁମାର [(୧୯୯୭) ୩ ଏସସିସି ୨୬୧:୧୯୯୭ଏସସିସି (ଏଲ ଆଣ୍ଡ ଏସ) ୫୭୭: ଏଆଇଆର ୧୯୯୭ ଏସସି୧୧୨୫] ମାମଲାରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ ଦ୍ୱାରା ମଧ୍ୟପ୍ରଦେଶ ସରକାର ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ଉଚ୍ଛେଦ କରିବା ଲାଗି ବିଚାର କରିଥିଲେ । ଆମ ମତରେ ଏହିପରି ବିଚାର ପ୍ରାସଙ୍ଗିକ, ଉପଯୁକ୍ତ ଏବଂ ବୈଧ ଥିଲା" ।

ଏମପିଏଟି ଉଚ୍ଛେଦ କରିବାର ନିଷ୍ପତ୍ତି ଓଏଟି ଉଚ୍ଛେଦ କରିବାର ନିଷ୍ପତ୍ତି ପରି ସମାନ ବିଚାର ଉପରେ ଆଧାରିତ ଥିଲା । ଏହି କାରଣରୁ, ଓଏଟି ଉଚ୍ଛେଦ ମନମୁଖୀ କିମ୍ବା ଅଯୌକ୍ତିକ ନୁହେଁ । ଏହା ସମ୍ବିଧାନର ଅନୁଚ୍ଛେଦ ୧୪ ର ଉଲ୍ଲଙ୍ଘନ କରେ ନାହିଁ ।

୮୪. **ୱେଡନେଶବରୀ କର୍ପୋରେସନ**(ଉପରୋକ୍ତ)ରେ ବ୍ୟକ୍ତ ପରୀକ୍ଷଣର ଆମର ପସନ୍ଦକୁ ବୁଝିବା ଉଚିତ ନୁହେଁ ଯେ ଅନୁଚ୍ଛେଦ ୧୪ ଅନୁଯାୟୀ କାର୍ଯ୍ୟନିର୍ବାହୀର ସାମ୍ବିଧାନିକ ବୈଧତା ପରୀକ୍ଷା କରିବାକୁ ଅନ୍ୟ କୌଣସି ମାନଦଣ୍ଡର ଉପଯୋଗ କରାଯାଇ ପାରିବନାହିଁ । **ଓମ୍ କୁମାର ବନାମ ଭାରତ ସଂଘ**[32] ଏବଂ **ତେରି ଓଟ ଇଷ୍ଟେଟ (ପି) ଲିମିଟେଡ ବନାମ ୟୁଟି, ଚଣ୍ଡିଗଡ଼**[33] ମାମଲାରେ କାର୍ଯ୍ୟ ନିର୍ବାହୀ କାର୍ଯ୍ୟାନୁଷ୍ଠାନର ବୈଧତାର ମୂଲ୍ୟାଙ୍କନ କରିବା ଲାଗି ଆନୁପାତିକତା ପରୀକ୍ଷା ବ୍ୟବହାର କରିବା ଲାଗି ପୂର୍ବରୁ ଏହି ଅଦାଲତ ଅନୁମୋଦନ କରିଥିଲେ । ଏହି ଆନୁପାତିକ ପରୀକ୍ଷଣ ଅନ୍ୟ ମାମଲାରେ ଲାଗୁ ହୋଇପାରେ ଯେଉଁଠି କାର୍ଯ୍ୟ ନିର୍ବାହୀ ହସ୍ତକ୍ଷେପ ଅଭିଯୋଗ ରହିଛି ।

---

[32] ଏ ଆଇ ଆର (୨୦୦୦) ଏସ ସି ୩୬୮୯

[33] (୨୦୦୪) ୨ ଏସ ସି ସି ୧୩୦

*ଖ. ପ୍ରାକୃତିକ ନ୍ୟାୟ ସିଦ୍ଧାନ୍ତକୁ ଉଲ୍ଲଂଘନ କରାଯାଇନାହିଁ*

୮୫. ଓଏଟି ଉଚ୍ଛେଦ ପୂର୍ବରୁ ଓଏଟି ଓକିଲ ସଂଘ ଏବଂ ଓଏଟି ନିକଟରେ ମକଦ୍ଦମାକାରୀଙ୍କୁ ଶୁଣିବା ପାଇଁ ସୁଯୋଗ ଦେବାରେ ବିଫଳ ହୋଇ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରାକୃତିକ ନ୍ୟାୟ ସିଦ୍ଧାନ୍ତକୁ ଉଲ୍ଲଂଘନ କରିଛନ୍ତି ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ସେମାନେ ଯୁକ୍ତି ରଖନ୍ତି ଯେ ଏହା ସମ୍ବିଧାନର ଅନୁଚ୍ଛେଦ ୧୪ କୁ ଉଲଂଘନ କରୁଛି ।

୮୬. ଓଏଟି ପ୍ରତିଷ୍ଠା, ଜାରି ରଖିବା କିମ୍ବା ଉଚ୍ଛେଦ କରିବାର ନିର୍ଣ୍ଣୟ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ଲାଗୁ କରାଯାଇଥିବା ନୀତି (ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଅଧୀନରେ କେନ୍ଦ୍ର ସରକାରଙ୍କ ସହିତ କାର୍ଯ୍ୟ) ର ସ୍ୱରୂପ ଅଟେ । ଏକ ନୀତି ପ୍ରଣୟନ ଏବଂ କାର୍ଯ୍ୟକାରୀ କରିବା ପୂର୍ବରୁ ଜନସାଧାରଣଙ୍କର ଶୁଣିବାକୁ ଅଧିକାର ନାହିଁ । ଜନସାଧାରଣ, ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହିତ ପରାମର୍ଶ ପ୍ରକ୍ରିୟା ବାଞ୍ଛନୀୟ ହୋଇପାରେ ଏବଂ ଏହା ଏକ ଭାଗୀଦାରୀଭିତ୍ତିକ ଗଣତନ୍ତ୍ର ସୁଗମ କରିବ । ତେବେ, ନୀତିଗତ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହେଉଥିବା ପ୍ରତ୍ୟେକ ସଦସ୍ୟଙ୍କୁ ଶୁଣାଣିର ସୁଯୋଗ ଦିଆଯାଇ ପାରିବ ନାହିଁ । ଏହା କେବଳ ସମୟସାପେକ୍ଷ ଏବଂ ବ୍ୟୟବହୁଳ ନୁହେଁ ବରଂ ଏହା ଅତ୍ୟନ୍ତ ଅବାସ୍ତବ ।

୮୭. ଭାରତ ଆଲୁମିନିୟମ କମ୍ପାନୀ ଲିମିଟେଡର ୫୧ ପ୍ରତିଶତ ଅଂଶଧନର ବିନିବେଶ ଏବଂ ହସ୍ତାନ୍ତର ଲାଗି ଭାରତ ସରକାରଙ୍କ ନିର୍ଣ୍ଣୟର ବୈଧତା ନେଇ ବାଲ୍କୋ କର୍ମଚାରୀ ସଂଘ (ପଞ୍ଜୀକୃତ) ବନାମ ଭାରତ ସଂଘ[34] ମାମଲା ସମ୍ପୃକ୍ତ । ଏହି ମାମଲାରେ ଆବେଦନକାରୀ (କମ୍ପାନୀର କର୍ମଚାରୀମାନଙ୍କ ସଂଘ) ଅନ୍ୟାନ୍ୟ ବିଷୟ ମଧ୍ୟରେ କହିଥିଲେ ଯେ ପୁଞ୍ଜି ପ୍ରତ୍ୟାହାର ପ୍ରକ୍ରିୟା ପୂର୍ବରୁ ଏବଂ ସମୟରେ ସଂଘ କର୍ମଚାରୀଙ୍କୁ ଶୁଣାଣି କରିବାର ଅଧିକାର ରହିଛି । ଏହି ନ୍ୟାୟାଳୟ ଅବଲୋକନ କରି ଏହି ତର୍କକୁ ଖାରଜ କରିଥିଲେ ଯେ :

> "୫୭. .. ଯେତେବେଳେ ସୁଶାସନ ଏବଂ ପ୍ରଶାସନ ଦୃଷ୍ଟିରୁ ନୀତିଗତ ନିଷ୍ପତ୍ତି ନିଆଯାଏ, ସେତେବେଳେ ଏହା ବାଞ୍ଛନୀୟ ଯେ ଦାୟର ହୋଇଥିବା କୌଣସି ଆବେଦନକୁ ବିଚାର କରିବା ସହିତ ବିସ୍ତୃତ ପରାମର୍ଶ ହେବା ଉଚିତ, କିନ୍ତୁ କୌଣସି ନୀତିଗତ ନିଷ୍ପତ୍ତି ନେବା ପୂର୍ବରୁ ଶୁଣାଣି ଆବଶ୍ୟକ ବୋଲି ଆଇନରେ

---

[34] (୨୦୦୨) ୨ ଏସ ସି ସି ୩୩୩

> କୌଣସି ବ୍ୟବସ୍ଥା ନାହିଁ । କାର୍ଯ୍ୟ ନିର୍ବାହୀ କ୍ଷମତାର ପ୍ରୟୋଗ କରି ସମାୟାନୁକ୍ରମେ ନୀତିଗତ ନିଷ୍ପତ୍ତି ନେବାକୁ ପଡ଼ିଥାଏ । ଯେତେବେଳେ କୌଣସି ନୀତିଗତ ନିଷ୍ପତ୍ତି ନିଆଯିବ ସେତେବେଳେ ପ୍ରଭାବିତ ଲୋକମାନଙ୍କୁ ଔପଚାରିକ ଶୁଣାଣି ଦେବା ଅସମ୍ଭବ ଏବଂ ଅବାସ୍ତବ ହେବ । ପ୍ରାକୃତିକ ନ୍ୟାୟ ସିଦ୍ଧାନ୍ତକୁ ପ୍ରୟୋଗ କରି ଶୁଣାଣି କରିବାର ଏକ ଉଦ୍ଦେଶ୍ୟ ହେଉଛି ଏହା ସୁନିଶ୍ଚିତ କରିବ ଯେ କୌଣସି ବେଆଇନ କାର୍ଯ୍ୟ କିମ୍ବା ନିଷ୍ପତ୍ତି ହେବନାହିଁ । ଏକ ଭୁଲ ଆଦେଶ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ପ୍ରତିକୂଳ ଭାବେ ପ୍ରଭାବିତ କରିପାରେ ଏବଂ ଏହି କାରଣରୁ ପ୍ରଶାସନିକ ଆଦେଶ ପାରିତ କରିବା ପୂର୍ବରୁ ଏକ ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ କରିବାକୁ ପଡ଼ିପାରେ । ତେବେ, ନୀତିଗତ ନିଷ୍ପତ୍ତି କ୍ଷେତ୍ରରେ ଏପରି କରିବା ଅବାସ୍ତବ ଏବଂ କେବେ କେବେ ଲୋକହିତ ବିରୋଧୀ ହୋଇଥାଏ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆଇନ ବିରୋଧୀ କୌଣସି ନୀତିଗତ ନିଷ୍ପତ୍ତିକୁ ଆହ୍ୱାନ କରାଯାଇ ପାରିବ ନାହିଁ । ଯଦି ଏକ ନିଷ୍ପତ୍ତି ଆଇନ କିମ୍ବା କୌଣସି ସାମ୍ବିଧାନିକ ବ୍ୟବସ୍ଥାର ବିରୋଧୀ ହେତୁ ଅନ୍ୟଥା ବେଆଇନ, ତେବେ ଶ୍ରମିକମାନଙ୍କ ଭଳି ପ୍ରଭାବିତ ବ୍ୟକ୍ତିମାନେ ଏହାକୁ ବିରୋଧ କରିପାରିବେ, କିନ୍ତୁ ପୂର୍ବ ନିର୍ଦ୍ଧାରିତ ଶୁଣାଣି ନକରିବା ନିଷ୍ପତ୍ତି ରଦ୍ଦ କରିବାର ଆଧାର ହୋଇପାରିବ ନାହିଁ" ।
>
> (ଗୁରୁତ୍ୱ ପ୍ରଦାନ କରାଯାଇଛି)

ଯଦିଓ **ବାଲ୍କୋ କର୍ମଚାରୀ ସଂଘ** (ପଞ୍ଜୀକୃତ) (ଉପରୋକ୍ତ) ର ନିଷ୍ପତ୍ତି ଆର୍ଥିକ ପ୍ରଭାବ ଥିବା ଏକ ନୀତିଗତ ନିଷ୍ପତ୍ତି ପରିପ୍ରେକ୍ଷୀରେ ନିଆଯାଇଛି, ଏହା ବର୍ତ୍ତମାନର ମାମଲାରେ ଲାଗୁ ହେବ । ସେହି ମାମଲାରେ ଦିଆଯାଇଥିବା ସିଦ୍ଧାନ୍ତ ଅନ୍ୟ ଶ୍ରେଣୀର ନୀତିଗତ ନିଷ୍ପତ୍ତି ଉପରେ ସମାନ ଭାବେ ଲାଗୁ ହୋଇଥାଏ । କାରଣ ନୀତିଗତ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ବର୍ଗର ପ୍ରତ୍ୟେକ ସଦସ୍ୟଙ୍କୁ ଶୁଣିବା ଅସମ୍ଭବ ।

୮୮. ନୀତି ନିର୍ଦ୍ଧାରଣ କିମ୍ବା କାର୍ଯ୍ୟାନ୍ୱୟନ ପୂର୍ବରୁ ଶୁଣାଣି ଅଧିକାରର ଅନୁପସ୍ଥିତିର ଅର୍ଥ ନୁହେଁ ଯେ ପ୍ରଭାବିତ ପକ୍ଷମାନେ ଆଇନର ଅଦାଲତରେ ନୀତିକୁ ଆହ୍ୱାନ କରିପାରିବେ ନାହିଁ । ଏହାର ଅର୍ଥ ହେଉଛି ଯେ କୌଣସି ନୀତିଗତ ନିର୍ଣ୍ଣୟକୁ ଏହି ଆଧାର ଉପରେ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ ଯେ ଏହା ଜନସାଧାରଣଙ୍କୁ (କିମ୍ବା ଏହାର କିଛି ଭାଗ) ଶୁଣିବାର ସୁଯୋଗ ପ୍ରଦାନ ନକରି ହୋଇଛି । ଯଦି କୌଣସି ନୀତି ସାମ୍ବିଧାନିକ ଅଧିକାରକୁ ହାନି କରୁଥାଏ କିମ୍ବା ଆଇନର ନିୟମକୁ ଭଙ୍ଗ କରିଥାଏ, ତେବେ ଏପରି ନୀତିକୁ ଆହ୍ୱାନ କରିବା ପୋଷଣୀୟ ହୋଇପାରେ ।

୮୯. ଉପରୋକ୍ତ ଆଲୋଚନା କରାଯାଇଥିବା କାରଣରୁ ଓଏଟି ଉଚ୍ଛେଦ ନିଷ୍ପତ୍ତିକୁ ପ୍ରାକୃତିକ ନ୍ୟାୟ ଉଲଂଘନ ବୋଲି କହି ପ୍ରତିହତ କରାଯାଇପାରିବ ନାହିଁ । ସମ୍ବିଧାନର ଅନୁଚ୍ଛେଦ ୧୪ ର କୌଣସି ଉଲ୍ଲଙ୍ଘନ କରାଯାଇ ନାହିଁ ।

*୬. <u>ଓଏଟି ପ୍ରତିଷ୍ଠା କରିବା ପରେ କେନ୍ଦ୍ର ସରକାର ଅଧିକାରହୀନ ହୋଇନଥିଲେ</u>*

୯୦. ପି. ରାମନାଥ ଆୟରଙ୍କ ଆଇନ ଅଭିଧାନ (୧୯୯୭ ସଂସ୍କରଣ) ରେ 'ଫଙ୍କ୍ଟସ ଅଫିସିଓ' ଶବ୍ଦକୁ ନିମ୍ନୋକ୍ତ ଭାବେ ପରିଭାଷିତ କରାଯାଇଛି :

> "ଗୋଟିଏ ସମୟରେ ଜୀବନ ଏବଂ କ୍ଷମତା ପାଇଥିବା ଏକ ଶବ୍ଦ, କିନ୍ତୁ ଯାହା କୌଣସି ନୀତିଗତ ଆଧାରରେ ପରିଣତ ହୋଇନଥାଏ... ଯିଏ ନିଜର ପଦରେ ରହିଛନ୍ତି କିମ୍ବା ପଦରୁ ବାହାରିଯାଇଛନ୍ତି ... ଜଣେ କର୍ତ୍ତୃପକ୍ଷ ଯିଏ ଏପରି କ୍ଷମତାପ୍ରାପ୍ତ କାର୍ଯ୍ୟ କରିଛନ୍ତି, ଯାହା ଦ୍ୱାରା ଅଧିକାର ସମାପ୍ତ ହୋଇ ଯାଇଥାଏ।"

୯୧. ବ୍ଲାକସ୍ ଲ' ଡିକସନାରୀ (୫ମ ସଂସ୍କରଣ) ଏହି ଶବ୍ଦକୁ ନିମ୍ନରେ ପରିଭାଷିତ କରିଛି :

> "ଦାୟିତ୍ୱ ସମ୍ପାଦନ କରିବା ପରେ, କର୍ମରୁ ବିରାମ ନେବା, କିମ୍ବା ଉଦ୍ଦେଶ୍ୟକୁ ପୂରଣ କରିବା, ଏବଂ ସେଥିପାଇଁ ଆଉ କୌଣସି ଶକ୍ତି କିମ୍ବା ଅଧିକାରର ନାହିଁ ... ଏକ ଉପକରଣ, କ୍ଷମତା, ସଂସ୍ଥା ଇତ୍ୟାଦି ଯାହା ଏହାର ନିର୍ମାଣର ଉଦ୍ଦେଶ୍ୟକୁ ପୂରଣ କରିପାରିଛି ଏବଂ ଯାହାର ଆଉ କୌଣସି ଗୁଣ କିମ୍ବା ପ୍ରଭାବ ନାହିଁ" ।

୯୨. *ଫଙ୍କ୍ଟସ ଅଫିସିଓ* ର ତତ୍ତ୍ୱ ଚୂଡ଼ାନ୍ତ ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିଥାଏ । ଥରେ ଜଣେ ବିଚାରପତି କିମ୍ବା ଅର୍ଦ୍ଧ ନ୍ୟାୟିକ ଅଧିକାରୀ କୌଣସି ନିର୍ଣ୍ଣୟ ପ୍ରଦାନ କରିସାରିବା ପରେ, ସେ ନିର୍ଣ୍ଣୟକୁ ପୁନର୍ବିଚାର କରିବା ଏବଂ ସଂଶୋଧନ କରିବା, ନିର୍ଭୁଲ କରିବା, ସ୍ପଷ୍ଟ କରିବା କିମ୍ବା ଓଲଟା କରିବା (ଆଇନ ଦ୍ୱାରା ପ୍ରଦତ୍ତ ପୁନର୍ବିଚାର କ୍ଷମତାର ପ୍ରୟୋଗ ବ୍ୟତୀତ) ଲାଗି ମୁକ୍ତ ନୁହେଁ । ଥରେ କୌଣସି ନ୍ୟାୟିକ କିମ୍ବା ଅର୍ଦ୍ଧ ନ୍ୟାୟିକ ନିର୍ଣ୍ଣୟ ଚୂଡ଼ାନ୍ତ ହୋଇଗଲେ, ତାହା କେବଳ ପୁନର୍ବିଚାର କରୁଥିବା ନ୍ୟାୟାଳୟ ସମ୍ମୁଖରେ କାର୍ଯ୍ୟବାହୀ ପ୍ରକ୍ରିୟାରେ ପରିବର୍ତ୍ତନ ସାବ୍ୟସ୍ତ ହେବ ।

୯୩. ଉଦାହରଣ ସ୍ୱରୂପ, ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୯୭୩ ର ଧାରା ୩୬୨ ଉପବନ୍ଧିତ କରେ ଯେ ରାୟ ଥରେ ସ୍ୱାକ୍ଷରିତ ହେବା ପରେ କୌଣସି ନ୍ୟାୟାଳୟ ନିଜର ରାୟ ପରିବର୍ତ୍ତନ କରିପାରିବେ ନାହିଁ :

> "୩୬୨. ନ୍ୟାୟାଳୟ ରାୟକୁ ପରିବର୍ତ୍ତନ କରିବେ ନାହିଁ । ଏହି ସଂହିତା କିମ୍ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଦ୍ୱାରା ଯେପରି ପ୍ରଦାନ କରାଯାଇଛି, କୌଣସି ନ୍ୟାୟାଳୟ ଯେତେବେଳେ କୌଣସି ମାମଲାରେ ନିଜର ରାୟ କିମ୍ବା ଅନ୍ତିମ ଆଦେଶ ଉପରେ ହସ୍ତାକ୍ଷର କରିଥିବେ ସେତେବେଳେ ଲେଖାଗତ ଅଶୁଦ୍ଧି କିମ୍ବା ଗାଣିତିକ ତ୍ରୁଟିକୁ ସୁଧାରିବା ବ୍ୟତୀତ ଏଥିରେ ପରିବର୍ତ୍ତନ କିମ୍ବା ସମୀକ୍ଷା କରିପାରିବେ ନାହିଁ" ।

**ହରି ସିଂହ ମାନ ବନାମ ହରଭଜନ ସିଂହ ବାଜୱା**[35] **ମାମଲା**ରେ ଏହି ନ୍ୟାୟାଳୟ ଏହା ସ୍ୱୀକାର କରିଥିଲେ ଯେ ଧାରା ୩୬୨ ପଦକାର୍ଯ୍ୟ ନିବୃତ୍ତ ବ୍ୟକ୍ତି ମତବାଦ ଉପରେ ଆଧାରିତ ଅଟେ :

> "୧୦. .. ଏହି ଧାରା ଆଇନର ଏକ ସ୍ୱୀକୃତ ସିଦ୍ଧାନ୍ତ ଉପରେ ଆଧାରିତ ଯେ ଥରେ କୌଣସି ମାମଲାର ଚୂଡ଼ାନ୍ତ ଫଇସଲା କୌଣସି ନ୍ୟାୟାଳୟ ଦ୍ୱାରା କରାଯିବା ପରେ, କୌଣସି ନିର୍ଦ୍ଦିଷ୍ଟ ବୈଧାନିକ ବ୍ୟବସ୍ଥା ଅନୁପସ୍ଥିତିରେ ଉକ୍ତ ନ୍ୟାୟାଳୟ ଅଧିକାରହୀନ ହୋଇଥାଏ ଏବଂ ଚୂଡ଼ାନ୍ତ ଫଇସଲାର ପୂର୍ବ ଆଦେଶକୁ ଆଇନ ଦ୍ୱାରା ନିର୍ଦ୍ଧାରିତ ରୀତିରେ କ୍ଷମତାପନ୍ନ ଅଧିକାରିତା ଥିବା ନ୍ୟାୟାଳୟ ଦ୍ୱାରା ରଦ୍ଦ କରାନହେଲେ, ସମାନ ଉପଶମ ପାଇଁ ନୂଆ ଆବେଦନ ଗ୍ରହଣ କରିବା ପାଇଁ ହକଦାର ନୁହେଁ । ଫଇସଲା ହୋଇଥିବା କୌଣସି ମାମଲାର ସରକାରୀ ଆଦେଶ ସ୍ୱାକ୍ଷରିତ ହେବା ମାତ୍ରେ ନ୍ୟାୟାଳୟ ଅଧିକାରରହିତ ହୋଇଥାଏ । ଲେଖାଗତ ଅଶୁଦ୍ଧି କିମ୍ବା ଗାଣିତିକ ତ୍ରୁଟିକୁ ସୁଧାରିବା ବ୍ୟତୀତ ଏପରି ଆଦେଶକୁ ବଦଳାଯାଇପାରିବ ନାହିଁ" ।

୯୪. ନ୍ୟାୟିକ ପ୍ରକ୍ରିୟାର ସମାପ୍ତ ଏବଂ ବିବାଦର ଅନ୍ତିମ ନିର୍ଣ୍ଣୟ ପ୍ରଦାନ ପାଇଁ *ଅଧିକାର ବିହୀନ* ମତବାଦ ଏକ ସ୍ୱଷ୍ଟ ଦୃଷ୍ଟିକୋଣ ନୀତିର ପ୍ରତୀକ । ଏହା ବିନା, ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା ଯେପରିକି ଅଦାଲତ ସେମାନଙ୍କ ନିଷ୍ପତ୍ତିକୁ ଅନନ୍ତ ଭାବରେ ପୁନଃସମୀକ୍ଷା କରିପାରନ୍ତି । ଏକ ନ୍ୟାୟାଳୟ କିମ୍ବା ଅର୍ଦ୍ଧ ନ୍ୟାୟିକ ପ୍ରାଧିକରଣଙ୍କ ସମ୍ମୁଖରେ କୌଣସି ମାମଲାର ନିର୍ଦ୍ଦିଷ୍ଟ ସମାପ୍ତି ସହିତ, ପକ୍ଷମାନେ ନ୍ୟାୟିକ ସମୀକ୍ଷା ପାଇଁ କିମ୍ବା ଆବେଦନ ଆଗତ କରିବାକୁ ସ୍ୱାଧୀନ ଅଟନ୍ତି । ବିକଳ୍ପ ଭାବେ ସେମାନଙ୍କ ଅଧିକାର ଚୂଡ଼ାନ୍ତ ଭାବେ ନିର୍ଦ୍ଧାରିତ ହୋଇଥାଏ । ସେଭଳି ଚିନ୍ତାଧାରା ରାଜ୍ୟ ଦ୍ୱାରା

---

[35] (୨୦୦୧) ୧ ଏସ ସି ସି ୧୬୯

ନିଆଯାଇଥିବା ନିଷ୍ପତ୍ତି ଉପରେ ଲାଗୁ ହେବନାହିଁ, ଯାହା ସମ୍ପୂର୍ଣ୍ଣ ଭାବେ ନୀତି କିମ୍ବା ଆବଶ୍ୟକତା ଉପରେ ଆଧାରିତ ।

୯୫. ବର୍ତ୍ତମାନର ମାମଲା ଉପରେ ନଜର ପକାଇଲେ, ଓଏଟି ପ୍ରତିଷ୍ଠା କରିବା ପରେ କେନ୍ଦ୍ର ସରକାରଙ୍କୁ ଅଧିକାରହୀନ  କରାଯାଇଥିବା ଆବେଦନକାରୀଙ୍କ ଯୁକ୍ତି ଯାଞ୍ଚ ଯୋଗ୍ୟ ନୁହେଁ । ଓଏଟି ପ୍ରତିଷ୍ଠା କରିବାର ନିଷ୍ପତ୍ତି ପ୍ରଶାସନିକ ଏବଂ ନୀତିଗତ ବିଚାରନିର୍ଣ୍ଣୟ ଉପରେ ଆଧାରିତ ଥିଲା । ଯଦି ଅଧିକାରବିହୀନ ମତବାଦ ରାଜ୍ୟ ଦ୍ୱାରା ପ୍ରଶାସନିକ ନୀତି ପ୍ରଣୟନ କ୍ଷେତ୍ରରେ ଲାଗୁ କରାଯାଏ, ତା'ହେଲେ ଏହାର କାର୍ଯ୍ୟପାଳିକା କ୍ଷମତା ପଙ୍ଗୁ ହୋଇଯିବ । ରାଜ୍ୟ କୌଣସି ନୀତି କିମ୍ବା ନୀତି ଆଧାରିତ ନିର୍ଣ୍ଣୟକୁ ବଦଳାଇବାକୁ କିମ୍ବା ପରିବର୍ତ୍ତନ କରିବାକୁ ଅକ୍ଷମ ହେବ ଏବଂ ଏହାର କାର୍ଯ୍ୟ ବନ୍ଦ ହୋଇଯିବ । ସମସ୍ତ ନୀତି ସମାପ୍ତି ହାସଲ କରିବ ଏବଂ ଯେ କୌଣସି ପରିବର୍ତ୍ତନ କାର୍ଯ୍ୟକାରୀ ହେବା ଅସମ୍ଭବ ହୋଇଯିବ ।

୯୬. ଏହା କେବଳ ବଡ଼ ନୀତିଗତ ନିଷ୍ପତ୍ତି ନୁହେଁ ବରଂ ଛୋଟ ନିଷ୍ପତ୍ତି ଉପରେ ମଧ୍ୟ ପ୍ରଭାବ ପକାଇବ । ଉଦାହରଣ ସ୍ୱରୂପ, ଏକ ଛୋଟ ନୀତିଗତ ନିଷ୍ପତ୍ତି ଯେପରିକି  ବସ୍ ରୁଟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ । ଥରେ ନିର୍ଦ୍ଧାରଣ ହୋଇଗଲେ,  ଏକ ଲୋକପ୍ରିୟ ଗନ୍ତବ୍ୟସ୍ଥଳୀରେ ଅତିରିକ୍ତ ରହଣି ଆବଶ୍ୟକତା ସତ୍ତ୍ୱେ ବସ୍ ରୁଟ ସମାନ ରହିବ । ଯଦି ପ୍ରଶାସନିକ ନିଷ୍ପତ୍ତିରେ ଅଧିକାରବିହୀନ ସିଦ୍ଧାନ୍ତକୁ ଲାଗୁ କରାଯାଏ ତେବେ ସରକାରୀ ରିହାତି, ନିଗମ ପ୍ରଶାସନ, ଗୃହ ନିର୍ମାଣ, ଶିକ୍ଷା ଏବଂ ସାମାଜିକ କଲ୍ୟାଣ ଭଳି ପ୍ରମୁଖ ନୀତିଗତ ନିଷ୍ପତ୍ତି ବନ୍ଦ ହୋଇଯିବ । ଏହା କଳ୍ପନାଯୋଗ୍ୟ ନୁହେଁ କାରଣ ଏହା ଏକ ସରକାରୀ ତନ୍ତ୍ରର ଉଦ୍ଦେଶ୍ୟ ଏବଂ ପ୍ରଶାସନର ମୂଳଦୁଆକୁ ପରାସ୍ତ  କରିବ । ସ୍ୱଭାବଶତଃ ଯେ କୌଣସି ସମୟରେ ସମାଜରେ ବିଦ୍ୟମାନ ପରିସ୍ଥିତି ଉପରେ ନିର୍ଭର କରି ନୀତି ଗୁଡିକ ପରିବର୍ତ୍ତନ ହୋଇପାରେ । ଯେଉଁସବୁ କ୍ଷେତ୍ରରେ ସରକାର ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟାନ୍ୱୟନ  କରୁଛନ୍ତି ସେଠାରେ ଅଧିକାରବିହୀନ ସିଦ୍ଧାନ୍ତକୁ ସାଧାରଣତଃ ଲାଗୁ କରାଯାଇପାରିବ ନାହିଁ ।

୯୭. ବର୍ତ୍ତମାନ ମାମଲାରେ, ସ୍ୟାଟ ପ୍ରତିଷ୍ଠା ପରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପ୍ରାଧିକାରୀ ଅବସନ୍ନ ହୋଇନାହିଁ । ସେହିପରି, ଏକ ସ୍ୟାଟ ପ୍ରତିଷ୍ଠା ପରେ  ରାଜ୍ୟ ଏବଂ କେନ୍ଦ୍ର ସରକାର ସେମାନଙ୍କର ସୃଷ୍ଟିର ଉଦ୍ଦେଶ୍ୟ ପୂରଣ କରିସାରିଛନ୍ତି ଏବଂ ଆଉ

କୌଣସି ପ୍ରଭୁତ୍ୱ କିମ୍ବା ପ୍ରଭାବୀ ସାଧନ ପାଇ ପାରିବେନାହିଁ ବୋଲି କୁହାଯାଇ ପାରିବନାହିଁ । ଆଇନ ଅନୁଯାୟୀ ରାଜ୍ୟ ଏହାର ନୀତିଗତ ନିଷ୍ପତ୍ତି ପୁନଃ ସମୀକ୍ଷା କରିପାରନ୍ତି । ଏହି ସବୁ କାରଣରୁ କେନ୍ଦ୍ର ସରକାରଙ୍କୁ ଓଏଟି ପ୍ରତିଷ୍ଠା କରିବା ପରେ ଅଧିକାରବିହୀନ ବୋଲି ଆଖ୍ୟା କରାଯାଇନଥିଲା ।

ଚ. ଭାରତର ରାଷ୍ଟ୍ରପତିଙ୍କ ନାମରେ ପ୍ରକାଶ କରାଯାଇନଥିଲେ ମଧ୍ୟ ୨ ଅଗଷ୍ଟ, ୨୦୧୯ରେ ଜାରି କରାଯାଇଥିବା ଅଧିସୂଚନା ବୈଧ

୯୮. ଆବେଦନକାରୀମାନେ ୨ ଅଗଷ୍ଟ, ୨୦୧୯ରେ ଜାରି ଅଧିସୂଚନାକୁ ଏହି ଆଧାର ଉପରେ ଚ୍ୟାଲେଞ୍ଜ କରିଥିଲେ ଯେ ଏହା ଅନୁଚ୍ଛେଦ ୭୭ର ଖଣ୍ଡ (୧) ର ଆବଶ୍ୟକତାକୁ ପୂରଣ କରୁନାହିଁ କାରଣ ଏହା ଭାରତର ରାଷ୍ଟ୍ରପତିଙ୍କ ନାମରେ ଜାରି କରାଯାଇନାହିଁ ।

୯୯. ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୭୭ ସୂଚାଇଥାଏ:

> "ଭାରତ ସରକାରଙ୍କ କାର୍ଯ୍ୟ ପରିଚାଳନା ।–
>
> (୧) ଭାରତ ସରକାରଙ୍କ ସମସ୍ତ କାର୍ଯ୍ୟ ନିର୍ବାହୀ କାର୍ଯ୍ୟାନୁଷ୍ଠାନ ରାଷ୍ଟ୍ରପତିଙ୍କ ନାମରେ କରାଯାଇଥିବା ବ୍ୟକ୍ତ କରାଯିବ ।
>
> (୨) ରାଷ୍ଟ୍ରପତିଙ୍କ ନାମରେ ପ୍ରଣୀତ ଓ ସମ୍ପାଦିତ ଆଦେଶ ଓ ଅନ୍ୟାନ୍ୟ ସାଧନ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଣୀତ ନିୟମ ମାନଙ୍କରେ ଯେପରି ବିନିର୍ଦ୍ଦିଷ୍ଟ ହୋଇଥିବ ସେପରି ରୀତିରେ ଅଧିପ୍ରମାଣିତ କରାଯିବ ଏବଂ ଏପରି ଅଧିପ୍ରମାଣିତ ଆଦେଶ ବା ସାଧନର ବୈଧତା ଉପରେ ଏହି ଆଧାରରେ ପ୍ରଶ୍ନବାଚୀ କରାଯିବ ନାହିଁ ଯେ ତାହା ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଣୀତ ବା ନିଷ୍ପାଦିତ ଆଦେଶ ବା ସାଧନ ନୁହେଁ ।
>
> (୩) ରାଷ୍ଟ୍ରପତି ଭାରତ ସରକାରଙ୍କ କାର୍ଯ୍ୟର ଅଧିକ ସୁବିଧାଜନକ ସଂଚାଳନ ନିମିତ୍ତ ଏବଂ ମନ୍ତ୍ରୀମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟର ଆବଣ୍ଟନ ନିମିତ୍ତ ନିୟମ ପ୍ରଣୟନ କରିବେ ।

ଅନୁଚ୍ଛେଦ ୧୬୬ ଏବଂ ଅନୁଚ୍ଛେଦ ୭୭ ମଧ୍ୟରେ ସମାନତା ରହିଛି । ଏଥିରେ କୁହାଯାଇଛି -

> "ଗୋଟିଏ ରାଜ୍ୟର ସରକାରଙ୍କ କାର୍ଯ୍ୟ ପରିଚାଳନା–
>
> (୧) କୌଣସି ରାଜ୍ୟର ସରକାରଙ୍କ ସମସ୍ତ କାର୍ଯ୍ୟ ନିର୍ବାହୀ କାର୍ଯ୍ୟାନୁଷ୍ଠାନ ରାଜ୍ୟପାଳଙ୍କ ନାମରେ କରାଯାଇଥିବା ବ୍ୟକ୍ତ କରାଯିବ।

(୨) ରାଜ୍ୟପାଳଙ୍କ ନାମରେ ପ୍ରଣୀତ ଓ ନିଷ୍ପାଦିତ ଆଦେଶ ଓ ଅନ୍ୟାନ୍ୟ ସାଧନ ରାଜ୍ୟପାଳଙ୍କ ଦ୍ଵାରା ପ୍ରଣୀତ ନିୟମାବଳୀରେ ଯେପରି ବିନିର୍ଦ୍ଦିଷ୍ଟ କରାଯାଏ ସେପରି ରୀତିରେ ଅଧିପ୍ରମାଣିତ କରାଯିବ ଏବଂ ଏପରି ଅଧିପ୍ରମାଣିତ ଆଦେଶ ବା ସାଧନର ବୈଧତା ଉପରେ ଏହି କାରଣରୁ କୌଣସି ପ୍ରଶ୍ନବାଚୀ କରାଯିବ ନାହିଁ ଯେ ତାହା ରାଜ୍ୟପାଳଙ୍କ ଦ୍ଵାରା ପ୍ରଣୀତ ବା ନିଷ୍ପାଦିତ ଆଦେଶ ବା ଅନ୍ୟାନ୍ୟ ସାଧନ ନୁହେଁ ।

(୩) ରାଜ୍ୟପାଳ ରାଜ୍ୟ ସରକାରଙ୍କ କାର୍ଯ୍ୟର ଅଧିକ ସୁବିଧାଜନକ ସଂଚାଳନ ନିମିତ୍ତ ଏବଂ ମନ୍ତ୍ରୀମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟର ଆବଣ୍ଟନ ନିମିତ୍ତ ନିୟମ ପ୍ରଣୟନ କରିବେ ଯେତେଦୂର ପର୍ଯ୍ୟନ୍ତ ତାହା ଏପରି କାର୍ଯ୍ୟ ନୁହେଁ ଯାହା ସଂପର୍କରେ ରାଜ୍ୟପାଳ ଏହି ସମ୍ବିଧାନ ଦ୍ଵାରା ବା ଅଧୀନରେ ନିଜର ବିବେକ ଅନୁସାରେ କାର୍ଯ୍ୟ କରିବା ଆବଶ୍ୟକ"।

ଅନୁଚ୍ଛେଦ ୧୬୬ ର ଖଣ୍ଡ (୧) ଅନୁଚ୍ଛେଦ ୭୭ ର ଧାରା (୧) ସହିତ ସମାନ । ଏହାର ଫଳସ୍ୱରୂପ, ଅନୁଚ୍ଛେଦ ୧୬୬ ର ଖଣ୍ଡ (୧) ସମ୍ବନ୍ଧରେ ଏହି ନ୍ୟାୟାଳୟର ନିଷ୍ପତ୍ତି ଅନୁଚ୍ଛେଦ ୭୭ ର ଖଣ୍ଡ (୧) ର ବ୍ୟାଖ୍ୟା କରିବା ସମୟରେ ପ୍ରେରଣୀୟ ଉପଯୋଗୀ ହେବ ।

୧୦୦. **ଏୟାର ଇଣ୍ଡିଆ କେବିନ କ୍ରୁ ଆସୋସିଏସନ ବନାମ ଜେଶସ୍ୱିନୀ ମର୍ଚ୍ଚେଣ୍ଟ**[36] ମାମଲାରେ ଏହି ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ ଯଦି ରାଷ୍ଟ୍ରପତିଙ୍କ ନାମରେ ଏହା ହୋଇଛି ବୋଲି ଅଭିବ୍ୟକ୍ତ ହୋଇନଥାଏ ତେବେ, ବୈଧାନିକ କ୍ଷମତାର ପ୍ରୟୋଗକୁ ଅବୈଧ ଘୋଷଣା କରାଯାଇପାରିବ ନାହିଁ ।

"୭୨. ଆମ ମତରେ ଅନୁଚ୍ଛେଦ ୭୭ ର ଉଲ୍ଲେଖ ସମ୍ପୂର୍ଣ୍ଣ ଭାବେ ଅନୁଚିତ । କେନ୍ଦ୍ର ସରକାରଙ୍କ ଦ୍ଵାରା ଧାରା ୩୪ ଅନ୍ତର୍ଗତ ବୈଧାନିକ କ୍ଷମତାର ପ୍ରୟୋଗ, ଯଦିଓ ରାଷ୍ଟ୍ରପତିଙ୍କ ନାମରେ କରାଯାଇଥିବା ଅଭିବ୍ୟକ୍ତ କରାଯାଇନାହିଁ, ଏହାକୁ ଅବୈଧ କରୁନାହିଁ । ଅନୁଚ୍ଛେଦ ୭୭ ର ଖଣ୍ଡ (୨) ରାଷ୍ଟ୍ରପତିଙ୍କ ନାମରେ ସରକାରଙ୍କ କାର୍ଯ୍ୟ ନିର୍ବାହୀ କାର୍ଯ୍ୟାନୁଷ୍ଠାନକୁ ଏହା ରାଷ୍ଟ୍ରପତିଙ୍କ ଦ୍ଵାରା କରାଯାଇଥିବା ଆଦେଶ କିମ୍ବା ସାଧନ ନଥିବା ଦାବୀକୁ ସ୍ୱତନ୍ତ୍ର ସୁରକ୍ଷା ଦେଇଥାଏ । ଯଦି କେନ୍ଦ୍ର ସରକାରଙ୍କ କୌଣସି କାର୍ଯ୍ୟ ନିର୍ବାହୀ କାର୍ଯ୍ୟାନୁଷ୍ଠାନକୁ ରାଷ୍ଟ୍ରପତିଙ୍କ ନାମରେ ଗ୍ରହଣ କରାଯାଇଥିବାର ଔପଚାରିକ ଭାବେ ଅଭିବ୍ୟକ୍ତ କରାନଯାଏ , ତେବେ ଅନୁଚ୍ଛେଦ ୭୭ ରେ ଏହାକୁ ଅସିଦ୍ଧ କିମ୍ବା ଅବୈଧ ଘୋଷଣା କରାଯିବାର କୌଣସି ବ୍ୟବସ୍ଥା ନାହିଁ । **ମେଜର ଇ. ଜି. ବାର୍ସେ ବନାମ ବମ୍ବେ ରାଜ୍ୟ** (୧୯୬୨)୨ ଏସସିଆର ୧୯୫ ମାମଲାରେ ଏହି ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି :

[36] (୨୦୦୩) ୬ ଏସ ସି ସି ୨୭୭

"୨୫. ସଂକ୍ଷିପ୍ତରେ କହିବାକୁ ଗଲେ, ଅନୁଚ୍ଛେଦ ୧୬୬ (୧)ର ନ୍ୟାୟିକ ସ୍ଥିତି କେବଳ ନିର୍ଦ୍ଦେଶିକା ଅଟେ । ଯଦିଓ ଅନୁଚ୍ଛେଦ ୧୬୬ (୧) ର ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରି କୌଣସି ଆକ୍ଷେପିତ ଆଦେଶ ଜାରି କରାଯାଇନଥିଲା, ତଥାପି ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଆଦେଶ ଦିଆଯାଇଥିଲା  ବୋଲି ଅନ୍ୟ ଉତ୍ସ ପ୍ରମାଣ ଦ୍ୱାରା ଏହା ପ୍ରତିପାଦନ  କରାଯାଇପାରିବ । **ଯଦି କୌଣସି ଆଦେଶ ରାଜ୍ୟପାଳଙ୍କ ନାମରେ ଜାରି କରାଯାଇଥାଏ** ଏବଂ ଉକ୍ତ ଅନୁଚ୍ଛେଦର ନିୟମ (୨) ରେ ନିର୍ଦ୍ଧାରିତ ରୀତିରେ ବିଧିବଦ୍ଧ ଭାବେ ପ୍ରମାଣିତ ହୋଇଥାଏ, **ତେବେ ଏଥିରେ ଅକାଟ୍ୟ ଅନୁମାନ କରାଯାଇପାରେ ଯେ ସେହି ଆଦେଶ ବା ସାଧନ ରାଜ୍ୟପାଳଙ୍କ ଦ୍ୱାରା କରାଯାଇଥାଏ ବା ସମ୍ପାଦିତ କରାଯାଇଥାଏ । ଉପରୋକ୍ତ ନିୟମର ବ୍ୟବସ୍ଥାକୁ ପାଳନ ନକରିବା ଦ୍ୱାରା ଆଦେଶକୁ ଅବୈଧ କରାଯାଇପାରିବ ନାହିଁ, କିନ୍ତୁ ଏହା ଏପରି କୌଣସି ଅକାଟ୍ୟ ଅନୁମାନକୁ ଅମାନ୍ୟ କରିପାରିବ ନାହିଁ । ଏହା କୌଣସି ପକ୍ଷକୁ ଅନ୍ୟ ପ୍ରମାଣ ଯୋଗାଇବାରେ ବାରଣ କରେନାହିଁ  ଯେ ବାସ୍ତବରେ ଏହି ଆଦେଶ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଛି । ଅନୁଚ୍ଛେଦ ୭୭** ରେ ଭାରତ ସରକାରଙ୍କ କାର୍ଯ୍ୟ ପରିଚାଳନା ସମ୍ବନ୍ଧୀୟ ବ୍ୟବସ୍ଥା **ଅନୁଚ୍ଛେଦ ୧୬୬ ରେ ଥିବା ବ୍ୟବସ୍ଥା ଭଳି ରହିଛି ଏବଂ ସେହି ବ୍ୟବସ୍ଥାର ବ୍ୟାଖ୍ୟା କରିବା ଲାଗି ସମାନ ନୀତି ରହିବା ଆବଶ୍ୟକ"** ।

(ଗୁରୁତ୍ୱ ପ୍ରଦାନ କରାଯାଇଛି)

୧୦୧. ସମାନ ନୀତି ଗୁଡିକ ଅନୁଚ୍ଛେଦ ୧୬୬ ଏବଂ ଅନୁଚ୍ଛେଦ ୭୭ ର ବ୍ୟାଖ୍ୟାକୁ ନିୟନ୍ତ୍ରଣ କରେ । ଏକ ଅଧିସୂଚନା ଯାହା  ଅନୁଚ୍ଛେଦ ୭୭ର ଖଣ୍ଡ (୧) ର ଅନୁପାଳନ କରୁନାହିଁ ତାହା କେବଳ ସେହି କାରଣରୁ ଅବୈଧ, ଅସାମ୍ବିଧାନିକ କିମ୍ବା ଅସ୍ତିତ୍ୱହୀନ ନୁହେଁ । ବରଂ, ଅକାଟ୍ୟ ଅନୁମାନ ଯେ ଭାରତର ରାଷ୍ଟ୍ରପତି (କେନ୍ଦ୍ର ସରକାରଙ୍କ ତରଫରୁ କାର୍ଯ୍ୟ କରୁଥିବା)ଙ୍କ ଦ୍ୱାରା ଅଧିସୂଚନା  ଜାରି  କରାଯାଇଥିଲା, ଏହା ସରକାରଙ୍କ ପାଇଁ ଆଉ ଉପଲବ୍ଧ ନାହିଁ । ଏହି ଅଧିସୂଚନା ବୈଧ ବୋଲି ବଳବତ୍ତର ରହେ ଏବଂ ବାସ୍ତବରେ ଏହି ଆଦେଶ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିଲା ପ୍ରମାଣ କରିବାକୁ କେନ୍ଦ୍ର ସରକାରଙ୍କ ପାଇଁ ଉନ୍ମୁକ୍ତ ଅଛି ।

୧୦୨. ବର୍ତ୍ତମାନର ମାମଲାରେ, ୨ ଅଗଷ୍ଟ,୨୦୧୯ ରେ ଜାରି ଅଧିସୂଚନା ରାଷ୍ଟ୍ରପତିଙ୍କ ନାମରେ ଜାରି କରାଯାଇନଥିଲା । ତଥାପି, ଏହା ଅଧିସୂଚନାକୁ ଅବୈଧ କରିନଥାଏ । ଅନୁଚ୍ଛେଦ ୭୭ କୁ ପାଳନ ନ କରିବାର ପ୍ରଭାବ ଏହା ଯେ କେନ୍ଦ୍ର ସରକାର ଏହି ଅକାଟ୍ୟ ଅନୁମାନର ଲାଭ ଦାବି କରିପାରିବେ ନାହିଁ ଯେ ୨୦୧୯ ଅଗଷ୍ଟ ୨  ତାରିଖରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅଧିସୂଚନା ଜାରି କରାଯାଇଥିଲା । ତେଣୁ,

ଆବେଦନକାରୀଙ୍କ ଯୁକ୍ତି ଯେ ୨ ଅଗଷ୍ଟ, ୨୦୧୯ ରେ ଜାରି ଅଧିସୂଚନା ଅବୈଧ ଏବଂ ଅସାମ୍ବିଧାନିକ ବିଭ୍ରାନ୍ତିକର ଅଟେ ।

୧୦୩. ଏଠାରେ, ଏହା ଉଲ୍ଲେଖ କରିବା ଉଚିତ ଯେ ୪ ଜୁଲାଇ ୧୯୮୬ ତାରିଖରେ ଜାରି ଅଧିସୂଚନା (ଯାହା ଦ୍ୱାରା ଓଏଟି ପ୍ରତିଷ୍ଠା କରାଯାଇଥିଲା) ମଧ୍ୟ ରାଷ୍ଟ୍ରପତିଙ୍କ ନାମରେ ଜାରି କରାଯାଇନଥିଲା । ତେବେ, ଆବେଦନକାରୀମାନେ ଓଏଟି ଉଚ୍ଛେଦ ଅଧିସୂଚନାକୁ ବିରୋଧ କରିଥିବା ବେଳେ ଓଏଟି ସ୍ଥାପନାକୁ ସେହି ଅଧିସୂଚନା ଦ୍ୱାରା ସଂରକ୍ଷିତ ରଖିବାକୁ ଚାହାନ୍ତି । ଯଦି ଆବେଦନକାରୀଙ୍କ ଯୁକ୍ତିକୁ ଗ୍ରହଣ କରାଯାଏ, ତେବେ ୪ ଜୁଲାଇ ୧୯୮୬ ତାରିଖରେ ଜାରି ଅଧିସୂଚନାଟି ଅବୈଧ ହେବ । ତେଣୁ ଆମେ ଏହି ତର୍କକୁ ଗ୍ରହଣ କରିବାକୁ ଚାହୁଁ ନାହୁଁ ଯେ ୨ ଅଗଷ୍ଟ, ୨୦୧୯ ରେ ଜାରି କରାଯାଇଥିବା ଅଧିସୂଚନା ଅବୈଧ ଏବଂ ଅସ୍ତିତ୍ୱହୀନ ।

୧୦୪. ଆମେ ସନ୍ତୁଷ୍ଟ ଯେ ଉଭୟ ୪ ଜୁଲାଇ ୧୯୮୬ ତାରିଖ ଅଧିସୂଚନା ଏବଂ ୨ ଅଗଷ୍ଟ ୨୦୧୯ ତାରିଖ ଅଧିସୂଚନା ବସ୍ତୁତଃ ରାଷ୍ଟ୍ରପତି (କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟରତ) ଦ୍ୱାରା ଜାରି କରାଯାଇଥିଲା । ଆଇନ ଅନୁଯାୟୀ ଏହି ଅଧିସୂଚନାଗୁଡିକ ଭାରତର ରାଜପତ୍ରରେ ପ୍ରକାଶିତ ହୋଇଥିଲା ଏବଂ ଏହି ପ୍ରସ୍ତାବକୁ ସମର୍ଥନ କରିବା ଲାଗି ଦସ୍ତାବିଜରେ କିଛି ନାହିଁ ଯେ ଅଧିସୂଚନା ଜାରି କରିବା ଲାଗି କ୍ଷମତାପ୍ରାପ୍ତ ହୋଇନଥିବା ପ୍ରାଧିକରଣ ଏହାକୁ ଜାରି କରିଛନ୍ତି । ଏହା ବିପରୀତେ, ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪ କେନ୍ଦ୍ର ସରକାରଙ୍କୁ ଓଏଟି ପ୍ରତିଷ୍ଠା କରିବା ଲାଗି ଏକ ଅଧିସୂଚନା ଜାରି କରିବାର କ୍ଷମତା ପ୍ରଦାନ କରିଥାଏ ଏବଂ ପୂର୍ବରୁ ଆଲୋଚନା କରାଯାଇଥିବା ଅନୁସାରେ ଜାରି କରାଯାଇଥିବା ଅଧିସୂଚନାକୁ ରଦ୍ଦ କରିବାର କ୍ଷମତା ମଧ୍ୟ କେନ୍ଦ୍ର ସରକାରଙ୍କୁ ଉପଲବ୍ଧ । ଉଭୟ ବିଜ୍ଞପ୍ତି ଜାରି କରିବା ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ ବୈଧାନିକ କ୍ଷମତାର ପ୍ରୟୋଗ ଥିଲା ।

୧୦୫. **ଦତ୍ତାତ୍ରେୟ ମୋରେଶ୍ୱର ପାଙ୍ଗରକର ବନାମ ବମ୍ବେ ରାଜ୍ୟ**[37] ମାମଲାରେ ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ଖଣ୍ଡପୀଠର ନିଷ୍ପତ୍ତି ଉପରେ ଏବଂ ବିଶେଷ କରି ଅନୁଚ୍ଛେଦ ୨୪ ରେ ଥିବା ବାକ୍ୟ ଉପରେ ଆବେଦନକାରୀମାନେ ଭରସା ରଖିଥାନ୍ତି, ଯେଉଁଥିରେ କୁହାଯାଇଛି :

[37] (୧୯୫୨) ୧ ଏସ ସି ସି ୩୭୨

"୨୪. .. ଯେତେବେଳେ କାର୍ଯ୍ୟ ନିର୍ବାହୀ ନିର୍ଣ୍ଣୟ କୌଣସି ବାହାର ବ୍ୟକ୍ତିଙ୍କୁ ପ୍ରଭାବିତ କରିଥାଏ କିମ୍ବା ଏହାକୁ ସରକାରୀ ଭାବେ ବିଜ୍ଞପ୍ତି ଜାରି କରାଯିବାର ଆବଶ୍ୟକତା ରହିଥାଏ କିମ୍ବା ସୂଚନା ପ୍ରଦାନ କରାଯିବାର ଆବଶ୍ୟକତା ରହିଥାଏ, ତାହାକୁ ସାଧାରଣତଃ ଅନୁଚ୍ଛେଦ ୧୬୬ (୧) ରେ ଉଲ୍ଲେଖ କରାଯାଇଥିବା ଫର୍ମରେ ଅର୍ଥାତ ରାଜ୍ୟପାଳଙ୍କ ନାମରେ ବ୍ୟକ୍ତ କରାଯିବା ଉଚିତ"।

୧୦୬. ଆବେଦନକାରୀମାନେ ଅନୁଚ୍ଛେଦ ୨୪ ର ପରବର୍ତ୍ତୀ ବାକ୍ୟକୁ ଧ୍ୟାନ ଦେବାରେ ବିଫଳ ହୋଇଛନ୍ତି, ଯାହାଦ୍ୱାରା ଏହି ଅଦାଲତ ଏହି ଯୁକ୍ତିକୁ ଗ୍ରହଣ କରିଛନ୍ତି ଯେ ଅନୁଚ୍ଛେଦ ୧୬୬ ଏକ ନିର୍ଦ୍ଦେଶିକା ବ୍ୟବସ୍ଥା ଅଟେ :

"୨୪. ଏହାପରେ ବିଦ୍ୱାନ ଆଟର୍ଣ୍ଣି ଜେନେରାଲ ଏହି ଯୁକ୍ତି ଉପରେ ପଛକୁ ଫେରିଥିଲେ ଯେ ଅନୁଚ୍ଛେଦ ୧୬୬ରେ ଉଲ୍ଲିଖିତ ଫର୍ମରେ କାର୍ଯ୍ୟ ନିର୍ବାହୀ ନିଷ୍ପତ୍ତିକୁ ପ୍ରଣୟନ ଏବଂ ପ୍ରମାଣିତ କରିବାକୁ ବାଦ ଦେବା ଦ୍ୱାରା ନିଷ୍ପତ୍ତି ନିଜେ ବେଆଇନ ହେବ ନାହିଁ, କାରଣ ସେହି ଅନୁଚ୍ଛେଦର ବ୍ୟବସ୍ଥା, ଭାରତ ସରକାରଙ୍କ ଅଧିନିୟମରେ ଥିବା ସେମାନଙ୍କର ପ୍ରତିରୂପ ଭଳି, କେବଳ ନିର୍ଦ୍ଦେଶାବଳୀ ଏବଂ ବାଧ୍ୟତାମୂଳକ ନୁହେଁ... ମୋ ମତରେ ବିଦ୍ୱାନ ଆଟର୍ଣ୍ଣି ଜେନେରାଲଙ୍କ ଏହି ଯୁକ୍ତି ଅବଶ୍ୟ ବଳବତ୍ତର ।

୨୫. ଏହା ସୁବ୍ୟବସ୍ଥିତ ଯେ, ସାଧାରଣତଃ ସାର୍ବଜନୀନ କର୍ତ୍ତବ୍ୟ ସୃଷ୍ଟି କରୁଥିବା ବିଧାନର ପ୍ରାବଧାନଗୁଡ଼ିକ ନିର୍ଦ୍ଦେଶିକା ଏବଂ ସେହିଗୁଡିକ ଯାହା ବ୍ୟକ୍ତିଗତ ଅଧିକାର ପ୍ରଦାନ କରେ ତାହା ଅପରିହାର୍ଯ୍ୟ । ଯେତେବେଳେ କୌଣସି ବିଧାନ ସାର୍ବଜନୀନ କର୍ତ୍ତବ୍ୟ ପାଳନ ସହିତ ଜଡ଼ିତ ଏବଂ ଏହି କର୍ତ୍ତବ୍ୟକୁ ଅବହେଳା କରି କରାଯାଇଥିବା କାର୍ଯ୍ୟକୁ ଅସିଦ୍ଧ କରିବା ଫଳରେ ସେହି ବ୍ୟକ୍ତିମାନଙ୍କ ପ୍ରତି ଗୁରୁତର ସାଧାରଣ ଅସୁବିଧା ଏବଂ ଅନ୍ୟାୟ ହେବ ଯେଉଁମାନଙ୍କର ଦାୟିତ୍ୱ ନ୍ୟସ୍ତ ବ୍ୟକ୍ତିମାନଙ୍କ ଉପରେ କୌଣସି ନିୟନ୍ତ୍ରଣ ନାହିଁ ଏବଂ ଏହା ସହିତ ଆଇନ ପ୍ରଣୟନକାରୀ ପରିଷଦର ମୁଖ୍ୟ ଉଦ୍ଦେଶ୍ୟକୁ ପ୍ରୋତ୍ସାହନ ଦେବ ନାହିଁ, ସେତେବେଳେ ଏପରି ବ୍ୟବସ୍ଥାକୁ କେବଳ ନିର୍ଦ୍ଦେଶିକା ଭାବେ ରଖିବା ଅଦାଲତମାନଙ୍କ ପରମ୍ପରା ହୋଇ ଆସିଛି, ସେମାନଙ୍କର ଅବହେଳା କାର୍ଯ୍ୟର ବୈଧତାକୁ ପ୍ରଭାବିତ କରିବ ନାହିଁ" ।

୧୦୭. ଅନୁଚ୍ଛେଦ ୭୭ ଏକ ନିର୍ଦ୍ଦେଶମୂଳକ ବ୍ୟବସ୍ଥା ଅଟେ । ଅନୁଚ୍ଛେଦ ୭୭(୧) ସେହି ଫର୍ମ କୁ ସୂଚିତ କରେ ଯେଉଁଥିରେ କାର୍ଯ୍ୟନିର୍ବାହୀ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ବ୍ୟକ୍ତ କରାଯିବ । ଅନୁଚ୍ଛେଦ ୭୭ ର ଖଣ୍ଡ (୧) ରେ ବ୍ୟକ୍ତ କରାଯାଇଥିବା "ନିଆଯିବା ପାଇଁ ପ୍ରକାଶିତ" ବାକ୍ୟାଂଶରୁ ଏହା ସ୍ପଷ୍ଟ ହୋଇଛି । ନିଷ୍ପତ୍ତି ନେବାର ପ୍ରକ୍ରିୟା ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ । ରାଷ୍ଟ୍ରପତିଙ୍କ ନାମରେ ଜାରି କରାଯାଇଥିବା

ଆଦେଶକୁ ଅସିଦ୍ଧ ଘୋଷଣା କରିବା ଦ୍ୱାରା ଜନସାଧାରଣ କିମ୍ବା ନାଗରିକମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ । ତେଣୁ, **ଦତ୍ତାତ୍ରେୟ ମୋରେଶ୍ୱର ପାଙ୍ଗାରକର** (ପୂର୍ବୋକ୍ତ) ଉପରେ ଆବେଦନକାରୀଙ୍କ ନିର୍ଭରଶୀଳତା ଅନୁପଯୁକ୍ତ ଅଟେ ।

୧୦୮. ଆବେଦନକାରୀମାନେ **ଉତ୍ତରାଞ୍ଚଳ ରାଜ୍ୟ ବନାମ ସୁନୀଲ କୁମାର ବୈଶ**[38] ମାମଲାରେ ମଧ୍ୟ ନିର୍ଭର କରିବାକୁ ଚାହୁଁଛନ୍ତି, ଯେଉଁଥିରେ ଏହି ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି:

> "୨୩. .. ଯଦି କୌଣସି ଆଦେଶ ରାଷ୍ଟ୍ରପତି ବା ରାଜ୍ୟପାଳଙ୍କ ନାମରେ ବ୍ୟକ୍ତ କରାନଯାଏ ଏବଂ ନିୟମ ଦ୍ୱାରା ନିର୍ଦ୍ଧାରିତ ରୀତିରେ ପ୍ରମାଣୀକୃତ କରାନଯାଏ, ତାହାକୁ ସରକାରଙ୍କ ତରଫରୁ ଆଦେଶ ବୋଲି ବିବେଚନା କରାଯାଇପାରିବ ନାହିଁ"।

ଏହି ମାମଲାରେ, **ଦତ୍ତାତ୍ରେୟ ମୋରେଶ୍ୱର ପାଙ୍ଗରକରଙ୍କ** (ଉପରୋକ୍ତ)ରେ ସାମ୍ବିଧାନିକ ଖଣ୍ଡପୀଠର ନିଷ୍ପତ୍ତି ବିଷୟରେ କୌଣସି ଉଲ୍ଲେଖ କରାଯାଇନାହିଁ, ଯାହା **ସୁନୀଲ କୁମାର ବୈଶ**(ଉପରୋକ୍ତ)ରେ ଦୁଇ ଜଣିଆ ଖଣ୍ଡପୀଠ ଉପରେ ବାଧ୍ୟତାମୂଳକ ହେବ । ପୂର୍ବେ ଯେପରି ଦର୍ଶାଯାଇଛି, **ଦତ୍ତାତ୍ରେୟ ମୋରେଶ୍ୱର ପାଙ୍ଗରକର** (ଉପରୋକ୍ତ) କହିଥିଲେ ଯେ ଅନୁଚ୍ଛେଦ ୧୬୬ ର ବ୍ୟବସ୍ଥା ଉଦ୍ଦେଶ୍ୟମୂଳକ ଅଟେ ଏବଂ ଏହା ବାଧ୍ୟତାମୂଳକ ନୁହେଁ । ଏହା ଅନୁଚ୍ଛେଦ ୭୭ ର ବ୍ୟବସ୍ଥା ଉପରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଲାଗୁ ହେବ । **ସୁନୀଲ କୁମାର ବୈଶ** (ଉପରୋକ୍ତ) ଙ୍କ ମାମଲାର ନିଷ୍ପତ୍ତି ଆବେଦନକାରୀଙ୍କ ମାମଲାରେ କୌଣସି ସହାୟକ ହୁଏନାହିଁ ।

୧୦୯. ଶେଷରେ, ଆବେଦନକାରୀମାନେ ସେମାନଙ୍କର ବିବାଦକୁ ସମର୍ଥନ କରିବା ପାଇଁ **ଗଲ୍ଫ ଗୋଆନ୍ସ ହୋଟେଲ କମ୍ପାନୀ ଲିମିଟେଡ ବନାମ ଭାରତ ସଂଘ**[39] ଉପରେ ନିର୍ଭର କରିଛନ୍ତି । ତେବେ, ଏହି ମାମଲାରେ ନିଷ୍ପତ୍ତି ଆବେଦନକାରୀଙ୍କ ଦାବିକୁ ସମର୍ଥନ କରୁନାହିଁ କାରଣ ଏଥିରେ ମଧ୍ୟ କୁହାଯାଇଛି ଯେ ଅନୁଚ୍ଛେଦ ୭୭(୧) ର ଅନୁପାଳନ ନକରିବା ଫଳରେ କେନ୍ଦ୍ର ସରକାରଙ୍କୁ ଅନୁଚ୍ଛେଦ ୭୭(୨) ଦ୍ୱାରା ପ୍ରଦାନ କରାଯାଇଥିବା ଦାୟମୁକ୍ତିରୁ ବଞ୍ଚିତ କରେ । ଏହା ମଧ୍ୟ ଲକ୍ଷ୍ୟ କରାଯାଏ ଯେ ଏକ ବିଧାନ ଅଧୀନରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ କାର୍ଯ୍ୟନିର୍ବାହୀ

[38] (୨୦୧୧) ୮ ଏସ ସି ସି ୬୭୦
[39] (୨୦୧୪) ୧୦ ଏସ ସି ସି ୬୭୩

କାର୍ଯ୍ୟାନୁଷ୍ଠାନ ଏକ ବିଧାନଠାରୁ ସ୍ୱାଧୀନ ଭାବରେ ନିଆଯାଇଥିବା କାର୍ଯ୍ୟନିର୍ବାହୀ କାର୍ଯ୍ୟଠାରୁ ଭିନ୍ନ :

> "୧୯. ସମ୍ବିଧାନର ଅନୁଚ୍ଛେଦ ୭୭ ରେ କାର୍ଯ୍ୟନିର୍ବାହୀ ନିଜ ଆଦେଶ ଏବଂ ନିଷ୍ପତ୍ତିକୁ କିଭଳି ଭାବେ ଗ୍ରହଣ କରିବେ ଏବଂ ପ୍ରମାଣିତ କରିବେ ତାହାର ବ୍ୟବସ୍ଥା ରହିଛି । ଅନୁଚ୍ଛେଦ ୭୭ ର ଖଣ୍ଡ (୧) ରେ ବ୍ୟବସ୍ଥା ରହିଛି ଯେ ସରକାରଙ୍କ ସମସ୍ତ କାର୍ଯ୍ୟନିର୍ବାହୀ କାର୍ଯାନୁଷ୍ଠାନ ରାଷ୍ଟ୍ରପତିଙ୍କ ନାମରେ କରାଯିବ ବୋଲି ବ୍ୟକ୍ତ ହେବ । ପ୍ରସିଦ୍ଧ ଲେଖକ ଏଚ. ଏମ. ସୀରଭାଇ ଭାରତର ସାମ୍ବିଧାନିକ ଆଇନ, ଚତୁର୍ଥ ସଂସ୍କରଣ, ସ୍କନ୍ଧ ୨,୧୯୯୯ ରେ **ସରକାରୀ ଆଦେଶ କିମ୍ବା ନିର୍ଦ୍ଦେଶ ଅନୁଚ୍ଛେଦ ୭୭ ର ଖଣ୍ଡ (୧) ଏବଂ (୨) ଅନୁଯାୟୀ ନହେବା ପରିଣାମ ବିଷୟରେ ବର୍ଣ୍ଣନା କରି ମତପୋଷଣ କରିଛନ୍ତି ଯେ ଏହା ଉପରୋକ୍ତ ଖଣ୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ଅନାକ୍ରମ୍ୟତା ଆଦେଶକୁ ବଞ୍ଚିତ କରିବ ଏବଂ ଏହି ସର୍ତ୍ତରେ ସେମାନଙ୍କ ପାଇଁ ଆହ୍ୱାନ କରିବାକୁ ଉନ୍ମୁକ୍ତ ରହିବ ଯେ ସେଗୁଡିକ ରାଷ୍ଟ୍ରପତିଙ୍କ ଅଧିକାର ଦ୍ୱାରା କିମ୍ବା ଅଧୀନରେ ହୋଇନାହିଁ, ଯଦ୍ୱାରା ସେଗୁଡିକ, ପ୍ରକୃତରେ, ଏପରି ପ୍ରଣୟନ ହୋଇଛି ତାହା ଦର୍ଶାଇବାକୁ ସରକାରଙ୍କ ଉପରେ ଚାପ ରହିବ ।** ଯାହା ବି ହେଉ,ବର୍ତ୍ତମାନର ମାମଲାରେ, ଉକ୍ତ ବୋଝକୁ କୌଣସି ପ୍ରକାରେ ନିର୍ବାହ କରାଯାଇ ନାହିଁ । **ଏୟାର ଇଣ୍ଡିଆ କେବିନ କ୍ରୁ ଆସୋସିଏସନ ବନାମ ୟେଶାସ୍ୱିନୀ ମର୍ଚାଣ୍ଟ [(୨୦୦୩) ୬ ଏସସିସି ୨୭୭, ପୃ. ୩୧୧, ଅନୁଚ୍ଛେଦ ୭୨:୨୦୦୩ ଏସସିସି (ଏଲ ଆଣ୍ଡ ଏସ)** ୮୪୦**] ମାମଲାରେ କିଛି ଭିନ୍ନ ମତ ରଖି ଦିଆଯାଇଥିବା ନିଷ୍ପତ୍ତିକୁ ସମ୍ଭବତଃ ଏହି ତଥ୍ୟ ଦ୍ୱାରା ବ୍ୟାଖ୍ୟା କରାଯାଇପାରେ ଯେ ଉକ୍ତ ମାମଲାରେ ସରକାରୀ ପତ୍ରରେ ଥିବା ଆକ୍ଷେପିତ ନିର୍ଦ୍ଦେଶଗୁଡ଼ିକ (ରାଷ୍ଟ୍ରପତିଙ୍କ ନାମରେ ପ୍ରକାଶିତ ନୁହେଁ) ଏୟାର କର୍ପୋରେସନ ଅଧିନିୟମ ୧୯୫୩ ର ଧାରା ୩୪ ଅନ୍ତର୍ଗତ ବୈଧାନିକ କ୍ଷମତାର ପ୍ରୟୋଗରେ ଥିଲା । ବର୍ତ୍ତମାନର ମାମଲାରେ, କୌଣସି ପ୍ରଚଳିତ ବିଧାନ ଅନୁଯାୟୀ ଆକ୍ଷେପିତ ମାର୍ଗଦର୍ଶିକା ଜାରି କରାଯାଇନାହିଁ" ।**
>
> (ଗୁରୁତ୍ୱ ପ୍ରଦାନ କରାଯାଇଛି)

ବର୍ତ୍ତମାନର ମାମଲାରେ, ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଅନ୍ତର୍ଗତ ବୈଧାନିକ କ୍ଷମତାର ପ୍ରୟୋଗ କରି ୨ ଅଗଷ୍ଟ, ୨୦୧୯ ରେ ଅଧିସୂଚନା ଜାରି କରାଯାଇଥିଲା ।

୧୧୦. ଏହି ବିଭାଗରେ ଆଲୋଚ୍ୟ କାରଣ ହେତୁ, ଭାରତର ରାଷ୍ଟ୍ରପତିଙ୍କ ନାମରେ ପ୍ରକାଶ କରାଯାଇନଥିଲେ ମଧ୍ୟ ୨ ଅଗଷ୍ଟ, ୨୦୧୯ ରେ ଜାରି କରାଯାଇଥିବା ଅଧିସୂଚନା ବୈଧ ଅଟେ ।

## ୮ . ଓଏଟି ଉଚ୍ଛେଦ ନ୍ୟାୟ ପାଇବା ପାଇଁ ମୌଳିକ ଅଧିକାରର ଉଲ୍ଲଘଂନ ନୁହେଁ

୧୧୧. ଆବେଦନକାରୀମାନେ ତର୍କ କରିଛନ୍ତି ଯେ ଓଏଟି ଉଚ୍ଛେଦ ଦ୍ୱାରା ନ୍ୟାୟାଳୟ ବ୍ୟବସ୍ଥା ମକଦ୍ଦମାକାରୀମାନଙ୍କ ପାଇଁ କମ ସୁଗମ ହୋଇଛି ଏବଂ ଏହା ନ୍ୟାୟ ପାଇବାର ମୌଳିକ ଅଧିକାରର ଉଲ୍ଲଂଘନ କରୁଛି । ସେମାନେ **ଅନୀତା କୁଶୱାହା ବନାମ ପୁଷପ ସୁଦାନ**[40] ମାମଲାରେ ନିଷ୍ପତ୍ତି ଉପରେ ନିର୍ଭର କରିଛନ୍ତି, ଯେଉଁଥିରେ ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ଖଣ୍ଡପୀଠ ନ୍ୟାୟ ପାଇବାର ଉପାଦାନଗୁଡ଼ିକ ଉପରେ ଆଲୋଚନା କରିଥିଲେ :

> "୩୩. ଆମ ମତରେ, ଚାରୋଟି ମୁଖ୍ୟ ଦିଗ ଯାହା ନ୍ୟାୟ ପାଇବାର ନିର୍ଯାସ ଗଠନ କରେ :
>
> (୧) ରାଜ୍ୟ ନିଶ୍ଚିତ ଭାବେ ଏକ ପ୍ରଭାବି ନ୍ୟାୟିକ ବ୍ୟବସ୍ଥା ଉପଲବ୍ଧ କରାଇବା ଆବଶ୍ୟକ ;
>
> (୨) ପ୍ରଦାନ କରାଯାଇଥିବା ଏପରି ପଦ୍ଧତି ଦୂରତା ଦୃଷ୍ଟିରୁ ଯଥାର୍ଥ ଭାବରେ ସୁଗମ ହେବା ଆବଶ୍ୟକ ;
>
> (୩) ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଆବଶ୍ୟକ; ଏବଂ
>
> (୪) ବିଚାର ପ୍ରକ୍ରିୟାରେ ମକଦ୍ଦମାକାରୀଙ୍କ ପ୍ରବେଶ ସୁବିଧାଜନକ ହେବା ଆବଶ୍ୟକ"।

ଆବେଦନକାରୀମାନେ ଯୁକ୍ତି ବାଢିଥିଲେ ଯେ ଓଏଟି ଉଚ୍ଛେଦ ନ୍ୟାୟ ପ୍ରାପ୍ତି ଅଧିକାରର ଦ୍ୱିତୀୟ ଏବଂ ଚତୁର୍ଥ ଦିଗକୁ ଉଲ୍ଲଂଘନ କରୁଛି । ସେମାନେ ଯୁକ୍ତି ବାଢିଛନ୍ତି ଯେ ଓଏଟି ରେ ଦୁଇଟି ନିୟମିତ ବେଞ୍ଚ ଏବଂ ଦୁଇଟି ସର୍କିଟ ବେଞ୍ଚ ରହିଛି, କିନ୍ତୁ କଟକରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଗୋଟିଏ ସିଟ୍ ରହିଛି, ଯାହା ନ୍ୟାୟିକ ବ୍ୟବସ୍ଥାକୁ ଦୂରତା ଦୃଷ୍ଟିରୁ କମ୍ ସୁଗମ କରିଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କଟକକୁ ଯାତ୍ରା ନିମନ୍ତେ ଖର୍ଚ୍ଚାନ୍ତ ହେଉଥିବା ଦୃଷ୍ଟିରୁ ଏହି ଦୂରତା ନ୍ୟାୟିକ ପ୍ରକ୍ରିୟାକୁ କମ ସୁବିଧାଜନକ କରିଥାଏ ବୋଲି ସେମାନେ ନିବେଦନ କରିଛନ୍ତି ।

୧୧୨.ଭାରତର ସମ୍ବିଧାନ ଅନୁଯାୟୀ ନ୍ୟାୟ ପାଇବାର ମୌଳିକ ଅଧିକାର ନିଃସନ୍ଦେହରେ ଏକ ମହତ୍ୱପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ ଅଧିକାର । ତଥାପି, ଏହାର ଅର୍ଥ ଏପରି ବ୍ୟାଖ୍ୟା କରାଯାଇପାରିବ ନାହିଁ ଯେ ବିଧାନ କିମ୍ବା ସମ୍ବିଧାନ ଦ୍ୱାରା ସୃଷ୍ଟି କରାଯାଇଥିବା ବିଚାର ମଞ୍ଚ ପ୍ରତ୍ୟେକ ଗ୍ରାମ, ସହର କିମ୍ବା ନଗରରେ ରହିବା

[40] (୨୦୧୬) ୮ ଏସ ସି ସି ୫୦୯

ଆବଶ୍ୟକ। ଏହା ଏକ ଅକାଟ୍ୟ ସତ୍ୟ ଯେ କେତେକ ନ୍ୟାୟାଳୟ ଏବଂ ମଞ୍ଚ କେତେକ ସହର ଏବଂ ନଗର ମାନଙ୍କରେ ସ୍ଥାପିତ ହେବ, ଅନ୍ୟଠାରେ ନୁହେଁ । କେତେକ କିମ୍ବା ଅନ୍ୟ ମକଦ୍ଦମାକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ମଞ୍ଚ କିମ୍ବା ନ୍ୟାୟାଳୟରେ ପହଂଚିବା ପାଇଁ କିଛି ଦୂର ଯାତ୍ରା କରିବାକୁ ପଡ଼ିବ ।

୧୧୩. **ଅନିତା କୁଶୱାହା**(ଉପରୋକ୍ତ)ରେ ନିଷ୍ପତ୍ତିକୁ ଦୋହରାଇଲେ, ନ୍ୟାୟିକ ପଦ୍ଧତି ଦୂରତା ଦୃଷ୍ଟିରୁ ଯଥାର୍ଥ ଭାବେ ସୁଗମ ହେବା ଆବଶ୍ୟକ । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓଡ଼ିଶାର ଅନ୍ୟ ଭାଗରୁ କଟକକୁ ଯାତ୍ରା କରିବା ଲାଗି ଲାଗୁଥିବା ସମୟକୁ ପୂରଣ କରିବା ଲାଗି ପ୍ରଯୁକ୍ତିକୁ ସୃଜନଶୀଳ ଭାବେ ଉପଯୋଗ କରିଛନ୍ତି । ବାସ୍ତବରେ, ବିକ୍ଷିପ୍ତଭାବେ ପ୍ରସାରିତ ଅଞ୍ଚଳରେ ନ୍ୟାୟପ୍ରାପ୍ତିକୁ ସୁନିଶ୍ଚିତ କରିବାକୁ  ଅନ୍ୟ ଉଚ୍ଚ ନ୍ୟାୟାଳୟଗୁଡ଼ିକ ମଧ୍ୟ ପ୍ରଯୁକ୍ତିର ବ୍ୟବହାରକୁ ନକଲ କରିବା ଉଚିତ ।  ଉଚ୍ଚ ନ୍ୟାୟାଳୟ ମାନଙ୍କ ସମ୍ମୁଖରେ ସେମାନଙ୍କ ସହିତ ଜଡ଼ିତ ମାମଲାରେ ପର୍ଯ୍ୟବେକ୍ଷଣ ଏବଂ ଅଂଶ ଗ୍ରହଣ କରିବା ଦ୍ୱାରା ଏହା ନିଶ୍ଚିତ କରିବ ଯେ ନାଗରିକମାନେ ପ୍ରକୃତରେ ନ୍ୟାୟ ପାଇପାରୁଛନ୍ତି । ଆର୍ଥିକ ସମସ୍ୟାକୁ ଦୂର କରିବା ପାଇଁ କ୍ଷତିପୂରଣ ଯୋଜନାର ଉପଯୋଗ କରାଯାଇପାରିବ ବୋଲି ଓଡିଶା ରାଜ୍ୟ ପକ୍ଷରୁ କରାଯାଇଥିବା ଉପସ୍ଥାପନା ଉପରେ ମଧ୍ୟ ଧ୍ୟାନ ଦିଆଯିବା ଆବଶ୍ୟକ । ପୁନଶ୍ଚ, **ଅନିତା କୁଶୱାହା**(ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଯେପରି ଅବଲୋକନ କରାଯାଇଛି, ରାଜ୍ୟ ଦ୍ୱାରା ପ୍ରାୟୋଜିତ ଆଇନଗତ ସହାୟତା କାର୍ଯ୍ୟକ୍ରମ ମଧ୍ୟ ଆର୍ଥିକ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ :

> "୪୦. ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ଅଧୀନରେ ରାଜ୍ୟ ପ୍ରାୟୋଜିତ ଆଇନଗତ ସହାୟତା କାର୍ଯ୍ୟକ୍ରମ ଦ୍ୱାରା ନ୍ୟାୟ ସୁଲଭ କରାଯିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଆଇନ ସହାୟତା କାର୍ଯ୍ୟକ୍ରମ ସମାଜର ଗରିବ ବର୍ଗଙ୍କୁ ନ୍ୟାୟାଳୟରେ ନ୍ୟାୟ ପାଇବାରେ ବହୁ ଆବଶ୍ୟକୀୟ ସହାୟତା ଯୋଗାଇ ଆସୁଛି"।

୧୧୪. ଉଲ୍ଲେଖନୀୟ ଯେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରାଜ୍ୟର ବିଭିନ୍ନ ନଗର ଓ ସହରରେ ଆଭାସୀ ମାଧ୍ୟମରେ ସଂଚାଳିତ ଖଣ୍ଡପୀଠ ସବୁ ପ୍ରତିଷ୍ଠା କରିଛନ୍ତି । ଏହା ଆବେଦନକାରୀଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରେ ଯେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓଏଟି ଅପେକ୍ଷା କମ ସୁଗମ ଅଟେ । ବାସ୍ତବରେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଭର୍ଚୁଆଲ ବେଞ୍ଚ

ସଂଖ୍ୟା ଓଏଟି ବେଞ୍ଚ ସଂଖ୍ୟାଠାରୁ ଅଧିକ । ରାଜ୍ୟର ବିଭିନ୍ନ ମକଦ୍ଦମାକାରୀ ମାନେ ଓଏଟି ଅପେକ୍ଷା ଉଚ୍ଚ ନ୍ୟାୟାଳୟରେ ଅଧିକ ସହଜରେ ପହଁଚିପାରିବେ ।

୧୧୫. ବିବାଦର ସମାଧାନ ପାଇଁ ଆବେଦନକାରୀମାନେ ତେଣୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରସ୍ଥ ହୋଇପାରିବେ । ଓଏଟିର ଉଚ୍ଛେଦ ମକଦ୍ଦମାକାରୀମାନଙ୍କୁ ଏଥିର କୌଣସି ବିବାଦର ସମାଧାନ କିମ୍ବା ବିବାଦର ବିଚାର ନିମିତ୍ତ ନ୍ୟାୟିକ ମଂଚ ବିନା ଛାଡି ପାରିବନାହିଁ । ତେଣୁ ଏହା ନ୍ୟାୟ ପାଇବାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁନାହିଁ ।

୯. <u>ରାଜ୍ୟ ସରକାର ନିଜ ଭୁଲରୁ ଫାଇଦା ଉଠାଇ ନଥିଲେ</u>

୧୧୬. ଆବେଦନକାରୀମାନେ ଯୁକ୍ତି ବାଢିଥିଲେ ଯେ ରାଜ୍ୟ ସରକାର ଓଏଟି ରେ ଖାଲି ଥିବା ପଦବୀ ପୂରଣ କରିବାରେ ବିଫଳ ହୋଇ ଏବଂ ଓଏଟି ଉଚ୍ଛେଦ ପାଇଁ ସର୍ତ୍ତ ସୃଷ୍ଟି କରି ନିଜର ଭୁଲର ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ ।

୧୧୭. ଏହି ରାୟର ଅନୁଚ୍ଛେଦ ୮୫ରେ ସାଧାରଣ ପ୍ରଶାସନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ଵାରା ୧୬ ସେପ୍ଟେମ୍ବର, ୨୦୧୫ ତାରିଖରେ ପ୍ରସ୍ତୁତ କରାଯାଇଥିବା ଟିପ୍ପଣୀର ଏକ ଅଂଶ ଉଦ୍ଧୃତ କରାଯାଇଛି । ଏହି ଟିପ୍ପଣୀ କେନ୍ଦ୍ର ସରକାରଙ୍କୁ ଓଏଟି ଉଚ୍ଛେଦ ପାଇଁ ଅନୁରୋଧ କରିବା ପଛରେ ରାଜ୍ୟ ସରକାରଙ୍କ କାରଣର ବିସ୍ତୃତ ବିବରଣୀ ଦିଏ । ଅନୁଚ୍ଛେଦ ୮୫ର ଉଦ୍ଧୃତାଂଶ ୨୦୧୪ ବର୍ଷ ପାଇଁ ଓଏଟି ସମ୍ମୁଖରେ ଦାୟର ହୋଇଥିବା, ଫଇସଲା ହୋଇଥିବା ଏବଂ ବିଚାରଧୀନ ମାମଲାର ତଥ୍ୟକୁ ଦର୍ଶାଉଛି । ଏହି ଟିପ୍ପଣୀ ପ୍ରସ୍ତୁତ ହେବା ସମୟରେ ରାଜ୍ୟ ସରକାର ଓଏଟି ପାଇଁ ନିଯୁକ୍ତି ଦେବା ବନ୍ଦ କରିନଥିଲେ । ସେତେବେଳେ, ଓଏଟି ଯେପରି ଚାଲେ , ଠିକ୍ ସେହିଭଳି କାର୍ଯ୍ୟ କରୁଥିଲା । ରାଜ୍ୟ ସରକାର ଓଏଟିର ସାଧାରଣ ପ୍ରଦର୍ଶନ (ଅର୍ଥାତ୍ ମାମଲାଗୁଡ଼ିକର ସମାଧାନ ହାର) ସନ୍ତୋଷଜନକ ନୁହେଁ ବୋଲି ଜାଣିବାକୁ ପାଇଥିଲେ । ଓଏଟି କାର୍ଯ୍ୟକଳାପର ଏହି ଦିଗ ରାଜ୍ୟ ସରକାରଙ୍କ ଓଏଟି ଉଚ୍ଛେଦ ନିଷ୍ପତ୍ତିର ଏକ ଭୂମିକା ଗ୍ରହଣ କରିଛି ।

୧୧୮. ଆକ୍ଷେପିତ ରାୟରେ ଯେପରି ଉଲ୍ଲେଖ କରାଯାଇଛି :

> "୪୮. .. ଓଏଟି କୁ ଉଚ୍ଛେଦ କରିବା ପାଇଁ ଓଡିଶା ସରକାରଙ୍କ ନିଷ୍ପତ୍ତି ସାର୍ବଜନୀନ ହେବା ପରେ ଓଏଟି ରେ ଖାଲି ଥିବା ପଦବୀ ପୂରଣ କରିବା ପାଇଁ ନିଯୁକ୍ତି ବନ୍ଦ

> ହୋଇଗଲା । ଓଏଟି ରେ ଖାଲି ଥିବା ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଏକ ପରମ ଆଦେଶ ଜାରି କରିବାକୁ ଇଚ୍ଛା ପ୍ରକଟ କରି ଏହି ନ୍ୟାୟାଳୟରେ ଓଏଟି ଓକିଲ ସଙ୍ଘକୁ ରିଟ ପିଟିସନ (ସିଭିଲ) ସଂଖ୍ୟା ୧୫୬୯୩/୨୦୧୭ ଦାୟର କରିବାକୁ ବାଧ୍ୟ କରିଥିଲା ।"
>
> (ଗୁରୁତ୍ୱ ପ୍ରଦାନ କରାଯାଇଛି)

ତେଣୁ, ରାଜ୍ୟ ସରକାର ଓଏଟି ଉଚ୍ଛେଦ ପାଇଁ ନିଷ୍ପତ୍ତି ନେବା ହେତୁ ଓଏଟି ରେ ନିଯୁକ୍ତି ବନ୍ଦ କରିଦେଲେ ବରଂ ଏହାର ପ୍ରତିକୂଳରେ ନୁହେଁ । ଆବେଦନକାରୀଙ୍କ ଆଭିମୁଖ୍ୟ ଘଟଣାକ୍ରମକୁ, ଯାହା ଉପରେ ସେମାନଙ୍କ ତର୍କ ଆଧାରିତ, ବିଭ୍ରାନ୍ତ କରୁଅଛି । ରାଜ୍ୟ ସରକାର ୨୦୧୪ ବର୍ଷରେ ଓଏଟିର କାର୍ଯ୍ୟର ମୂଲ୍ୟାଙ୍କନ ଉପରେ ଏହାଙ୍କ ନିଷ୍ପତ୍ତିର ଆଧାର କରିଥିଲେ, ଯାହା ଏହାଙ୍କ ଓଏଟି ଉଚ୍ଛେଦ ନିଷ୍ପତ୍ତି ପୂର୍ବରୁ ଥିଲା । ତେଣୁ, ଏଥିରେ କୌଣସି "ଭୁଲ" ନାହିଁ ଯାହାର ଫାଇଦା ରାଜ୍ୟ ସରକାର ନେଇଥିଲେ । ସେହିପରି, ଆବେଦନକାରୀଙ୍କ ତର୍କ ଯେ ଭାରତ ସଂଘ ସରକାର ଓଏଟିକୁ ବ୍ୟବସ୍ଥିତ ଭାବେ ନିଷ୍କ୍ରିୟ କରିଦେଇଛନ୍ତି, ଏହା ସହିତ ଆମେ ସହମତ ନୋହୁଁ ।

୧୧୯. ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ଅନ୍ୟ ଏକ ତର୍କ ହେଉଛି ଯେ ଓଏଟିରେ ଖାଲି ଥିବା ପଦବୀ ପୂରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ସମ୍ବିଧାନର ଅନୁଚ୍ଛେଦ ୨୫୬ ର ଉଲଂଘନ ଅଟେ । ଅନ୍ୟାନ୍ୟ ବିଷୟ ମଧ୍ୟରେ, ଅନୁଚ୍ଛେଦ ୨୫୬ ନିର୍ଦ୍ଧାରଣ କରିଥାଏ ଯେ ପ୍ରତ୍ୟେକ ରାଜ୍ୟର କାର୍ଯ୍ୟ ନିର୍ବାହୀ କ୍ଷମତା ଏପରି ପ୍ରୟୋଗ କରାଯିବ ଯଦ୍ୱାରା ସଂସଦ ଦ୍ୱାରା ପ୍ରଣୀତ ଆଇନର ଅନୁପାଳନ ସୁନିଶ୍ଚିତ ହୋଇପାରିବ । ଆମ ପାଇଁ ଏହି ତର୍କ ଉପରେ ରାୟ କରିବାର ଆବଶ୍ୟକତା ନାହିଁ କାରଣ ରିଟ ପିଟିସନରେ କରାଯାଇଥିବା ପ୍ରାର୍ଥନା ଯାହାର ଫଳସ୍ୱରୂପ ଆକ୍ଷେପିତ ରାୟ ଆସିଥିଲା ତାହା ଅନୁଚ୍ଛେଦ ୨୫୬ ର ଉଲ୍ଲଙ୍ଘନ ବିଷୟରେ ନ୍ୟାୟିକ ନିଷ୍ପତ୍ତି ଚାହୁଁନଥିଲା । ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଥିବା ମକଦ୍ଦମା ଓଏଟି ଉଚ୍ଛେଦ କରିବାକୁ ନିଷ୍ପତ୍ତିର ବୈଧତା ପର୍ଯ୍ୟନ୍ତ ସୀମିତ ରହିଥିଲା । ତେଣୁ, ଆମେ ସମାନ ପ୍ରସଙ୍ଗରେ ଆବେଦନ ଉପରେ ଆମର ରାୟକୁ ସୀମିତ ରଖୁ ।

୧୦. <u>ଓଏଟି ଉଚ୍ଛେଦ ପୂର୍ବରୁ ନ୍ୟାୟିକ ପ୍ରଭାବ ଆକଳନ କରିବାରେ କେନ୍ଦ୍ର ସରକାରଙ୍କ ବିଫଳତା ଓଏଟି ଉଚ୍ଛେଦ କରିବାକୁ ଏହାଙ୍କ ନିଷ୍ପତ୍ତିକୁ ଅସିଦ୍ଧ କରୁନାହିଁ</u>

୧୨୦. ଆବେଦନକାରୀଙ୍କ ତର୍କ ହେଉଛି ଯେ ଓଏଟି ଉଚ୍ଛେଦ ପୂର୍ବରୁ କେନ୍ଦ୍ର ସରକାରଙ୍କୁ **ରୋଜର ମାଥ୍ୟୁ ବନାମ ସାଉଥ୍ ଇଣ୍ଡିଆନ ବ୍ୟାଙ୍କ ଲିମିଟେଡ**[41] ମାମଲାରେ ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ଖଣ୍ଡପୀଠ(ଯେଉଁଥିରେ ଆମମାନଙ୍କ ମଧ୍ୟରୁ ଜଣେ ମାନ୍ୟବର ବିଚାରପତି ଡ଼କ୍ଟର ଡି ୱାଇ ଚନ୍ଦ୍ରଚୂଡ ଥିଲେ)ର ନିର୍ଦ୍ଦେଶକୁ ବାଧ୍ୟତାମୂଳକ ଭାବେ ପାଳନ କରିବା ଉଚିତ ଥିଲା । ଏହି ପ୍ରସଙ୍ଗରେ ହସ୍ତକ୍ଷେପକାରୀ ମଧ୍ୟ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ ଓଏଟି ଉଚ୍ଛେଦ କରିବା ପୂର୍ବରୁ କେନ୍ଦ୍ର ସରକାର ଏହି ନ୍ୟାୟାଳୟଙ୍କ ଅନୁମତି ନେବା ଉଚିତ ହୋଇଥାନ୍ତା ।

୧୨୧. **ରୋଜର ମାଥ୍ୟୁ**(ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟ କେତେକ ନ୍ୟାୟାଧିକରଣର ନ୍ୟାୟିକ ପ୍ରଭାବ ଆକଳନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନ୍ୟାୟିକ ପ୍ରଭାବ ଆକଳନ ସମ୍ବନ୍ଧରେ ଏହି ରାୟର କାର୍ଯ୍ୟକାରୀ ଅଂଶ (ମାନ୍ୟବର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ସଂଖ୍ୟାଧିକ୍ୟ ମତରୁ) ନିମ୍ନରେ ଦିଆଗଲା:

> "୨୨୩.୭. ଅର୍ଥ ଅଧିନିୟମ ୨୦୧୭ ଅନୁଯାୟୀ ସମସ୍ତ ନ୍ୟାୟାଧିକରଣର ନ୍ୟାୟିକ ପ୍ରଭାବ ଆକଳନ କରିବାକୁ ଔଚିତ୍ୟ ଆଧାରିତ ଆବଶ୍ୟକତା ରହିଛି, ଯାହାଦ୍ୱାରା ଅର୍ଥ ଅଧିନିୟମ ୨୦୧୭ ଅନ୍ତର୍ଗତ ନ୍ୟାୟାଧିକରଣ ରୂପରେଖରେ ହୋଇଥିବା ପରିବର୍ତ୍ତନର ପ୍ରଭାବକୁ ବିଶ୍ଳେଷଣ କରାଯାଇପାରିବ । ତେଣୁ ଏଭଳି 'ନ୍ୟାୟିକ ପ୍ରଭାବ ଆକଳନ' ପାଳନ କରିବା ଲାଗି ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ଏକ ପରମ ଆଦେଶ ପତ୍ର ଜାରି କରିବା ଏବଂ ଏହାର ଫଳାଫଳକୁ କ୍ଷମତାପନ୍ନ ବିଧାୟୀ ପ୍ରାଧିକରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଉଚିତ ବୋଲି ଆମେ ବିବେଚନା କରୁଛୁ"।

୧୨୨. ତେଣୁ ନ୍ୟାୟିକ ପ୍ରଭାବ ଆକଳନ କରିବାର ନିର୍ଦ୍ଦେଶ ଏକ ସାଧାରଣ ପ୍ରକୃତିର ଥିଲା । ଓଏଟି ଭଳି ନିର୍ଦ୍ଦିଷ୍ଟ ନ୍ୟାୟାଧିକରଣ ଗୁଡ଼ିକୁ ଉଚ୍ଛେଦ କରିବା ଲାଗି ପ୍ରସ୍ତାବ ଦେବା ଲାଗି ଏହା ପ୍ରସ୍ତୁତ ହୋଇନଥିଲା । ବରଂ ଅର୍ଥ ଅଧିନିୟମ ୨୦୧୭ ଦ୍ୱାରା ନ୍ୟାୟାଧିକରଣ ଗୁଡ଼ିକର ପୁନର୍ଗଠନର ପରିଣାମ ବିଶ୍ଳେଷଣ କରିବାର ଆବଶ୍ୟକତା ଅନୁଭବ କରାଯାଇଥିଲା ଏବଂ ଏ ସଂକ୍ରାନ୍ତରେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟକୁ ଏକ ପରମ ଆଦେଶ ପତ୍ର ଜାରି କରାଯାଇଥିଲା । ନ୍ୟାୟିକ ପ୍ରଭାବ ଆକଳନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା, ଯାହାଦ୍ୱାରା ମାମଲାର ବୋଝ, ସାମର୍ଥ୍ୟ, ଆର୍ଥିକ ପ୍ରଭାବ

---

[41] (୨୦୨୦) ୬ ଏସ ସି ସି ୧

ଏବଂ ବ୍ୟାପକ ଭାବେ ନ୍ୟାୟାଧିକରଣ ଗୁଡ଼ିକର ସୁଗମତା ସହିତ ଖାଲି ପଦବୀ ପୂରଣ ଇତ୍ୟାଦିର ଉତ୍ତମ ବୋଧ କରାଯାଇପାରିବ[42] । ଆମେ ଉଲ୍ଲେଖ କରୁଛୁ ଯେ ମାନ୍ୟବର ଭାରତର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଦ୍ୱାରା ଲିଖିତ ବହୁମତ କିମ୍ବା ମାନ୍ୟବର ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ କିମ୍ବା ମାନ୍ୟବର ବିଚାରପତି ଦୀପକ ଗୁପ୍ତାଙ୍କ ମତ କୌଣସି ସମ୍ବନ୍ଧିତ ନିର୍ଦ୍ଦେଶ ନଥିଲା ଯେ ନ୍ୟାୟିକ ପ୍ରଭାବ ଆକଳନ ଅନୁପସ୍ଥିତିରେ ଏକ ନ୍ୟାୟାଧିକରଣକୁ ଉଚ୍ଛେଦ କରାଯିବ ନାହିଁ । ବର୍ତ୍ତମାନର ମାମଲାରେ, କେନ୍ଦ୍ର ସରକାର ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଅନ୍ତର୍ଗତ ନିଜର କ୍ଷମତାର ବୈଧ ପ୍ରୟୋଗ କରି ୨ ଅଗଷ୍ଟ, ୨୦୧୯ ରେ ଅଧିସୂଚନା ଜାରି କରିଥିଲେ । ଏକ ନ୍ୟାୟିକ ପ୍ରଭାବ ଆକଳନ କରିବାର ବିଫଳତା ଓଏଟି ଉଚ୍ଛେଦ ନିମିତ୍ତ ଏହାଙ୍କ ନିଷ୍ପତ୍ତିକୁ ଅସିଦ୍ଧ କରେନାହିଁ । **ରୋଜର ମାଥ୍ୟୁ**(ଉପରୋକ୍ତ ) ମାମଲାରେ ରାୟ ଓଏଟି ଉଚ୍ଛେଦ କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଏହି ନ୍ୟାୟାଳୟଙ୍କର ଅନୁମତି ନେବା ଆବଶ୍ୟକତାକୁ କିଛି ମଧ୍ୟ ସୂଚିତ କରେନାହିଁ ।

୧୨୩. ତେବେ ଏହାର ଅର୍ଥ ଏହା ନୁହେଁ ଯେ କେନ୍ଦ୍ର ସରକାର ଏବଂ ବିଶେଷ କରି ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ **ରୋଜର ମାଥ୍ୟୁ**(ଉପରୋକ୍ତ)ରେ ଏହି ନ୍ୟାୟାଳୟର ନିର୍ଦ୍ଦେଶକୁ ପାଳନ କରିପାରିବେ ନାହିଁ । ୧୩ ନଭେମ୍ବର ୨୦୧୯ ରେ ଏହି ରାୟ ପ୍ରକାଶ ପାଇଥିଲା । ଏହା ପରେ ତିନି ବର୍ଷରୁ ଅଧିକ ସମୟ ଅତିବାହିତ ହୋଇଯାଇଛି ଏବଂ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ନ୍ୟାୟିକ ପ୍ରଭାବ ଆକଳନ କରିନାହିଁ ।

୧୨୪. ଏକ ଆକଳନ ଯାହାକୁ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ତାହା କେବଳ ନ୍ୟାୟ ପ୍ରଦାନରେ ଆସୁଥିବା ପ୍ରତିବନ୍ଧକ ଉପରେ ଆଲୋକପାତ କରିବ । ଆକଳନର ଅଭାବ ସମଗ୍ର ଦେଶରେ ନ୍ୟାୟାଧିକରଣ ସମ୍ବନ୍ଧରେ କୌଣସି ସୁଚିନ୍ତିତ, ବୁଦ୍ଧିମତ୍ତାପୂର୍ଣ୍ଣ ପଦକ୍ଷେପକୁ ବାଦ ଦେଇଥାଏ ।ଅପର ପକ୍ଷେ, ନାଗରିକମାନଙ୍କ ପାଇଁ ଏହାର ନକରାତ୍ମକ ପ୍ରଭାବ ରହିଥାଏ, ଯାହା ନ୍ୟାୟ ପାଇବାକୁ ଏକ ସୁପରିଚାଳିତ ସାଧନରୁ ବଞ୍ଚିତ କରିଥାଏ । ତେଣୁ ଆମେ **ରୋଜର ମାଥ୍ୟୁ** (ଉପରୋକ୍ତ) ରେ ଏହି ନ୍ୟାୟାଳୟର ନିର୍ଦ୍ଦେଶକୁ ଦୋହରାଉଛୁ ଏବଂ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ଯଥାଶୀଘ୍ର ନ୍ୟାୟିକ ପ୍ରଭାବ ଆକଳନ କରିବା ପାଇଁ ନିର୍ଦ୍ଦେଶ ଦେଉଛୁ ।

[42] ଅନୁଚ୍ଛେଦ ୧୮୫, ୨୨୨, ୨୨୩.୭, ୨୩୪, ୩୮୭ – ୩୯୦ ଦେଖନ୍ତୁ

୧୧. <u>ବିବିଧ ଯୁକ୍ତି</u>

୧୨୫. ଏକ ବିବିଧ ବିବାଦ ଉପରେ ବିଚାର କରାଯିବାର ଅଛି ।

୧୨୬. ଆବେଦନକାରୀମାନେ ଦର୍ଶାଇଛନ୍ତି ଯେ ଓଏଟି ଉଚ୍ଛେଦ କରାଯିବାର ତଥାକଥିତ ପ୍ରକୃତ କାରଣ ହେଲା ଅନେକ ଶୀର୍ଷ ଶ୍ରେଣୀ ଅଧିକାରୀ ଓଏଟି ନିକଟରେ ଅବମାନନା ଅଭିଯୋଗର ସାମ୍ନା କରିଥିଲେ, କାରଣ ସେମାନେ ଏହାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲେ । ଏହା କୁହାଯାଇଛି ଯେ ଏହି ଅଧିକାରୀମାନେ ଓଏଟି ଉଚ୍ଛେଦ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରଭାବିତ କରିଥିଲେ । ଆବେଦନକାରୀମାନେ ଯୁକ୍ତି ବାଢିଛନ୍ତି ଯେ ରାଜ୍ୟ ଓ କେନ୍ଦ୍ର ସରକାର ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିବା ଜବାବି ସତ୍ୟପାଠରେ ଏହି ଅଭିଯୋଗକୁ ଖଣ୍ଡନ କରିନଥିଲେ ଏବଂ 'ଅନତିକ୍ରମ୍ୟ' କାରଣ ହେତୁ ଏହି ଅଭିଯୋଗ ସତ୍ୟ ।

୧୨୭. ନଥିପତ୍ରରେ ଏପରି କିଛି ନାହିଁ ଯାହା ଆବେଦନକାରୀଙ୍କ ଅଭିଯୋଗର ସତ୍ୟତାକୁ ସୂଚାଏ କିମ୍ବା ଏପରି ଏକ ଅଭିଯୋଗର ସତ୍ୟତାର ସମ୍ଭାବନାକୁ ଇଙ୍ଗିତ କରେ । ଏହା ସମ୍ପୂର୍ଣ୍ଣ ଭାବେ ନିରାଧାର ଏବଂ ଓଏଟି ଉଚ୍ଛେଦ ଲାଗି ସେମାନଙ୍କ ଆହ୍ୱାନକୁ ବଜାୟ ରଖିବା ଲାଗି ଏହା ଏକ ଅନ୍ତିମ ପ୍ରୟାସ ଭଳି ଲାଗୁଛି । ଯେ କୌଣସି ପରିସ୍ଥିତିରେ, ଏପରି ଦୃଢୋକ୍ତି ତର୍କକୁ ଭୁଲ ବୋଲି ଧାରଣା ଦେଇଥାଏ । ଓଏଟି ନିକଟରେ ବିଚାରାଧୀନ ଥିବା ସମସ୍ତ ମାମଲା ବିନା କୌଣସି ବ୍ୟତିକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରାଯିବା।ଏଥିରେ ଅବମାନନା ମାମଲା ସାମିଲ ରହିଛି । ତେଣୁ ଓଏଟି ଉଚ୍ଛେଦ କରାଯିବା ଫଳରେ ଅବମାନନା କାର୍ଯ୍ୟକଳାପକୁ ଏଡ଼ାଇବା ଅଧିକାରୀମାନଙ୍କ କିମ୍ବା ଅନ୍ୟମାନଙ୍କ ପକ୍ଷରେ ସମ୍ଭବପର ହୋଇପାରିବ ନାହିଁ ।

**ଭାଗ – ଙ**

**ଙ. ନିଷ୍କର୍ଷ ଏବଂ ଉପସଂହାର**

୧୨୮. ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି, ଆମେ ମତ ପୋଷଣ କରୁଛୁ ଯେ ଓଏଟି ଉଚ୍ଛେଦ ନିମ୍ନଲିଖିତ କାରଣଗୁଡ଼ିକ ପାଇଁ ସାମ୍ବିଧାନିକ ଭାବେ ବୈଧ ଥିଲା :

କ. ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଦାୟର କରାଯାଇଥିବା ରିଟ ପିଟିସନ ବିଚାରଯୋଗ୍ୟ ଥିଲା କାରଣ ଆବେଦନକାରୀମାନେ ଦାବି କରିଥିଲେ ଯେ ସେମାନଙ୍କ ସାମ୍ବିଧାନିକ

ଅଧିକାର ଉଲ୍ଲଘଂନ ହୋଇଥିଲା । ତେଣୁ ସେମାନେ ସମ୍ବିଧାନର ଧାରା ୨୨୬ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାରକୁ ଆହ୍ୱାନ କରିବାର ହକଦାର ଥିଲେ ;

ଖ. ଅନୁଚ୍ଛେଦ ୩୨୩-କ କେନ୍ଦ୍ର ସରକାରଙ୍କୁ ସ୍ୟାଟ ଗୁଡିକୁ ଉଚ୍ଛେଦ କରିବାରେ ବାରଣ କରେନାହିଁ, କାରଣ ଏହା ଏକ ସକ୍ରିୟ ବ୍ୟବସ୍ଥା ଯାହା କେନ୍ଦ୍ର ସରକାରଙ୍କୁ ଏହାଙ୍କ ବିବେକ ଅନୁସାରେ ଏକ ପ୍ରଶାସନିକ ନ୍ୟାୟାଧିକରଣ ପ୍ରତିଷ୍ଠା କରିବାର କ୍ଷମତା ପ୍ରଦାନ କରିଥାଏ (ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଅନୁଯାୟୀ ସମ୍ପୃକ୍ତ ରାଜ୍ୟ ସରକାରଙ୍କଠାରୁ ଅନୁରୋଧ ପାଇବା ପରେ) । ପ୍ରଶାସନିକ ନ୍ୟାୟାଧିକରଣ ପ୍ରତିଷ୍ଠା କରିବାକୁ କ୍ଷମତାର ନ୍ୟାୟିକ ଏବଂ ବାସ୍ତବିକ ସନ୍ଦର୍ଭ, ଏହି କ୍ଷମତାର ଉଦ୍ଦେଶ୍ୟ ଏବଂ ବିଧାନ ମଣ୍ଡଳର ଉଦ୍ଦେଶ୍ୟ ପ୍ରମାଣିତ କରେ ଯେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ ଦ୍ୱାରା ପ୍ରଦତ୍ତ ଅଧିକାରର ପ୍ରୟୋଗ କରିବାର କୌଣସି କର୍ତ୍ତବ୍ୟ ନାହିଁ, ଯାହାଦ୍ୱାରା ସକ୍ରିୟ ବ୍ୟବସ୍ଥା ଏକ ବାଧ୍ୟତାମୂଳକ ବ୍ୟବସ୍ଥାରେ ପରିଣତ ହେବ ;

ଗ. ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ଧାରା ୪(୨) ସହିତ ପଠିତ ସାଧାରଣ ଖଣ୍ଡ ଅଧିନିୟମର ଧାରା ୨୧ ଆହ୍ୱାନ କରି ଓଏଟି ପ୍ରତିଷ୍ଠା ଲାଗି ଅଧିସୂଚନାକୁ ପ୍ରତ୍ୟାହାର କରିବା ଲାଗି କେନ୍ଦ୍ର ସରକାର ନିଜର କ୍ଷମତାର ବୈଧ ପ୍ରୟୋଗ କରିଥିଲେ କାରଣ ଓଏଟି ପ୍ରତିଷ୍ଠା କରିବାର ନିଷ୍ପତ୍ତି ଏକ ପ୍ରଶାସନିକ ନିଷ୍ପତ୍ତି ଥିଲା ଏବଂ ଏହା ଏକ ଅର୍ଦ୍ଧ-ନ୍ୟାୟିକ ନିଷ୍ପତ୍ତି ନଥିଲା । ଅଧିକନ୍ତୁ, ସାଧାରଣ ଖଣ୍ଡ ଅଧିନିୟମର ଧାରା୨୧ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମର ବିଷୟବସ୍ତୁ , ପ୍ରସଙ୍ଗ ଏବଂ ପ୍ରଭାବ ବିରୋଧୀ ନୁହେଁ ଏବଂ ଏହାର ଯୋଜନା ଏବଂ ଉଦ୍ଦେଶ୍ୟ ସହିତ ସୁସଂଗତ ରହିଛି ;

ଘ. ୨ ଅଗଷ୍ଟ, ୨୦୧୯ ରେ ଜାରି ଅଧିସୂଚନା, ଯାହା ଦ୍ୱାରା ଓଏଟି ଉଚ୍ଛେଦ ହୋଇଥିଲା, ସମ୍ବିଧାନର ଧାରା ୧୪ ର ଉଲ୍ଲଘଂନ କରୁନାହିଁ । ଓଏଟି ଉଚ୍ଛେଦ କରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ନିଷ୍ପତ୍ତିରେ ରାଜ୍ୟ ସରକାର କୌଣସି ଅପ୍ରାସଙ୍ଗିକ କିମ୍ବା ବାହ୍ୟ କାରଣକୁ ବିବେଚନା କରିନଥିଲେ । ଓଏଟି ଉଚ୍ଛେଦ କରିବାର ନିଷ୍ପତ୍ତି ସ୍ୱୟଂ ଅସଙ୍ଗତ କିମ୍ବା ଏତେ ଅଯୌକ୍ତିକ ନୁହେଁ ଯେ କୌଣସି ବିଚାରବନ୍ତ ବ୍ୟକ୍ତି ଏହାକୁ ନେଇନଥାନ୍ତେ ;

ଙ. ପ୍ରାକୃତିକ ନ୍ୟାୟ ସିଦ୍ଧାନ୍ତକୁ ଉଲ୍ଲଂଘନ କରାଯାଇନଥିଲା କାରଣ ଓଏଟି ଉଚ୍ଛେଦ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଥିବା ଲୋକମାନଙ୍କର ଶୁଣିବାର ଅଧିକାର ନଥିଲା ।

ନୀତିଗତ ନିଷ୍ପତ୍ତି ନେବା ପୂର୍ବରୁ ସାଧାରଣ ଜନତାଙ୍କ (କିମ୍ବା ଏହାର କିଛି ଅଂଶ) ଶୁଣିବାର ଅଧିକାର ନଥିଲା ;

ଚ. ଓଏଟି ପ୍ରତିଷ୍ଠା ହେବା ପରେ କେନ୍ଦ୍ର ସରକାର ଅଧିକାରହୀନ ହୋଇନଥିଲେ କାରଣ ଯେଉଁଥିରେ ସରକାର ନୀତି ପ୍ରଣୟନ ଏବଂ କାର୍ଯ୍ୟକାରୀ କରୁଛନ୍ତି ସେଥିରେ ସାଧାରଣତଃ ଏହି ମତବାଦ ଲାଗୁ କରାଯାଇପାରିବ ନାହିଁ ;

ଛ. ୨ ଅଗଷ୍ଟ, ୨୦୧୯ ରେ ଜାରି ଅଧିସୂଚନା ବୈଧ, ଯଦିଓ ଏହା ରାଷ୍ଟ୍ରପତିଙ୍କ ନାମରେ ବ୍ୟକ୍ତ କରାଯାଇନାହିଁ, କାରଣ ସମ୍ବିଧାନର ଅନୁଚ୍ଛେଦ ୭୭ ର ଅନୁପାଳନ ନ କରିବା ଦ୍ୱାରା କୌଣସି ଅଧିସୂଚନାକୁ ଅମାନ୍ୟ କରାଯାଏ ନାହିଁ କିମ୍ବା ଏହାକୁ ଅସାମ୍ବିଧାନିକ ଘୋଷଣା କରାଯାଏ ନାହିଁ ;

ଜ. ଓଏଟି ଉଚ୍ଛେଦ ନ୍ୟାୟ ପାଇବାର ମୌଳିକ ଅଧିକାରକୁ ଉଲ୍ଲଙ୍ଘନ କରେନାହିଁ କାରଣ ଓଏଟି ଉଚ୍ଛେଦ ହେବା ପୂର୍ବରୁ ଓଏଟି ନିକଟରେ ବିଚାରାଧୀନ ଥିବା ମାମଲାଗୁଡ଼ିକର ଶୁଣାଣି ଓଡ଼ିଶା ଉଚ୍ଚ ନ୍ୟାୟାଳୟ କରିବେ ;

ଝ. ରାଜ୍ୟ ସରକାର ନିଜ ଭୁଲର ଫାଇଦା ନେଇନଥିଲେ କାରଣ ସେମାନେ ଓଏଟି କୁ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେବା ପରେ ହିଁ ଖାଲି ଥିବା ପଦବୀ ପୂରଣ କରିବା ବନ୍ଦ କରିଦେଇଥିଲେ । ଓଏଟି ବ୍ୟବସ୍ଥାକୁ ଉଚ୍ଛେଦ କରିବା ଲାଗି ଏହାର ନିଷ୍କ୍ରିୟତା ଦ୍ୱାରା ସୃଷ୍ଟି ହୋଇଥିବା ଖାଲି ପଦବୀ (ଏବଂ ତଦନୁସାରେ ବୃଦ୍ଧି ପାଇଥିବା ବିଚାରାଧୀନତା) ଉପରେ ଏହା ନିର୍ଭର କରିନଥିଲା ; ଏବଂ

ଞ. ଓଏଟି ଉଚ୍ଛେଦ ପୂର୍ବରୁ ନ୍ୟାୟିକ ପ୍ରଭାବ ଆକଳନ କରିବାରେ କେନ୍ଦ୍ର ସରକାରଙ୍କ ବିଫଳତା ଓଏଟି ଉଚ୍ଛେଦ ନିମିତ୍ତ ଏହାଙ୍କ ନିଷ୍ପତ୍ତି କୁ ଅସିଦ୍ଧ କରୁନାହିଁ କାରଣ **ରୋଜର ମାଥ୍ୟୁ** (ଉପରୋକ୍ତ) ରେ ଦିଆଯାଇଥିବା ନିର୍ଦ୍ଦେଶ ଏକ ସାଧାରଣ ପ୍ରକୃତିର ଥିଲା ଏବଂ ନ୍ୟାୟିକ ପ୍ରଭାବ ଆକଳନ ଅନୁପସ୍ଥିତିରେ ଓଏଟି ଭଳି ନିର୍ଦ୍ଦିଷ୍ଟ ନ୍ୟାୟାଧିକରଣ ଉଚ୍ଛେଦ ଉପରେ ପ୍ରତିବନ୍ଧକ ଲଗାଇନଥିଲା । ତେବେ, **ରୋଜର ମାଥ୍ୟୁ**(ଉପରୋକ୍ତ)ରେ ଏହି ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ଏକ ନ୍ୟାୟିକ ପ୍ରଭାବ ଆକଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

୧୨୯. ୨ ଅଗଷ୍ଟ, ୨୦୧୯ ରେ ଯେଉଁ ଅଧିସୂଚନା ଜରିଆରେ ଓଏଟି ଉଚ୍ଛେଦ କରାଯାଇଥିଲା, ତାହାର ସାମ୍ବିଧାନିକ ବୈଧତା ବିରୋଧରେ ହୋଇଥିବା ଆହ୍ୱାନକୁ

ଖାରଜ କରାଯାଇଛି । ଉଲ୍ଲିଖିତ ଉପରୋକ୍ତ ନିର୍ଣ୍ଣୟ ଆଧାରରେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ସକାରାତ୍ମକ ହେବ । ଅପିଲ ଗୁଡିକୁ ଖାରଜ କରାଯାଇଛି ।

୧୩୦. ଯଦି ବିଚାରାଧୀନ ଆବେଦନ କିଛି ଥାଏ ସେଗୁଡିକୁ ନିକାଶ କରାଗଲା ।

**[ଡ. ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼]**
**ଭାରତର ମାନ୍ୟବର ପ୍ରଧାନ ବିଚାରପତି**

**[ହିମା କୋହଲି]**
**ମାନ୍ୟବର ବିଚାରପତି**

**ନୂଆଦିଲ୍ଲୀ**
**ମାର୍ଚ୍ଚ ୨୧,୨୦୨୩**

**<u>ଅସ୍ୱୀକାର ପତ୍ର</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**Translated By**
Shri Subodh Rout
Translator, High Court of Orissa, Cuttack.